


୨୦ରେ 'କାନ୍ତାରା ଚାପ୍ଟର୍ ୧' ଟ୍ରେଲର୍
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-83 ◆TUESDAY ◆16 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୮୩ ◆ମଙ୍ଗଳବାର ◆୧୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନେପାଳରେ ଟେଣ୍ଟ ଭିତରେ ଚାଲୁଛି ସୁପ୍ରିମକୋର୍ଟ


■ **କାଠମାଣ୍ଡୁ, ୧୫।୯ (ଏଜେନ୍ସି):** ନେପାଳ ହିଂସାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ସୁପ୍ରିମକୋର୍ଟ। ହଜାର ହଜାର ମାମଲାର ରେକର୍ଡ ଜଳି ଯାଇଛି କିମ୍ବା ହଜି ଯାଇଛି। କୋର୍ଟଙ୍କ କାର୍ଯ୍ୟ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ପରିସ୍ଥିତି ଶାନ୍ତ ହେବା ପରେ ସୋମବାର ଖୋଲିଥିବା ସୁପ୍ରିମକୋର୍ଟ କୋଠା ବଦଳରେ ଟେଣ୍ଟ ବା ତମ୍ବୁ ତଳେ ଚାଲିଛି। ତେବେ ସ୍ୱାଭାବିକ ଭାବେ ଶୁଣାଣି ଆରମ୍ଭ ହୋଇପାରି ନାହିଁ। ସୁପ୍ରିମକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ପୂର୍ଣ୍ଣମାନ ଶାକ୍ୟ କହିଛନ୍ତି, ଅଗ୍ନିକାଣ୍ଡରେ ପ୍ରାୟ ୨୬,୦୦୦ ବିଚାରାଧୀନ ମାମଲାର ଫାଇଲ୍ ଏବଂ ୩୬,୦୦୦ରୁ ଅଧିକ ପୁରୁଣା ମାମଲାର ରେକର୍ଡ ନଷ୍ଟ ହୋଇଯାଇଛି। ଏହି କାରଣରୁ ଅନେକ ମାମଲାର ଶୁଣାଣି ସ୍ଥଗିତ ରଖାଯାଇଛି। ଆବେଦନକାରୀଙ୍କୁ ବର୍ତ୍ତମାନ ଅତିରିକ୍ତ ତାରିଖ ଦିଆଯାଉଛି।



ନେପାଳ ଓକିଲ ସଂଘ ସଭାପତି ବିଜୟ ପ୍ରସାଦ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ଏପରି ପରିସ୍ଥିତିରେ କୋର୍ଟ ପୂର୍ଣ୍ଣ କ୍ଷମତାରେ କାମ କରିପାରିବ ନାହିଁ। ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବା ପରେ ସମ୍ପୂର୍ଣ୍ଣ ଭାବରେ କାମ ଆରମ୍ଭ ହେବ।

## ୩ ମିନିଟ୍‌ରେ ଭଙ୍ଗା ହାଡ଼ ଯୋଡ଼ିଦେବ 'ବୋନ୍ ଗ୍ଲୁ'

■ **ବେଜିଂ, ୧୫।୯ (ଏଜେନ୍ସି):** ଆଉ ହାଡ଼ ଯୋଡିବା ପାଇଁ ପ୍ଲାଷ୍ଟର କିମ୍ବା ମେଟାଲ ରଡ୍, ଫିଲର୍ସର ଆବଶ୍ୟକତା ପଡ଼ିବ ନାହିଁ। ଭଙ୍ଗା ହାଡ଼ ଯୋଡ଼ିବା ପାଇଁ ଚୀନର ବୈଜ୍ଞାନିକମାନେ ଅଠା ଭଳି ଏକ ପେଷ୍ଟ ପ୍ରସ୍ତୁତ କରିଛନ୍ତି। ଏହି ପେଷ୍ଟର ପ୍ରଲେପ ତିନି ମିନିଟରେ ଭଙ୍ଗା ହାଡ଼କୁ ଯୋଡ଼ି ଦେଉଛି। ଚୀନ୍ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଏହି ବୋନ୍ ଗ୍ଲୋରର ନାମ 'ବୋନ-୨' ରଖାଯାଇଛି। ଚୀନ୍‌ର ଝେଜିଆଙ୍ଗ ୟୁନିଭର୍ସିଟି ସହ ଜଡ଼ିତ ସାର୍ ରନ୍ ରନ୍ ସା ହସ୍ପିଟାଲର ଡାକ୍ତରମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ୧୫୦ ରୋଗୀଙ୍କ ଉପରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ଡାକ୍ତର ଲିନ୍ ଏହି ଗବେଷଣାର ନେତୃତ୍ୱ ନେଇଥିଲେ। ଶାମୁକାକୁ ଦେଖି ତାଙ୍କୁ ଏହି ଗ୍ଲୋ ପ୍ରସ୍ତୁତ କରିବା ପାଇଁ ପ୍ରେରଣା ମିଳିଥିଲା। ଜୋରରେ ଲହଡି ଆସିଲେ ମଧ୍ୟ ଶାମୁକା ପୋଲରେ ସେମିତି ଲାଖି ରହିଥାଏ। ଏହା ନିଜ ପାଦରୁ ଏକ ପ୍ରକାରର ପ୍ରଲେପ ବାହାର କରିଥାଏ। ଏହା ପଥର କିମ୍ବା ପୋଲ ସହ ଲାଖି ରହିଥାଏ। ଏଥିରେ ୧୦ ପ୍ରତିଶତ ପ୍ରୋଟିନ ଏବଂ ୯୦ ପ୍ରତିଶତ ପର୍ଯ୍ୟନ୍ତ କ୍ୟାଲିସିୟମ କାର୍ବୋନେଟ ଥାଏ। ଯେତେ ପାଣି ଢାଳିଲେ ବି ଏହା ଛାଡ଼େ ନାହିଁ। ଏହି ଜ୍ଞାନକୌଶଳର ନକଲ କରି ହାଡ଼ ଯୋଡ଼ିବା ପାଇଁ ଏହି ଗ୍ଲୋ ପ୍ରସ୍ତୁତ କରାଯାଇଛି।



## ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ତ୍ରୁଟି ଥିଲେ ଏସ୍‌ଆଇଆର୍ ରଦ୍ଦ

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** ଭାରତର ନିର୍ବାଚନ କମିସନ ହେଉଛନ୍ତି ଏକ ସାମ୍ବିଧାନିକ ସଂସ୍ଥା। କମିସନ ଦ୍ୱାରା ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ଆଇନ ଅନୁଯାୟୀ ଚାଲିଛି ବୋଲି ଭାବିନେବା ସ୍ୱାଭାବିକ। ତେବେ କୌଣସି ସ୍ତରରେ ଟିକିଏ ହେଲେ ଆଇନ ବିରୋଧୀ କାମ ହୋଇଥିବା ଧରାପଡ଼ିଲେ ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାକୁ ରଦ୍ଦ କରି ଦିଆଯିବ ବୋଲି ସୁପ୍ରିମ କୋର୍ଟ ଆଜି ନିର୍ବାଚନ କମିସନଙ୍କୁ ଚେତାବନୀ ଶୁଣାଇଦେଇଛନ୍ତି। ସୁପ୍ରିମ କୋର୍ଟଙ୍କ ଏହି ଆଦେଶ କେବଳ ବିହାର ନୁହେଁ, ସମଗ୍ର ଦେଶରେ ଲାଗୁହେବ।



ବିହାରରେ ଏସ୍‌ଆଇଆର୍‌କୁ ବିରୋଧ କରି ଆଗତ ପିଟିସନର ଶୁଣାଣି ବେଳେ ଏଭଳି ଚେତାବନୀ ଦେଇଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ। ଆସନ୍ତା ଅକଟୋର ୭ ତାରିଖକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରି ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଏହି ପ୍ରକ୍ରିୟା ଉପରେ ଆମେ ମୌଣସି ମତାମତ ଦେଉନୁ। କିନ୍ତୁ ବିହାର ଏସ୍‌ଆଇଆର୍ ଉପରେ କୋର୍ଟ ଯେଉଁ ରାୟ ଦେବେ, ତାହା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହେବ। ସେପଟେମ୍ବର ୩୦ ତାରିଖରେ ଯେଉଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ତାହାର ପ୍ରଭାବ କୋର୍ଟ ରାୟ ଉପରେ ପଡ଼ିବ ନାହିଁ। ଏହା ଆମ ପାଇଁ କିଛି ଫରକ ପଡ଼ିବ ନାହିଁ। ପ୍ରକ୍ରିୟାରେ ଆଇନ ବିରୋଧୀ କାମ ହୋଇଛି ବୋଲି କୋର୍ଟର ହୃଦବୋଧ ହେଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ। ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ନିର୍ବାଚନ କମିସନଙ୍କୁ ବାରଣ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି କୋର୍ଟ କହିଲେ ଚୂଡାନ୍ତ ଶୁଣାଣି ଦିନ ଆବେଦନକାରୀ ଏହା ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ। ବିହାର ଏସ୍‌ଆଇଆର୍ ମାମଲା କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଅନ୍ୟ ରାଜ୍ୟରେ ଏହି ପ୍ରକ୍ରିୟା ▶ପୃଷ୍ଠା-୭

## ୱାକଫ୍ ଆଇନ ବ୍ୟବସ୍ଥାରେ ସୁପ୍ରିମ୍‌କୋର୍ଟଙ୍କ ଆଂଶିକ ରୋକ୍

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୱାକଫ୍ ସଂଶୋଧନ ଆଇନ, ୨୦୨୫ ଉପରେ ସାମଗ୍ରିକ ଭାବେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ନୂଆ ଆଇନର କେତେକ ବ୍ୟବସ୍ଥାରେ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ।

ମାମଲାର ବିଚାର କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ଯେଉଁ କେତେକ ବ୍ୟବସ୍ଥା ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ସେଥିମଧ୍ୟରେ

**ୱାକଫ୍ ବିଚାର କ୍ଷମତା ଜିଲ୍ଲାପାଳଙ୍କର ନାହିଁ**

**ସଂପତ୍ତି ଦାନ ପାଇଁ ୫ ବର୍ଷ ଧରି ମୁସ୍‌ଲିମ୍ ହେବା ଜରୁରି ନୁହେଁ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସଲିମ ରହିବା ଉଚିତ**

ରହିଛି ଜିଲ୍ଲାପାଳଙ୍କ କ୍ଷମତା। କୋର୍ଟ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସଂପତ୍ତି ୱାକଫ କି ନୁହେଁ, ତାହା ଜିଲ୍ଲାପାଳ ▶ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

# ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ !

■ **ବ୍ରହ୍ମଗିରି, ୧୫।୯ (ସମିସ):** ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ। ବ୍ରହ୍ମଗିରି ପ୍ରସିଦ୍ଧ ଶକ୍ତିପୀଠ ମା' ବାଲିହରିଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ତେବେ ଏ ସଂପର୍କରେ ପୁଲିସ ମୁହଁ ଖୋଲୁନି। ତେବେ ଏହି ଘଟଣାରେ ବ୍ରହ୍ମଗିରି ଏବଂ ସଦର ଥାନା ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଆଉ ଜଣେ ଫେରାର୍ ଥିବା ସୂଚନା ମିଳିଛି। ଅପରପକ୍ଷେ, ଆଜି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି।



ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପ୍ରେମୀଯୁଗଳ ବାଲିହରଚଣ୍ଡୀ ବୁଲିବାକୁ ଆସିଥିଲେ। ସେମାନେ ମା'ଙ୍କୁ ଦର୍ଶନ କରିସାରିବା ପରେ ସମୁଦ୍ର କୂଳକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ସମୁଦ୍ର କୂଳକୁ ଯିବାକୁ ହେଲେ ଏକ ନଦୀ ପାର୍ ହେବାକୁ ପଡ଼ିଥାଏ। ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ଡଙ୍ଗାରେ ନଦୀ ପାର୍ କରାଇଥିଲେ। କିନ୍ତୁ ନଦୀ ଅପରପାର୍ଶ୍ୱରେ ପହଞ୍ଚିବା ପରେ ଯୁବକମାନଙ୍କ ସ୍ୱଭାବ ବଦଳି ଯାଇଥିଲା। ସେମାନେ ପ୍ରେମିକକୁ ଏକ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ପ୍ରେମିକାକୁ ଗଣଦୁଷ୍କର୍ମ କରିଥିଲେ। ପ୍ରେମୀଯୁଗଳ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ। ପ୍ରାୟ ଅଧଘଣ୍ଟା ଧରି ୪ ଯୁବକ ପାଶବିକ ଅତ୍ୟାଚାର କରି ଚାଲିଥିଲେ। ଏହାପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ପରେ ପ୍ରେମୀଯୁଗଳ ବାଲିହରଚଣ୍ଡୀ ପୀଠକୁ ଆସି ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସ୍ୱେଶାଲ ସ୍କ୍ୱାଡ୍, ବ୍ରହ୍ମଗିରି ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଫେରାର୍ ହୋଇଯାଇଛି। ତେବେ ପୁଲିସ ମଧ୍ୟ ଯଥାସମ୍ଭବ ଏହି ଘଟଣାକୁ ▶ପୃଷ୍ଠା-୭

# କ୍ଷୀର-ନୀର; ସବୁ ବିଷ

## ନଷ୍ଟ କରାଗଲା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀର

■ **ଡିଗିରିଆ, ୧୫।୯ (ସମିସ):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁଷ୍ପଙ୍ଗିରେ ଜବତ ହୋଇଥିବା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀରକୁ ଆଜି ପୁଲିସ ନଷ୍ଟ କରିଛି। ସୋମବାର ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଟ୍ୟାଙ୍କର୍ ମଧ୍ୟରେ ଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରକୁ ଅପରାହ୍ଣରେ ତଦନ୍ତକାରୀ ଅଧିକାରୀ ଏସଆଇ ତନୁଶ୍ରୀ ସାହୁ, ଆଇଆଇସି ତପନ କୁମାର ପତ୍ରି ଓ ସାଇଣ୍ଟିଫିକ ଟିମଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ଥାନା ନିକଟ ସାଉରିଆ ଗ୍ରାମ ପାର୍ଶ୍ୱରେ ଥିବା ଏକ ବନ୍ଦପଥର ଖାଦାନ ଭିତରେ ଢ଼ଳା ଯାଇଥିଲା। କାଳେ ଏହି କ୍ଷୀରକୁ କେହି ଜୀବଜନ୍ତୁ ଖାଇବେ ▶ପୃଷ୍ଠା-୭



## ପିଇବା ଯୋଗ୍ୟ ନୁହେଁ ୱାଟ୍‌କୋ ପାଇପ୍ ପାଣି

■ **ସମ୍ବଲପୁର, ୧୫।୯ (ସମିସ):** ସମ୍ବଲପୁରରେ ପାଇପ୍ ଯୋଗେ ଘରକୁ ଘର ଯୋଗାଣ ହେଉଥିବା ପାନୀୟ ଜଳ ପିଇବାଯୋଗ୍ୟ ନୁହେଁ। ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କଲେ, ଜଣ୍ଡିସ, ଡାଇରିଆ ଭଳି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଏପରି ଚିନ୍ତା ପ୍ରକଟ କରିବା ସହ ଚିଠି ଲେଖି ୱାଟ୍‌କୋକୁ ସଚେତନ କରାଇଛନ୍ତି। ସୂଚନାନୁସାରେ, ମହାନଗର ନିଗମ ଅନ୍ତର୍ଗତ ପଡ଼ାଗୁଡ଼ିକରେ ୱାଟ୍‌କୋ ପକ୍ଷରୁ ପାଇପ୍ ଯୋଗେ ପାଣି ଦିଆଯାଉଛି। ▶ପୃଷ୍ଠା-୭

**ସଚେତନ କଲା ଜନସ୍ୱାସ୍ଥ୍ୟ ବିଭାଗ; ସତର୍କ ନ ହେଲେ ୨୦୧୪ ପରି ଜଣ୍ଡିସ ସ୍ଥିତି ସୃଷ୍ଟି ହେବ**

## ସାର ସଙ୍କଟ

# ରାଜଧାନୀରେ ଗର୍ଜିଲା ବିଜେଡି

## ରାଜଭବନ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ



■ **ଭୁବନେଶ୍ୱର, ୧୫।୯ (ସମିସ):** ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ଥିବା ସରକାର ଦାବି କରୁଛନ୍ତି; ଅଥଚ ଓଡ଼ିଶାର ଚାଷୀ ସାର ପାଇଁ ଦହଗଞ୍ଜ ହେଉଛି। ସାର ବସ୍ତାଏ ପାଇଁ ଚାଷୀକୁ ରାତି ରାତି ଅନିଦ୍ରା ହୋଇ ପାକ୍ସ ଓ ଲାମ୍ପ୍ସ ସାମ୍ନାରେ ଧାଡ଼ି ଲଗାଇବାକୁ ପଡୁଛି। ଅନ୍ୟପକ୍ଷରେ ଚୋରାବେପାରୀମାନେ କଳାବଜାରରେ ଚଢ଼ା ଦରରେ ସାର ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

**କମ୍ ଧାନ କିଣିବାକୁ ସାର ଅଭାବ ଷଡ଼ଯନ୍ତ୍ର**

**କଳାବଜାରୀ ରୋକିବାରେ ସରକାର ବିଫଳ**

**ଗତ ଦୁଇ ଦଶନ୍ଧିରେ ଏଭଳି ସମସ୍ୟା ନ ଥିଲା**

ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନ କମାଇବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରି ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜଭବନ ସାମ୍ନାରେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି ▶ପୃଷ୍ଠା-୭

## ସ୍ୱର୍ଗଦ୍ୱାରରେ ଚମତ୍କାର !

# ଶବରେ ପଶିଲା ଜୀବ

■ **ପୁରୀ, ୧୫।୯ (ସମିସ):** ସ୍ୱର୍ଗଦ୍ୱାରରେ ଆଶ୍ଚର୍ଯ୍ୟ। ସମସ୍ତଙ୍କୁ ଚକିତ କଲା ଭଳି ଆଜି ଏକ ଘଟଣା ଘଟିଛି। ଦାହ ପାଇଁ ପରିଜନ ଜଣେ ବୃଦ୍ଧାଙ୍କୁ ସ୍ୱର୍ଗଦ୍ୱାର ଆଣିଥିଲେ। ସତ୍କାର ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଥିଲା। ଏପଟେ ସମ୍ପର୍କୀୟମାନେ ବି କାନ୍ଦବୋବାଳି କରୁଥିଲେ। ହଠାତ୍ ଘଟିଲା ଚମତ୍କାର। ବୃଦ୍ଧାଜଣଙ୍କ ଜୀବିତ ବୋଲି ଜଣାପଡ଼ିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସଙ୍ଗେସଙ୍ଗେ ସ୍ୱର୍ଗଦ୍ୱାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।



**ଜୁଇ ଜଳିବା ଆଗରୁ ଜିଇଁ ଉଠିଲେ ଅଶିତିପର ବୃଦ୍ଧା**

ସୂଚନାନୁଯାୟୀ, ଗଞ୍ଜାମ ପୋଲସରା ଅଞ୍ଚଳର ପି. ଲକ୍ଷ୍ମୀ(୮୬)ଙ୍କ ଶେଷକୃତ୍ୟ ପାଇଁ ପରିବାରଲୋକ ଆଜି ଅପରାହ୍ନ ପ୍ରାୟ ୪ଟାରେ ତାଙ୍କୁ ଏକ ଆମ୍ବୁଲାନ୍ସରେ ସ୍ୱର୍ଗଦ୍ୱାର ଆଣି ଆସିଥିଲେ। ସ୍ୱର୍ଗଦ୍ୱାରର କର୍ମଚାରୀମାନେ ନିୟମ ଅନୁଯାୟୀ ତାଙ୍କ ପରିବାରଙ୍କୁ ମେଡିକାଲ ରିପୋର୍ଟ ମାଗିଥିଲେ। ହେଲେ ପରିବାରଲୋକେ ରିପୋର୍ଟ ଆଣି ନ ଥିଲେ। ତେଣୁ ଶବଦାହ ପ୍ରକ୍ରିୟା ବିଳମ୍ବ ହୋଇଥିଲା। କାଗଜପତ୍ର ଆଣିବା ପାଇଁ ▶ପୃଷ୍ଠା-୭

## ବାଇଶିପାହାଚରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

■ **ପୁରୀ,୧୫।୯(ସମିସ):** ଇଚ୍ଛା ଥିଲା ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିପାଇଁ ପରିବାର ସଦସ୍ୟଙ୍କ ସହ ପୁରୀ ଆସିଥିଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳର ମନ୍ଦାକିନୀ ସାହୁ(୬୫)। ପିଣ୍ଡଦାନ କଲେ ସିନା କିନ୍ତୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଅଧୁରା ରହିଗଲା। ଦର୍ଶନ ପାଇଁ ମନ୍ଦିରକୁ ଯିବା ବେଳେ ବାଇଶିପାହାଚରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ମନ୍ଦାକିନୀଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ଚାଲିଛି ଅପରପକ୍ଷ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରର ▶ପୃଷ୍ଠା-୭



## ନବଜାତକକୁ ନେଇଗଲେ ସ୍ୱାସ୍ଥ୍ୟକର୍ମୀ

### ଧମକ ଚମକ ଦେଇ ମା'କୁ ଡିସ୍‌ଚାର୍ଜ କରିଦେଲେ

■ **ମାଲକାନଗିରି, ୧୫।୯(ସମିସ):** ଚିକିତ୍ସା ପାଇଁ ନବଜାତକକୁ ନେଇ ଆଉ ଫେରାଇଲେନି ସ୍ୱାସ୍ଥ୍ୟକର୍ମୀ। ଏ ସଂପର୍କରେ ପଚରାଉଚରା କରିବାରୁ ଛୁଆ ମରିଯାଇଛି ବୋଲି କହି ଘଉଡ଼ାଇ ଦେଲେ। ଏପରିକି, ପରିବାରଲୋକଙ୍କୁ ଧମକଚମକ ଦେବା ସହ ମା'କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଲେ। ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ବିରୋଧରେ ଆଜି ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ମାଥିଲି ବ୍ଲକ୍ ଅନ୍ତର୍ଗତ କମାରପାଲ୍ଲୀ ଗ୍ରାମର ଲଚୁ କବାସୀଙ୍କ ସ୍ତ୍ରୀ ଆଡମେ ପଡିଆମୀ ଗର୍ଭବତୀ ଥିଲେ। ପ୍ରସବ ବେଦନା ହେବାରୁ ପରିବାରଲୋକ ତାଙ୍କୁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଜୁଲାଇ ୧୮ ତାରିଖ ଅପରାହ୍ଣରେ ଆଡମେ ଏକ କନ୍ୟାସନ୍ତାନ ପ୍ରସବ କରିଥିଲେ। ପ୍ରସବ ପରେ କିଛି ମହିଳା ▶ପୃଷ୍ଠା-୭



**ଦୁଇ ମାସ ପରେ ଲିଖିତ ଅଭିଯୋଗ କଲେ ପରିବାରଲୋକେ**

**ତଦନ୍ତ କରି ନିଆଯିବ ପଦକ୍ଷେପ: ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ**

# ଦୁର୍ଘଟଣା ଘଟାଇବା ପରେ 'ବିଏମ୍‌ଡବ୍ଲ୍ୟୁ' ଡ୍ରାଇଭରଙ୍କ ଅମାନବୀୟ କାଣ୍ଡ



ନୂଆଦିଲ୍ଲୀ, ୧୫।୯(ଏଜେନ୍ସି): କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ଉପ ସଚିବ ନଭଜୋତ ସିଂହ ଦିଲ୍ଲୀ କାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେସନ ନିକଟସ୍ଥ ରିଙ୍ଗ୍ ରୋଡ୍‌ରେ ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଥିରେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି। ତେବେ ପାଖରେ ମେଡିକାଲ ଥାଇ ୧୯ କିମି ଦୂରରେ ଥିବା ମେଡିକାଲକୁ ନେବାରୁ ଉପସଚିବଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପତ୍ନୀ କାନ୍ଦି କାନ୍ଦି କାକୁତିମିନତି କରିବା ସତ୍ତ୍ୱେ ଦୁର୍ଘଟଣା ଘଟାଇଥିବା ବିଏମ୍‌ଡବ୍ଲ୍ୟୁ କାର୍ ଡ୍ରାଇଭର ତାଙ୍କ କଥା ଶୁଣି ନ ଥିଲେ। ଦୁର୍ଘଟଣାସ୍ଥଳରୁ ୧୯ କିମି ଦୂର ଜିଟିବି ନଗରରେ ଥିବା ନ୍ୟୁଲାଇଫ ହସ୍ପିଟାଲକୁ ନେଇଥିଲେ। ନଭଜୋତଙ୍କ ପତ୍ନୀ ସନ୍ଦୀପ କୌର କହିଛନ୍ତି ଯେ ଦୁର୍ଘଟଣା ପରେ କାର୍‌ରେ ନେବା ସମୟରେ ସ୍ୱାମୀ ଚେତାଶୂନ୍ୟ ଥିଲେ। ନିକଟସ୍ଥ ହସ୍ପିଟାଲକୁ

**ପାଖ ହସ୍ପିଟାଲ ଛାଡ଼ି ୧୯ କିଲୋମିଟର ଦୂରକୁ ନେଲେ**
**ଅର୍ଥ ବିଭାଗ ଉପ ସଚିବଙ୍କ ଅକାଳ ମୃତ୍ୟୁ**

ନେବା ପାଇଁ ତାଙ୍କୁ ଅନୁରୋଧ କରିଥିଲି। କିନ୍ତୁ କେହି ମୋ କଥା ଶୁଣି ନ ଥିଲେ। ଯଦି ପାଖରେ ଥିବା ହସ୍ପିଟାଲକୁ ନିଆଯାଇଥାନ୍ତା ତେବେ ତାଙ୍କର ଜୀବନ ବଞ୍ଚି ଯାଇଥାନ୍ତା।

ଗତକାଲି ନଭଜୋତ ଓ ତାଙ୍କ ପତ୍ନୀ ବାଇକରେ ଯାଉଥିବା ବେଳେ ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେଇଥିଲା। ଏହାପରେ କାର୍ ଓଲଟିଯାଇଥିଲା। ଏହି ସମୟରେ ଏକ ଭ୍ୟାନ୍ ଡ୍ରାଇଭର ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ଭ୍ୟାନରେ ନଭଜୋତ ଓ ତାଙ୍କ ପତ୍ନୀଙ୍କ ସମେତ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତ ବି ଥିଲେ। ଭ୍ୟାନ୍ ଡ୍ରାଇଭର ସେମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲକୁ ନେଉଥିବା ବେଳେ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତ ତାଙ୍କୁ ୧୯ କିମି ଦୂରରେ ଥିବା ନ୍ୟୁଲାଇଫ୍ ହସ୍ପିଟାଲ ନେବାକୁ ବାଧ୍ୟ କରିଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ନଭଜୋତଙ୍କ ମୃତ୍ୟୁ ଘଟିଥିଲା। ପାଖରେ ହସପିଟାଲ ଥାଉ ଥାଉ ୧୯ କିଲୋମିଟର ଦୂରରେ ଥିବା ହସ୍ପିଟାଲକୁ ସେମାନଙ୍କୁ କାହିଁକି ନିଆଯାଇଥିଲା ବୋଲି ପ୍ରଶ୍ନ ଉଠୁଛି। ପୁଲିସ ଏହାର ଛାନଭିନ୍ ଆରମ୍ଭ କରିବା ସହିତ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତଙ୍କୁ ଗିରଫ କରିଛି। ଗଗନପ୍ରୀତଙ୍କ ସ୍ୱାମୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମହିଳା ଜଣକ ବିଏମ୍‌ଡବ୍ଲ୍ୟୁ ଚଳାଉଥିଲେ ଓ ପାଖରେ ତାଙ୍କ ସ୍ୱାମୀ ବସିଥିଲେ ବୋଲି ଅନୁମାନ କରାଯାଉଛି। କୁହାଯାଉଛି ଯେ ନ୍ୟୁଲାଇଫ୍ ହସ୍ପିଟାଲରେ ଗଗନପ୍ରୀତଙ୍କ ପିତାଙ୍କ ମାଲିକାନା ରହିଛି। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଗଗନପ୍ରୀତ ଆହତ ନଭଜୋତଙ୍କୁ ସେହି ହସ୍ପିଟାଲକୁ ନେଇଥିଲେ।

## ନେପାଳ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ଇସ୍ତଫା ଦାବିକଲା ଜେନ୍-ଜେଡ୍

କାଠମାଣ୍ଡୁ, ୧୦।୯ (ଏଜେନ୍ସି): ନେପାଳର ନବ ନିଯୁକ୍ତ କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଜେନ୍ ଜେଡ୍‌ଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଶପଥ ନେବାର ଦିନକ ପରେ ଜେନ ଜେଡ୍ ଗୋଷ୍ଠୀ ତାଙ୍କ ଇସ୍ତଫା ଦାବି କରିଛନ୍ତି। କ୍ୟାବିନେଟ ସମ୍ପ୍ରସାରଣକୁ ନେଇ ଆନ୍ଦୋଳନକାରୀ କ୍ଷୁବ୍ଧ ହୋଇଛନ୍ତି। ବିକ୍ଷୋଭକାରୀଙ୍କ ମତାମତ ନ ନେଇ ପ୍ରଧାନମନ୍ତ୍ରୀ ମନଇଚ୍ଛା ମନ୍ତ୍ରୀ ଚୟନ କରୁଥିବାରୁ ବିରୋଧ କରିଛନ୍ତି। ଏହାକୁ ନେଇ ରବିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ ଏବଂ ସ୍ଲୋଗାନ ଦେଇଛନ୍ତି। ସୁଦାନ ଗୁରଙ୍ଗ ଏହାର ନେତୃତ୍ୱ ନେଇଛନ୍ତି। ସେ ଧମକ ଦେଇଛନ୍ତି କହିଛନ୍ତି ଯେ ପୁଣିଥରେ ରାସ୍ତାକୁ ଓହ୍ଲାଇଲେ କେହି ଆମକୁ ଅଟକାଇ ପାରିବେ ନାହିଁ। ଯେଉଁ ଆସନରେ ବସାଇଛୁ ସେଥିରୁ ବାହାର କରି ଫୋପାଡ଼ି ଦେବୁ। ବରିଷ୍ଠ ଓକିଲ ଓମ୍‌ପ୍ରକାଶ ଆର୍ଯ୍ୟଲ ସରକାରରେ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ କରିଛନ୍ତି। ଆର୍ଯ୍ୟଲ ନିଜେ ସ୍ୱରାଷ୍ଟ୍ରମନ୍ତ୍ରୀ ହେବାକୁ ପ୍ରୟାସ କରୁଛନ୍ତି। କାଠମାଣ୍ଡୁ ମେୟର ବାଲେନ ଶାହାଙ୍କ ଘନିଷ୍ଠ ଭାବେ ସେ ପରିଚିତ। ଆର୍ଯ୍ୟଲଙ୍କୁ ସ୍ୱରାଷ୍ଟ୍ର ଏବଂ ଆଇନ ମନ୍ତ୍ରୀ, ରାମେଶ୍ୱର ଖନାଲଙ୍କୁ ଅର୍ଥମନ୍ତ୍ରୀ ଏବଂ କୁଲମାନ ଘିସିଙ୍ଗଙ୍କୁ ଶକ୍ତିମନ୍ତ୍ରୀ ଭାବେ ସୁଶୀଳା ନିଯୁକ୍ତି ଦେଇଛନ୍ତି।

## ଉଡ଼ାଣ ପୂର୍ବରୁ ଜୟପୁର-ଦୁବାଇ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜୟପୁର, ୧୫।୯(ଏଜେନ୍ସି): ଜୟପୁର ବିମାନ ବନ୍ଦରରୁ ଦୁବାଇ ଯିବାକୁ ଥିବା ଏୟାରଇଣ୍ଡିଆ ଏକ୍ସପ୍ରେସର ବିମାନରେ ସୋମବାର ଟେକ୍ ଅଫ୍ ପୂର୍ବରୁ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଫଳରେ ବିମାନର ଉଡାଣକୁ ଶେଷ ମୁହୂର୍ତ୍ତରେ ହିଁ ବାତିଲ କରାଯାଇଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସର ଫ୍ଲାଇଟ୍ ଆଇଏକ୍ସ-୧୯୫ ସୋମବାର ସକାଳ ୫ଟା ୫୫ ମିନିଟ୍‌ରେ ଦୁବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଟେକ୍‌ଅଫ୍‌ର ଠିକ୍ ପୂର୍ବରୁ ବିମାନରେ ବୈଷୟିକ ତ୍ରୁଟି ଥିବା ପାଇଲଟ୍‌ଙ୍କୁ ଜଣା ପଡ଼ିଥିଲା। ଏହାପରେ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ୟୁନିଟ୍‌କୁ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ ଓ ବିମାନକୁ ଟ୍ୟାକ୍ସି ୱେରୁ ଆପ୍ରନ ଏରିଆକୁ ଆଣିଥିଲେ। ଇଞ୍ଜିନିୟରମାନେ ବିମାନର ଏହି ବୈଷୟିକ ତ୍ରୁଟି ସୁଧାରିପାରି ନଥିଲେ। ଶେଷରେ ବିମାନର ଉଡାଣକୁ ରଦ୍ଦ କରାଯାଇଥିଲା। ସେହିପରି ଜୟପୁରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ଫ୍ଲାଇଟ୍ ୬ଇ ୫୨୮୨କୁ ବି ଶେଷ ମୁହୂର୍ତ୍ତରେ ରଦ୍ଦ କରାଯାଇଛି।

## ମୁମ୍ବାଇରେ ପ୍ରବଳ ବର୍ଷା; ଟ୍ରାକ୍ ବୁଡ଼ିବାରୁ ଲୋକାଲ ଟ୍ରେନ୍ ବିଳମ୍ବ

ମୁମ୍ବାଇ,୧୫।୯(ଏଜେନ୍ସି): ମୁମ୍ବାଇରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି। ପୁଣି ଆଗକୁ ପ୍ରବଳ ବର୍ଷା ହେବ ଓ ୪୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। ବର୍ଷା କାରଣରୁ ମୁମ୍ବାଇରେ କେତୋଟି ଅଞ୍ଚଳରେ ପାଣି ଭରି ରହିଛି ଓ ଟ୍ରାଫିକ ଜାମ୍ ହୋଇଛି। ଅନ୍ଧେରୀ ସବ୍‌ୱେରେ ଦେଢ଼ ଫୁଟ୍ ପର୍ଯ୍ୟନ୍ତ ପାଣି ଠିଆ ହୋଇଥିବାରୁ ପୁଲିସ ଏହାକୁ ବନ୍ଦ କରିଛି। ସେହିପରି ଦରାର, କୁର୍ଲା ଓ ବାନ୍ଦ୍ରା ଷ୍ଟେସନରେ ପାଣି ଭରି ଯିବାରୁ ସବୁ ଲୋକାଲ ଟ୍ରେନ୍ ୧୦ରୁ ୧୫ ମିନିଟ ବିଳମ୍ବରେ ଚାଲିଥିଲା। ସେହିପରି ହାଇଦରାବାଦ୍‌ରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହବିବ ନଗର ଅଞ୍ଚଳରେ ରବିବାର ରାତିରେ ବର୍ଷା ହେବା ପରେ ଦୁଇ ଜଣ ବନ୍ୟାରେ ଭାସି ଯାଇଛନ୍ତି। ଡିଜାଷ୍ଟର ରେସପନ୍ସ ଫୋର୍ସ (ଡିଆରଏଫ୍) ଟିମ୍ ଏହି ଦୁଇ ଜଣଙ୍କ ସନ୍ଧାନ ଜାରି ରଖିଛି। କିନ୍ତୁ ଏହି ଅଞ୍ଚଳରେ ପାଣି ଏବେ ଜୋର୍‌ରେ ପ୍ରବାହିତ ହେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରବଳ ବର୍ଷା କାରଣରୁ ହାଇଦରାବାଦରେ ବାଇକ୍ ସହ ଜଣେ ଲୋକ ଭାସି ଯାଇଥିଲେ ଓ ତାଙ୍କୁ ବହୁକଷ୍ଟରେ ଉଦ୍ଧାର କରାଯାଇଥିଲା। ଅନ୍ୟପଟେ ପଶ୍ଚିମ ରାଜସ୍ଥାନରୁ ମୌସୁମୀ ୩ ଦିନ ତଳେ ବିଦାୟ ନେବାର ପକ୍ରିୟା ଆରମ୍ଭ ହୋଇଛି। ରାଜସ୍ଥାନର ଶ୍ରୀଗଙ୍ଗାନଗର, ନାଗୋର, ଯୋଧପୁର ଓ ବିକାନେରରେ ମୌସୁମୀ ବିଦାୟ ନେଇସାରିଛି। ଆଗାମୀ ଦୁଇ ତିନି ଦିନରେ ପଞ୍ଜାବ ଓ ଗୁଜରାଟର କିଛି ଅଞ୍ଚଳରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିବ।

## କରନ ଜୋହର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ପରେ ଏବେ ନିର୍ଦ୍ଦେଶକ କରନ ଜୋହର ବ୍ୟକ୍ତିଗତ ଅଧିକାରର ସୁରକ୍ଷା ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ତାଙ୍କ ନାମ, ଫଟୋ ଏବଂ ସ୍ୱର ବ୍ୟବହାର କରି ବେଆଇନ ଭାବେ ସାମଗ୍ରୀ ବିକ୍ରି ଏବଂ ପାଣ୍ଠି ସଂଗ୍ରହ କରାଯାଉଥିବା କହିଛନ୍ତି। କରନଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜଶେଖର ରାଓ କହିଥିଲେ ଯେ ଏଭଳି ବେଆଇନ କାର୍ଯ୍ୟକଳାପ ଦ୍ୱାରା ବ୍ୟକ୍ତିଗତ ଛବି ଖରାପ ହେଉଛି। କେଉଁ କେଉଁ ଘଟଣାରେ କରନ ପରିଚୟକୁ ବ୍ୟବହାର କରାଯାଇଥିଲା ତାହାର ସୂଚନା ମଧ୍ୟ ସେ କୋର୍ଟଙ୍କୁ ଦେଇଥିଲେ। ଏହାକୁ ଚିହ୍ନଟ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରତ୍ୟେକ ଥାନାରେ ସିସିଟିଭି ଜରୁରି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଦେଶରେ ପୁଲିସ ବର୍ବରତାର ଅନେକ ମାମଲା ସାମ୍ନାକୁ ଆସୁଛି। କେଉଁଠି ଥାନାରେ ଗଣ୍ଡଗୋଳ ହେଉଛି ତ ଆଉ କିଏ ହେପାଜତରେ ରହି ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ଏପରି ସମୟରେ ନିଜଆଡୁ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଥାନାରେ ସିସିଟିଭି ନ ଥିବାରୁ ପର୍ଯ୍ୟବେକ୍ଷଣରେ ସମସ୍ୟା ହେଉଛି। ତେଣୁ ପ୍ରତ୍ୟେକ ଥାନାରେ ସିସିଟିଭି ଇନ୍‌ଷ୍ଟଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସିସିଟିଭି ଗୁଡିକୁ ଅଧିକାରୀ ବନ୍ଦ କରିଦେବାର ସମ୍ଭାବନା ରହିଛି। ତେଣୁ ସିସିଟିଭି ଗୁଡିକ ଉପରେ ନଜର ରଖିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା ନିମନ୍ତେ ଜୋର୍ ଦେଇଛନ୍ତି। ମାନବିକ ହସ୍ତକ୍ଷେପ ହ୍ରାସ ଏବଂ ଡିଭାଇସ ସ୍ୱିଚ୍ ଅଫ୍ ନ ହେବାକୁ ସୁନିଶ୍ଚିତ କରିବା ପାଇଁ ଏପରି ପଦକ୍ଷେପ ଜରୁରୀ ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀର ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଥାନାଗୁଡିକରେ ସିସିଟିଭିର କାର୍ଯ୍ୟକାରିତା ଉପରେ ଆଗତ ରିଟ୍ ପିଟିସନ ଉପରେ ନିଜଆଡୁ ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ୨୬ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ଆସିବ।

ଆଜି ଶୁଣାଣି ସମୟରେ ସିସିଟିଭି ଇନ୍‌ଷ୍ଟଲ ପ୍ରକ୍ରିୟାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟିଏସ)



**ରେକର୍ଡିଂର ଯାଞ୍ଚ ପାଇଁ ଏଆଇ ଆଧାରିତ ନିୟନ୍ତ୍ରଣ କକ୍ଷ ହେଉ**

**ମାନବିକ ହସ୍ତକ୍ଷେପ ହ୍ରାସ କରାଯାଉ**

**ସ୍ୱାଧୀନ ଏଜେନ୍ସି ଦ୍ୱାରା ଥାନାର ଯାଞ୍ଚ ହେଉ**

ର ସହାୟତା ନେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏହି ସମସ୍ୟା ପର୍ଯ୍ୟବେକ୍ଷଣରେ ରହିଛି। ଆଜି ଏହାକୁ ପାଳନ କରିବାକୁ ନେଇ ସତ୍ୟପାଠ ଜାରି ହୋଇପାରେ। କିନ୍ତୁ କାଲିକୁ ଅଧିକାରୀ କ୍ୟାମେରାକୁ ସ୍ୱିଚ୍‌ଅଫ୍ କରିଦେଇପାରନ୍ତି। ତେଣୁ ମାନବିକ ହସ୍ତକ୍ଷେପ ବିନା ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା ପାଇଁ କୋର୍ଟ ବିଚାର କରୁଛନ୍ତି। ଯଦି କୌଣସି କ୍ୟାମେରା ବନ୍ଦ ହୋଇଯାଏ ତେବେ ତାହାର ସୂଚନା ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ମିଳୁ। ସମସ୍ୟାର ସମାଧାନ ଲାଗି ଏହା ହିଁ ଉଚିତ ଉପାୟ। ଏହା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ। ଏହି ଜ୍ଞାନକୌଶଳ ପାଇଁ ଆଇଆଇଟିକୁ ପ୍ରକ୍ରିୟାରେ ସାମିଲ କରିବାକୁ ବିଚାର କରାଯାଉଛି। ସ୍ୱାଧୀନ ଏଜେନ୍ସି ଦ୍ୱାରା ମଧ୍ୟ ଥାନାର ଯାଞ୍ଚ କରାଯାଉ ବୋଲି ଜଷ୍ଟିସ ମେହେଟା କହିଛନ୍ତି। ଗତ ୪ ତାରିଖରେ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ। ଏହି ରିପୋର୍ଟରେ ହେପାଜତ ମୃତ୍ୟୁକୁ ନେଇ ରାଜସ୍ଥାନ ପୁଲିସ ସିସିଟିଭି ଫୁଟେଜ ଦେଉ ନ ଥିବା କୁହାଯାଇଥିଲା। ସିସିଟିଭି ଖରାପ ଥିବା କୁହାଯାଇଥିଲା। ଥାନାରେ ସିସିଟିଭି କାମ କରୁ ନ ଥିବାକୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଦୈନିକ ଭାସ୍କରରେ ପ୍ରକାଶିତ ରିପୋର୍ଟରେ ଗତ ୮ ମାସରେ ରାଜସ୍ଥାନରେ ୧୧ ହେପାଜତ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତେବେ ଏହାକୁ ନେଇ ସିସିଟିଭି ଫୁଟେଜ ଦେବାକୁ ଅଧିକାରୀ ମନା କରିଦେଇଥିଲେ। ସିସିଟିଭି ଖରାପ, ଷ୍ଟୋରେଜ ଫୁଲ୍ ଏବଂ ଗୋପନୀୟତାର ବାହାନା କରିଥିଲେ।

## ରାଜନୈତିକ ଦଳଙ୍କୁ ଯୌନ ଉତ୍ପୀଡ଼ନ ଆଇନ ଅଧୀନରେ ଆଣିବାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ରାଜନୈତିକ କ୍ଷେତ୍ରରେ ସାମିଲ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିରୋଧୀ ଆଇନ ଅଧୀନରେ ସୁରକ୍ଷା ପ୍ରଦାନ ଦାବିରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ରାଜନୈତିକ ଦଳଗୁଡ଼ିକ କିପରି ପିଓଏସ୍‌ଏଚ ଆଇନ ଅଧୀନରେ ସାମିଲ କରାଯିବ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ, ଅତୁଲ ଏସ ଚନ୍ଦ୍ରାକରଙ୍କ ଖଣ୍ଡପୀଠ କହିଛନ୍ତି। କୌଣସି ଦଳ ଏବଂ ଏହାର କର୍ମୀଙ୍କ ମଧ୍ୟରେ ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ନାହିଁ। ଏପରି ସ୍ଥଳେ ଦଳଗୁଡିକ 'କର୍ମସ୍ଥଳୀ'ର ପରିଭାଷା ମଧ୍ୟରେ କେମିତି ଆସିପାରିବେ? ତେଣୁ ସୁପ୍ରିମକୋର୍ଟ ଏପରି କରିବାକୁ ମନା କରିଦେଇଥିଲେ।

## ୭୭ତମ ଏମି ପୁରସ୍କାର 'ଦି ଷ୍ଟୁଡିଓ'କୁ ସର୍ବାଧିକ ୧୩ଟି ଟ୍ରଫି

ଲସ୍‌ଏଞ୍ଜେଲ୍ସ, ୧୫।୯(ଏଜେନ୍ସି): ଟେଲିଭିଜନ ଇଣ୍ଡଷ୍ଟ୍ରୀର ସର୍ବୋଚ୍ଚ ପୁରସ୍କାର ବିବେଚିତ ହେଉଥିବା 'ଏମି ପୁରସ୍କାର'ର ୭୭ତମ ସଂସ୍କରଣ ସ୍ଥାନୀୟ ପିକକ୍ ଥିଏଟରରେ ଅନୁଷ୍ଠିତ ହୋଇଛି। ଏହି ପୁରସ୍କାର ବିତରଣ ଉତ୍ସବକୁ କମେଡିଆନ୍ ନେଟ୍ ବାରଗାଜ ଉପସ୍ଥାପକ ଭାବେ ସଞ୍ଚାଳନ କରିଥିଲେ। ଏଥିରେ ଉଭୟ ଅଭିଜ୍ଞ ଓ ଉଦୀୟମାନ ତାରକାଙ୍କୁ ପୁରସ୍କୃତ କରାଯାଇଥିଲା। 'ଦି ଷ୍ଟୁଡିଓ'କୁ ଆଉଟଷ୍ଟାଣ୍ଡିଂ କମେଡି ସିରିଜ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ସିରିଜ ସର୍ବାଧିକ ୧୩ଟି ପୁରସ୍କାର ହାସଲ କରିଥିଲା। ଏଥିରେ ଅଭିନୟ କରିଥିବା ୧୫ ବର୍ଷୀୟ ଓୱେନ କୁପର ସର୍ବକନିଷ୍ଠ ଅଭିନେତା ଭାବେ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଛନ୍ତି।

# ବିହାରରେ ଆସନ ପାଇଁ ଟଣାଓଟରା

ପାଟନା, ୧୫।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇ ଉଠିଛି। ଏ ପର୍ଯ୍ୟନ୍ତ ଇଣ୍ଡିଆ ମହାମେଣ୍ଟରେ ସହଯୋଗୀଙ୍କ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଏହାକୁ ନେଇ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ କେଁ ଫସି ରହିଛି। ଆଉ କିଛି ମାସ ମଧ୍ୟରେ ନିର୍ବାଚନ ହେବାକୁ ଥିବାବେଳେ ଆସନ ବଣ୍ଟନକୁ ନେଇ ମତଭେଦ ଦୂର ହୋଇପାରୁ ନାହିଁ। ଆସନ ବୁଝାମଣାକୁ ନେଇ କଂଗ୍ରେସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ କାହାକୁ ଉପସ୍ଥାପନ କରିବାକୁ ଏହି ଦଳ ଅନିଚ୍ଛା ପ୍ରକାଶ କରିଛି। ତେବେ ବିରୋଧୀ ଗୋଷ୍ଠୀରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ଅଧିକାଂଶ ମୁଖ୍ୟମନ୍ତ୍ରୀ ଭାବେ ପସନ୍ଦ କରୁଥିବା ଚର୍ଚ୍ଚା ହେଉଛି। ଏପରି ସମୟରେ ତେଜସ୍ୱୀ ଚାପ ରାଜନୀତିକୁ ଆୟୁଧ କରିଛନ୍ତି। ରାଜ୍ୟର ସମସ୍ତ ୨୪୩ ଆସନରେ ଆରଜେଡି ଲଢିବ ବୋଲି କହି ସେ ମେଣ୍ଟ ସହଯୋଗୀଙ୍କ ଉପରେ ଚାପ ପକାଇଛନ୍ତି। ଏହାକୁ ନେଇ ବିରୋଧୀ ମେଣ୍ଟରେ ଛନକା ପଶିଛି।

ମୁଜାଫରପୁର ଜିଲ୍ଲାର କାନ୍ତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ବିରୋଧୀ ଦଳ ନେତା ତେଜସ୍ୱୀ ଶନିବାର କହିଥିଲେ ଯେ ଚଳିତ ଥର ସେ ୨୪୩ ଆସନରେ ନିର୍ବାଚନ

**ବିହାରରେ ଇଣ୍ଡିଆ ମେଣ୍ଟରେ କେଁ**

**ସବୁ ଆସନରେ ଲଢ଼ିବାକୁ ତେଜସ୍ୱୀଙ୍କ ଧମକ**



ଲଢିବେ। ବୋଚହାଁ ହେଉ ଅବା ମୁଜଫରପୁର ସବୁଠି ଲଢିବୁ। ତେଜସ୍ୱୀଙ୍କ ନାମରେ ଭୋଟ ଦେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ସଫଳ ହୋଇଥିବା ନେଇ କଂଗ୍ରେସ ଦାବି କରୁଥିବାବେଳେ ତେଜସ୍ୱୀ ଏଭଳି ଟିପ୍ପଣୀ ଦେଇ ହଟଚମଟ ସୃଷ୍ଟି କରିଛନ୍ତି। ରାହୁଲଙ୍କ ଏହି ଯାତ୍ରା ବିହାରର ୧୧୦ ବିଧାନସଭା କ୍ଷେତ୍ର ଦେଇ ଯାଇଥିଲା। କଂଗ୍ରେସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅତିକମରେ ୭୦ ଆସନ ଚାହୁଁଛି। ଏଥିପାଇଁ ଦଳ ମେଣ୍ଟ ଉପରେ ଚାପ ପକାଉଥିବା କୁହାଯାଉଛି। ଗତ ଥର ଦଳ ୭୦ ଆସନରେ ଲଢି ମାତ୍ର ୧୯ଟିରେ ବିଜୟୀ ହୋଇଥିଲା। ତେଣୁ ଅନ୍ୟ ଦଳଗୁଡିକ ବିଶେଷ କରି ଆରଜେଡି ଏତେ ଆସନ କଂଗ୍ରେସକୁ ଦେବାକୁ ଚାହୁଁନାହିଁ।

ଗତ ସପ୍ତାହରେ ଏଆଇସିସିର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁ କହିଥିଲେ ଯେ ବିହାରର ଲୋକମାନେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନେବେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଥିଲା। ବିରୋଧୀ ଦଳ କ୍ଷମତାକୁ ଫେରିଲେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବ ତାହାକୁ ଭୋଟର ଅଧିକାର ଯାତ୍ରା ସମୟରେ ରାହୁଲଙ୍କୁ ପ୍ରଶ୍ନ କରାଯାଇଥିଲା। ତେବେ ସେ ଏହି ପ୍ରଶ୍ନକୁ ଏଡାଇ ଯାଇଥିଲେ। ଏହାକୁ ନେଇ ମଧ୍ୟ ଆରଜେଡିରେ ଅସନ୍ତୋଷ ଦାନା ବାନ୍ଧୁଛି। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଚେହେରା ହୁଅନ୍ତୁ ବୋଲି ଆରଜେଡି ଚାହୁଁଥିବାବେଳେ କଂଗ୍ରେସ ବିନା ଚେହେରାରେ ଲଢିବାକୁ ଚାହୁଁଛି।

# ଇସ୍ରାଏଲ ବିରୋଧରେ ମେଳି କଲେ ୫୦ ମୁସଲିମ୍ ଦେଶ

ଦୋହା, ୧୫।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଏକ ନୂଆ ମେଣ୍ଟ ଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଇସ୍ରାଏଲ ବିପକ୍ଷରେ କାତାର ରାଜଧାନୀ ଦୋହାଠାରେ ୫୦ଟି ମୁସ୍‌ଲିମ ଦେଶ ମେଳି ହୋଇଛନ୍ତି। ଆରବ ଲିଗ୍ ଓ ଅର୍ଗାନାଇଜେସନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକି ଏହି ୫୦ ଦେଶର ପ୍ରତିନିଧିଙ୍କୁ ଏକାଠି କରିଛି। ସେପ୍ଟେମ୍ବର ୯ରେ କାତାର ରାଜଧାନୀ ଦୋହା ଉପରେ ଇସ୍ରାଏଲ କରିଥିବା ଆକ୍ରମଣର ଜବାବ ଦେବା ଏହି ବୈଠକର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଇସ୍ରାଏଲର ଏହି ଆକ୍ରମଣରେ ହମାସର ୫ ସଦସ୍ୟ ଓ କାତାର ଜଣେ ସୁରକ୍ଷାକର୍ମୀ ନିହତ ହୋଇଥିଲେ। ଗତ ଦୁଇବର୍ଷ ହେବ ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ହମାସର ଏକ ଟିମ୍ ଆମେରିକାର ପ୍ରସ୍ତାବ ଅନୁସାରେ ଦୋହାରେ ଥିଲେ ଓ ଏତିକି ବେଳେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ଏହି ବୈଠକରେ କୁହାଯାଇଛି। ଏହି ବୈଠକରେ ସବୁ ମୁସ୍‌ଲିମ ଦେଶଗୁଡିକ ସେମାନଙ୍କର ଇସ୍ରାଏଲ ବିରୋଧୀ ମନୋଭାବକୁ ସ୍ପଷ୍ଟ କରିଛନ୍ତି। ଏହି କ୍ରମରେ ଇସ୍ରାଏଲ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ଇରାନ ରାଷ୍ଟ୍ରପତ ମାସୁଦ ପେଜେସକିଆନ ଇସ୍‌ଲାମିକ୍ ରାଷ୍ଟ୍ରଗୁଡିକୁ ପରାମର୍ଶ ଦେଇଛନ୍ତି। ଇସ୍ରାଏଲର ଏହି ଦମନଳୀଳା ବିରୋଧରେ ସବୁ ମୁସ୍‌ଲିମ୍ ଦେଶକୁ ଏକାଠି ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ନାଟୋ ଭଳି ଏକ ସାମରିକ ମେଣ୍ଟ ଗଠନ କରିବାକୁ ପାକିସ୍ତାନ ପରାମର୍ଶ ଦେଇଛି।

**ସମ୍ପର୍କ ଛିନ୍ନ କରିବାକୁ ଇରାନର ପରାମର୍ଶ**

**ନାଟୋ ଭଳି ସାମରିକ ମେଣ୍ଟ ଗଠନ ସପକ୍ଷରେ ପାକିସ୍ତାନ**

ଇସ୍ରାଏଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବନ୍ଦ କୋଠରୀରେ ବୈଠକ ହୋଇଥିଲା। ଏଥିରେ ସବୁ ଇସ୍‌ଲାମିକ ଦେଶଗୁଡିକର ବୈଦେଶିକ ମନ୍ତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ କାତାର ପ୍ରଧାନମନ୍ତ୍ରୀ ଓ ବିଦେଶ ମନ୍ତ୍ରୀ ଶେଖ ଜସିମ ଅଲ ଥାନୀ ଇସ୍ରାଏଲର ଆକ୍ରମଣକୁ କଡ଼ା ନିନ୍ଦା କରିଥିଲେ। କାତାର ନିଜର ସାର୍ବଭୌମତ୍ୱ ରକ୍ଷା କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଛାଇବ ନାହିଁ ଓ ଏହି ଘଟଣାରେ ଆରବ ଓ ଅନ୍ୟ ଇସ୍‌ଲାମିକ ଦେଶଗୁଡିକ ସମର୍ଥନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଏହା ପୂର୍ବରୁ ଇସ୍ରାଏଲ ଜାତିସଂଘ ମହାସଭାରେ କାତାର ଉପରେ କରିଥିବା ଆକ୍ରମଣକୁ ଯଥାର୍ଥ ବୋଲି ଅଭିହିତ କରିଥିଲା। ବିଗତ କେତେ ବର୍ଷ ଧରି ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରୟାସ କରିଆସୁଥିବା ହମାସ ନେତାମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ କହିଥିଲା।

# ବନ୍‌ତାରାକୁ କ୍ଲିନ୍‌ଚିଟ୍ ଦେଲେ କମିଟି


ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ମହାରାଷ୍ଟ୍ର କୋହ୍ଲାପୁର ଜୈନ ମଠର ମାଧୁରୀ ହାତୀ ସ୍ଥାନାନ୍ତରକୁ ନେଇ ବିବାଦରେ ଥିବା ଜାମନଗର ସ୍ଥିତି 'ବନତାରା ୱାଇଲ୍ଡଲାଇଫ ରେସ୍‌କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର'କୁ ସୁପ୍ରିମକୋର୍ଟ ସୋମବାର କ୍ଲିନ୍‌ଚିଟ୍ ଦେଇଛନ୍ତି। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନତାରା ପଶୁପକ୍ଷୀଙ୍କ କ୍ରୟବିକ୍ରୟ ନିୟମ ଅଧିନରେ ଆସୁଛି ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଟି ଯାଞ୍ଚ ରିପୋର୍ଟରେ କୌଣସି ତ୍ରୁଟି ନ ଥିବା ଜଣାପଡ଼ିଛି। ଏବେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ନାହିଁ। ସ୍ୱତନ୍ତ୍ର କମିଟି ମାମଲାର ଯାଞ୍ଚ କରିଛି। ଏହା ଉପରେ ଆମେ ଭରସା କରିବୁ ବୋଲି ଖଣ୍ଡପୀଠ କହିଛନ୍ତି।

ଏହା ପୂର୍ବରୁ ସୁପ୍ରିମକୋର୍ଟ ଅଗଷ୍ଟ ୨୬ରେ ୨ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ତଦନ୍ତ ପାଇଁ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଧୁରୀକୁ ବନତାରା ନେବା ପରେ ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମାଙ୍କ ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କୌଣସି ହାତୀକୁ ଆଇନଗତ ପ୍ରକ୍ରିୟାରେ ହେପାଜତରେ ରଖି ଯତ୍ନ ନିଆଯାଉଛି ତେବେ ତାହା ଉପରେ ଆପତ୍ତି ଉଠାଇବା ଅନୁଚିତ। ମନ୍ଦିରରେ ମଧ୍ୟ ହାତୀ ରଖାଯାଉଛି। ଶୋଭାଯାତ୍ରା କିମ୍ବା ଦଶହରା ଭଳି ଆୟୋଜନରେ ଏହାକୁ ବ୍ୟବହାର କରାଯାଉଛି। ବନତାରା ଓକିଲ ହରିଶ ସାଲ୍‌ଭେ କହିଥିଲେ ଯେ ଯାଞ୍ଚ ରିପୋର୍ଟକୁ ସାର୍ବଜନୀନ କରା ନ ଯିବା ଉଚିତ। ଯଦି ରିପୋର୍ଟ ସାମ୍ନାକୁ ଆସେ ତେବେ ନ୍ୟୁୟର୍କ ଟାଇମ୍ସ ଭଳି ଖବରକାଗଜର କିଛି ଅଂଶ ପ୍ରକାଶନ କରି ନକରାତ୍ମକ ପ୍ରଚାରପ୍ରସାର କରିବେ। ଏହା ପରେ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ।

• ବିବାହର ଜିଦ୍ ନେଲା ହତ୍ୟାକାଣ୍ଡର ରୂପ

# ୬୦୦ କିମି ଡ୍ରାଇଭ କରି ଯାଇଥିବା ମହିଳାଙ୍କୁ ମାରିଲେ ପ୍ରେମିକ

ବାରମେର, ୧୫।୯(ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟ ସୃଷ୍ଟି କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ୩୭ ବର୍ଷୀୟ ମହିଳା ନିଜ ପ୍ରେମିକଙ୍କୁ ବିବାହ ପାଇଁ ବୁଝାଇବାକୁ ୬୦୦ କିମି କାର୍ ଚଳାଇ ଯାଇଥିଲେ। କିନ୍ତୁ ଏହାର ଫଳ ଓଲଟା ହୋଇଥିଲା। ପ୍ରେମିକ ତାଙ୍କୁ ହତ୍ୟା କରିବାକୁ ପଛାଇ ନ ଥିଲା। ସମ୍ପୃକ୍ତ ପ୍ରେମିକଙ୍କୁ ପୁଲିସ ଗିରଫ କରିଛି। ମହିଳା ଜଣକ ଅଙ୍ଗନାବାଡି ସୁପରଭାଇଜର ହୋଇଥିବା ବେଳେ ପ୍ରେମିକ ଜଣକ ଏକ ସରକାରୀ ସ୍କୁଲ୍‌ର ଶିକ୍ଷକ ଥିଲେ। ଫେସ୍‌ବୁକ ଜରିଆରେ ଦୁହେଁ ପରସ୍ପର ସହ ପରିଚିତ ହୋଇଥିଲେ। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିନ୍ତୁ ବିବାହ କରିବାକୁ ମହିଳା ଜଣକ ଚାପ ପକାଇବା ପରେ ଦୁହିଁଙ୍କ ମଧ୍ୟ ସମ୍ପର୍କ ବିଗିଡି ଯାଇଥିଲା। ଶେଷରେ



ଦୁହିଁଙ୍କ ମଧ୍ୟରେ ଝଗଡ଼ା ହତ୍ୟାକାଣ୍ଡର ରୂପ ନେଇଥିଲା। ପ୍ରେମିକ ତାଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରିଥିଲେ। ପୁଲିସ ଏହି ଘଟଣାରେ ଯାଞ୍ଚ୍ ଆରମ୍ଭ କରିଛି। ବାରମେରଠାରୁ ୨୦କିମି ଦୂର ସଦର ଅଞ୍ଚଳରେ ଏହି ଘଟଣା ଘଟିଛି। ଫରେନସିକ ସାଇନ୍ସ ଲାବୋରାଟୋରୀ, ଡଗ୍ ସ୍କ୍ୱାଡ, ମୋବାଇଲ କ୍ରାଇମ ୟୁନିଟ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରିବାରେ ଲାଗି ପଡ଼ିଛନ୍ତି।

ରାଜସ୍ଥାନର ଝୁନଝୁନୁରେ ରହୁଥିବା ୩୭ ବର୍ଷୀୟା ଅଙ୍ଗନାବାଡି ସୁପରଭାଇଜର ମୁକେଶ କୁମାରୀ ପ୍ରାୟ ଏକ ଦଶନ୍ଧି ତଳେ ସ୍ୱାମୀଙ୍କଠାରୁ ଅଲଗା ହୋଇଥିଲେ। ଗତବର୍ଷ ଅକ୍ଟୋବର ମାସରେ ସେ ବାରମେରରେ ରହୁଥିବା ମାନାରାମ ନାମକ ଜଣେ ଶିକ୍ଷକ ସହ ପରିଚିତ ହୋଇଥିଲେ। ପରସ୍ପରକୁ ବରାବର ଭେଟିବା ସହ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ମାନାରାମଙ୍କୁ ବିବାହ କରି ମୁକେଶ ଘର ବସାଇବାକୁ ଚାହୁଁଥିଲେ। ଦୁହେଁ ପୂର୍ବରୁ ବିବାହିତ ଥିଲେ। ମୁକେଶ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇ ସାରିଥିଲେ। କିନ୍ତୁ ମାନାରାମଙ୍କ ଛାଡ଼ପତ୍ର ମାମଲା କୋର୍ଟରେ ବିଚାରାଧିନ ରହିଛି। ତେଣୁ ବିବାହ କରିବାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ବିବାହ ପାଇଁ ଅତ୍ୟଧିକ ଚାପ ପକାଉଥିବାରୁ ମାନାରାମ ତାଙ୍କୁ ହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ମୁକେଶଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ କାରର ଡ୍ରାଇଭର ସିଟ୍‌ରେ ରଖି ମାନାରାମ ଘରକୁ ଫେରି ଶୋଇ ପଡ଼ିଥିଲେ। ପରଦିନ ସକାଳୁ ଉଠି ସେ ନିଜ ଓକିଲଙ୍କ ସାହାଯ୍ୟରେ ମୁକେଶଙ୍କ ମୃତଦେହ ସମ୍ପର୍କରେ ପୁଲିସକୁ ଖବର ଦେବାକୁ କହିଥିଲେ।

### ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# ଓଡ଼ିଶା ହେବ ପୂର୍ବ-ଭାରତର ମାନୁଫାକ୍ଚରିଂ ହବ୍: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହେବାକୁ ଥିବା ବେଳେ ଏହାଦ୍ୱାରା ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର ସ୍ୱଳ୍ପ ସମୟ ମଧ୍ୟରେ ୨୬୦ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ଦ୍ୱାରା ଓଡ଼ିଶାରେ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି ଏବଂ ୧ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି।

- ୨୫,୦୦୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ
- ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି

ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯାଉଛି। ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ ଶିଳ୍ପପତିଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେ ସବୁ ସମୟରେ ଉପସ୍ଥିତ ଅଛୁ।

ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ-ଭାରତର ମାନୁଫାକଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଯୋଗିତା କରିପାରୁଥିବା ଭଳି ଉତ୍ପାଦ ନିର୍ମାଣ କରୁଛୁ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ରାଜ୍ୟ ବିଜେପି

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତଭାଷଣ ଦେଇଥିବା ବେଳେ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

# ୫ ମାସ ହେବ ଦରମା ପାଇନାହାନ୍ତି ଜିପିଏଲଏଫ୍ କର୍ମୀ

## ପର୍‌ଫର୍ମାନ୍ସ ପାରିଶ୍ରମିକକୁ ବିରୋଧ କରି ଏକାଠି ହେଲେ ୪ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ

ଭୁବନେଶ୍ୱର,୧୫।୯ (ସମିସ): କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ପରଫରମାନ୍ସ ବୋନସ୍ ବଦଳରେ ପୂର୍ବଭଳି ମାସିକିଆ ଦରମା ପ୍ରଦାନ ପାଇଁ ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘର ଶହଶହ ସଦସ୍ୟ ଆଜି ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି।



### ଦଶହରା ମଧ୍ୟରେ ଦରମା ନମିଳିଲେ ଆନ୍ଦୋଳନ ଚେତାବନୀ

ସେମାନେ ଅଭିଯୋଗ କରିଥିଲେ ଯେ ରାଜ୍ୟର ୩୧୪ବ୍ଲକ୍‌ରୁ ପ୍ରାୟ ୪ହଜାର କର୍ମୀ ଗତ ୫ମାସ ହେବ ଦରମା ପାଇନାହାନ୍ତି। ୨୦୧୨ ମସିହାରୁ ଓଡ଼ିଶା ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ରମାନେ ପୂର୍ବରୁ ପାରିଶ୍ରମିକ ବାବଦକୁ ମାସିକ ଏକ ନିର୍ଦ୍ଦିଷ୍ଟ ଦରମା ପାଉଥିଲେ। କିନ୍ତୁ, ବର୍ତ୍ତମାନ ସେମାନଙ୍କୁ ପରଫରମାନ୍ସ ବୋନସ୍ ଭାବେ ପାରିଶ୍ରମିକ ଦିଆଯାଉଛି। ନୂଆ ସରକାର ଆସିବା ପରେ ଗତ ମାର୍ଚ୍ଚରେ ଶେଷ ଦରମା ପାଇଥିବା ବେଳେ ଏପ୍ରିଲଠାରୁ ପରଫରମାନ୍ସ ବୋନସ୍ ଭାବେ ଦରମା ନେବାକୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ଏହାକୁ କର୍ମଚାରୀମାନେ ବିରୋଧ କରିବା ସହ ପୂର୍ବଭଳି ଦରମା ଦେବାକୁ ଦାବି କରି ଆସୁଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। କିନ୍ତୁ, ଏହାକୁ ୫ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଜି ସଂଘର ସଦସ୍ୟାମାନେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି। ଏ ସଂପର୍କରେ ସେମାନେ ଆଜି ବିଭାଗୀୟ ନିର୍ଦ୍ଦେଶିକା, ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ସଂଘ ସୂଚନା ଦେଇଛି। ତେବେ ଆସନ୍ତା ଦଶହରା ମଧ୍ୟରେ ଏନେଇ କୌଣସି ପଦକ୍ଷେପ ନିଆ ନଗଲେ, ରାଜ୍ୟରେ ସମସ୍ତ ଜିପିଏଲଏଫ୍ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି।

### ଛାତ୍ର ସଂସଦ ନିର୍ବାଚନକୁ ନେଇ ବଢୁଛି ଦ୍ୱନ୍ଦ୍ୱ

# ତାରିଖ ଦେଉନାହାନ୍ତି ସରକାର

ଭୁବନେଶ୍ୱର, ୧୫।୯ (ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ୨୦୨୫ରେ ଛାତ୍ରସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାର ଏବେ ଯାଏଁ ବିଜ୍ଞପ୍ତି ବାହାର କରି ନାହାନ୍ତି। ଦୁର୍ଗା ପୂଜା ଛୁଟିକୁ ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ନିର୍ବାଚନ ତାରିଖ ଘୋଷଣା ନ କରିବାକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ସରକାରଙ୍କୁ ଘେରିଛନ୍ତି। ନୂତନ ନେତୃତ୍ୱର

- ବିଚାର କରି ପଦକ୍ଷେପ ନେବେ ସରକାର: ଉଚ୍ଚଶିକ୍ଷା ମନ୍ତ୍ରୀ
- ପ୍ରତିଶ୍ରୁତି ଦେଇ ୟୁ-ଟର୍ଣ୍ଣ ମାରିଛନ୍ତି ସରକାର: ଛାତ୍ର ବିଜେଡି
- ନିର୍ବାନଚନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ: ଛାତ୍ର କଂଗ୍ରେସ

ଭ୍ରୂଣ ହତ୍ୟା କରିବାକୁ ସରକାର ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି ଓ ଉଚ୍ଚ ଶିକ୍ଷା ବିଭାଗର ଅହେତୁକ ନିରବତା ଛାତ୍ର ସଂସଦ ନିର୍ବାଚନ ନ କରିବା ନେଇ ପରୋକ୍ଷ ସୂଚନା ଦେଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଦେଶର ଅନେକ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି ଓ କିଛି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଦୁର୍ଗାପୂଜା ପୂର୍ବରୁ ନିର୍ବାଚନ ସାରିବାର ନିୟମ ମଧ୍ୟ ରହିଛି। ପୂଜା ଛୁଟିକୁ ଆଉ ମାତ୍ର ୧୧ଦିନ ଥିବାବେଳେ ଏହି ସମୟରେ ନିର୍ବାଚନ ପ୍ରକ୍ରିୟା ସାରିବା ଏକ ପ୍ରକାର ଅସମ୍ଭବ। ହେଲେ ମଧ୍ୟ ସରକାର କୌଣସି ସ୍ପଷ୍ଟ କରୁ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ରାଜ୍ୟ ସରକାର ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛନ୍ତି। ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବିଭିନ୍ନ ବର୍ଗଙ୍କ ମତକୁ ମଧ୍ୟ ବିଚାର କରାଯାଉଛି। ସେସବୁ ବିଚାର କରି ପଦକ୍ଷେପ ନିଆଯିବ। ହେଲେ କେବେ ନିର୍ବାଚନ ପାଇଁ ବିଜ୍ଞପ୍ତି ହେବ ଓ କେବେ ନିର୍ବାଚନ ଅନୁଷ୍ଠିତ ସେ ନେଇ କୌଣସି ସ୍ପଷ୍ଟ ସୂଚନା ନ ଦେବା ଛାତ୍ରଛାତ୍ରୀଙ୍କୁ ନିରାଶ କରିଛି। ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ୟୁ-ଟର୍ଣ୍ଣ ମାରିବାରେ ମାହିର। ଅନେକ ପ୍ରସଙ୍ଗରେ ୟୁ-ଟର୍ଣ୍ଣ ମାରି ସାରିଥିବା ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ କାର୍ଯ୍ୟକାରୀ କରି ନାହାନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା ଓ ଏବିଭିପିର ସମ୍ପୃକ୍ତି ସରକାରଙ୍କୁ ବ୍ୟାକଫୁଟ୍‌ରେ ପକାଇଛି। ଆଭ୍ୟନ୍ତରୀଣ ସର୍ଭେ କରି ଶିକ୍ଷାନୁଷ୍ଠାନରେ ସ୍ଥିତି ଠିକ୍ ନ ଥିବା ଜାଣିବା ପରେ ନିର୍ବାଚନ ଟାଳି ଦେବାକୁ ପ୍ରୟାସ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସରକାର ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଲେ। ସରକାରକୁ ଆସିବା ପରେ ନିର୍ବାଚନ କରିବେ ବୋଲି ଘୋଷଣା କଲେ। ହେଲେ ନିର୍ବାଚନ ତାରିଖ ଦେଉ ନାହାନ୍ତି। ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାରଙ୍କ ଆନ୍ତରିକତା ନାହିଁ। ସରକାରଙ୍କ ବିରୋଧରେ ଛାତ୍ର ସମାଜ ଯେପରି ମୁହଁ ନ ଖୋଲିବେ ଏବଂ ଛାତ୍ର ନେତୃତ୍ୱ ଯେମିତି ନ ବାହାରିବେ ସେଥିପାଇଁ ସରକାର ତତ୍ପର ଥିବା ଜଣାପଡୁଛନ୍ତି। ନିର୍ବାଚନ ନ କଲେ ସେମାନେ ଛାତ୍ର ସଚେତନତା ସହ ରାସ୍ତାକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ଘାସିରାମ କଂଗ୍ରେସ ପ୍ରାର୍ଥୀ !

ଭୁବନେଶ୍ୱର,୧୫।୯ (ସମିସ): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ପ୍ରଥମଥର ଉପନିର୍ବାଚନର ସମ୍ମୁଖୀନ ହେବ ଶାସକ ବିଜେପି। ଯଦିଓ ଏହି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ତଥାପି ଏହି ଆସନକୁ ନେଇ ଏବେଠୁ ରାଜ୍ୟ ରାଜନୀତି ସରଗରମ ହେଲାଣି। କୌତୂହଳ କଥା ହେଉଛି ଶାସକ ବିଜେପି ଓ ମୁଖ୍ୟ ବିରୋଧୀ ବିଜେପି ଅପେକ୍ଷା ଗତ ନିର୍ବାଚନରେ ତୃତୀୟସ୍ଥାରେ ଥିବା କଂଗ୍ରେସ ଏହି ଆସନକୁ ନେଇ ଏବେ ବେଶ୍ ଉତ୍ସାହୀ ଓ ତତ୍ପର। ଏହି ସମୟରେ ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଘାସିରାମ ମାଝୀ ଆଗାମୀ ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଛି । ଗତକାଲି ଘାସିରାମ କଂଗ୍ରେସରେ ଯୋଗ ଦେଇଥିଲେ ଓ ଆଜି ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ପିସିସି ସଭାପତି ଭକ୍ତଚରଣ ଦାସ ଇଙ୍ଗିତ ଦେଇଛନ୍ତି।

ପିସିସି ସଭାପତି କହିଛନ୍ତି ଯେ ଗତ ୨୦୨୪ ନିର୍ବାଚନରେ ଘାସିରାମ କଂଗ୍ରେସରୁ ଟିକଟ ନ ପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ। ସେଠାରୁ ସେ ୫୧ ହଜାର ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ୍ ପାଇଥିଲେ। ବର୍ତ୍ତମାନ ଘାସିରାମ କଂଗ୍ରେସରେ ନୂଆପଡ଼ା ଜିଲ୍ଲା ସଂଯୋଜକ ରହିଛନ୍ତି। ପୂର୍ବରୁ ସେ ଜିଲ୍ଲା ସଭାପତି ଥିଲେ; ଆମେ ତାଙ୍କୁ ଟିକଟ ଦେଇପାରି ନ ଥିଲୁ। ଏଥର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି। ଏମିତି କି ଘାସିରାମଙ୍କୁ ଅନ୍ୟ ରାଜନୈତିକ ଦଳ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେ ପ୍ରଭାବିତ ହେବେ ନାହି କି ଅନ୍ୟତ୍ର ଯିବେ ନାହିଁ। ଆମ ଆଶାୟୀ ପ୍ରାର୍ଥୀଙ୍କୁ ଯେତେ ଟଙ୍କା ଦେଲେ ମଧ୍ୟ ସେ ବିକ୍ରି ହେବାର ପ୍ରଶ୍ନ ଉଠୁନି ବୋଲି ଭକ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ୬୧ ହଜାର ୮୨୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଘାସିରାମ

- ଘାସିରାମଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ଭକ୍ତଙ୍କ ପରୋକ୍ଷ ଇଙ୍ଗିତ
- ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ିଥିଲେ

ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲେ। ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪ ହଜାର ୮୧୪ ଖଣ୍ଡ ଭୋଟ୍ ସହ ତୃତୀୟ ସ୍ଥାନରେ ଓ ତତ୍କାଳୀନ ପିସିସି ସଭାପତି ତଥା କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ୫୦୧ ଖଣ୍ଡ ଭୋଟ୍ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ଆସନ୍ତା ନିର୍ବଚନରେ ଘାସିରାମଙ୍କୁ ପ୍ରାର୍ଥୀ କରି କଂଗ୍ରେସ ନୂଆ ରଣନୀତି ଆପଣାଇବାକୁ ଯୋଜନା କରିଛି। ଯେହେତୁ ଘାସିରାମଙ୍କ ଭୋଟ୍ ଓ କଂଗ୍ରେସ ପ୍ରାର୍ଥୀ ପାଇଥିବା ଭୋଟକୁ ମିଶାଇଲେ, ଏଠାରେ କଂଗ୍ରେସର ସବୁଠୁ ଅଧିକ ଭୋଟ୍ ହେଉଛି। ତେଣୁ ଏହି ଆସନଟିକୁ କଂଗ୍ରେସ ଦଖଲ କରିବାକୁ ଯଥେଷ୍ଟ ଆଶାବାଦୀ ରହିଛି।

### ଜାଲ୍ ପ୍ରମାଣପତ୍ର ଦେଇ ଚାକିରି

# ବାଲିକୁଦା କଲେଜ ଅଧ୍ୟାପକ ନିଲମ୍ବିତ

ଜଗତସିଂହପୁର/ବାଲିକୁଦା, ୧୫।୯(ସମିସ): ଜାଲ୍ ପ୍ରମାଣପତ୍ର ଦେଇ ଜଗତସିଂହପୁର ଜିଲ୍ଲାର ବାଲିକୁଦା କଲେଜର ବାଣିଜ୍ୟ ବିଭାଗରେ ଚାକିରି କରିଥିବା ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ଚାକିରି ଆରମ୍ଭ ଦିନରୁ ନେଇଥିବା ଦରମା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ତୋଷ କୁମାର ଶତପଥୀ ଜାଲ୍ ପ୍ରମାଣପତ୍ର ଦେଇ ବାଲିକୁଦା କଲେଜ ପରିଚାଳନା କମିଟି ଦ୍ୱାରା ବାଣିଜ୍ୟ ବିଭାଗରେ ୨୦୧୮ ମାର୍ଚ୍ଚ ୧୭ ତାରିଖରେ ନିଯୁକ୍ତି ପାଇଥିଲେ। ତାଙ୍କ ପ୍ରମାଣପତ୍ର ଜାଲ୍ ପ୍ରମାଣିତ ହେବା ପରେ ବିଭାଗୀୟ ରିଜୋନାଲ ଡାଇରେକ୍ଟରଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ନିଲମ୍ବିତ କରିଛନ୍ତି।



ସୂଚନା ମୁତାବକ, ଶ୍ରୀ ଶତପଥୀଙ୍କ ସାର୍ଟିଫିକେଟ୍ ନକଲି ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ୨୦୨୨ରେ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏହି ଟିମ୍ ତଦନ୍ତ ସମୟରେ ଉକ୍ତ ପ୍ରମାଣପତ୍ର ୨୦୧୫ରେ ଭାଙ୍ଗିଯାଇଥିବା ସିକିମର ଏକ ବିଶ୍ୱବିଦ୍ୟାଳୟର ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗର ଟିମ ଘଟଣାର ତଦନ୍ତ କରି ଉକ୍ତ ବିଶ୍ୱବିଦ୍ୟାଳୟ ଭାଙ୍ଗିବାର ୨ବର୍ଷ ପରେ ଏହି ପ୍ରମାଣପତ୍ର ଆଣିଥିବା ଜଣାପଡ଼ିଥିଲା। ଯେଉଁ ଆଧାରରେ ରିଜୋନାଲ ଡାଇରେକ୍ଟର କଲେଜର ସଭାପତି ଥିବା ଉପଜିଲ୍ଲାପାଳଙ୍କୁ ଚିଠି କରି ତୁରନ୍ତ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ସହ ନେଇଥିବା ଦରମା ବାବଦକୁ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ସମେତ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ରହିଥିଲା।

# ଦେଶକୁ ଗର୍ବିତ କଲେ ରାଉରକେଲାର ଅନ୍ୱେଷ



### ଅନ୍ତର୍ଜାତୀୟ ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ 'କଥାକାର କି ଡାଏରୀ'

ଭୁବନେଶ୍ୱର,୧୫।୯ (ସମିସ): ଭାରତୀୟ ସିନେମା ପାଇଁ ଏକ ଗର୍ବିତ ମୁହୂର୍ତ୍ତ ଆଣିଦେଇଛନ୍ତି ଓଡ଼ିଆ ଆଇଆର୍‌ଏସ୍ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନ୍ୱେଷ ଚାଟାର୍ଜୀ। ତାଙ୍କ ନିର୍ଦ୍ଦେଶିତ 'କଥାକାର କି ଡାଏରୀ' ଚଳଚ୍ଚିତ୍ର ଅନ୍ତର୍ଜାତୀୟ ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପଶୁପତିନାଥ ଚାଟାର୍ଜୀଙ୍କ ପୁଅ ଅନ୍ୱେଷ ବର୍ତ୍ତମାନ ପୁଣେରେ ଜିଏସଟି ଯୁଗ୍ମ କମିଶନର ତଥା ଆଇଆରଏସ(ଭାରତୀୟ ରାଜସ୍ୱ ସେବା) ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ତର୍ଜାତୀୟ ନ୍ୟୁୟର୍କ ଚଳଚ୍ଚିତ୍ର ମହୋତ୍ସବ ସେପ୍ଟେମ୍ବର ୨୬ରେ ଆରମ୍ଭ ହୋଇ ଅକ୍ଟୋବର ୧୩ରେ ଶେଷ ହେବ।

ଦେଢ଼ ଘଣ୍ଟାର ଏହି ଫିଚର ଫିଲ୍ମ ମୁମ୍ବାଇ, ପୁଣେ ଓ ଓଡ଼ିଶାରେ ସୁଟିଂ ହୋଇଛି। ଓଡ଼ିଶାର ସୁନ୍ଦରଗଡ଼ର ଜଙ୍ଗଲରେ ଫିଲ୍ମର ପ୍ରମୁଖ ଦୃଶ୍ୟ ସୁଟିଂ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାର ପ୍ରକୃତିକୁ ବିଶେଷ ଭାବେ ସ୍ଥାନ ଦିଆଯାଇଛି। ଜଣେ ସାଧାରଣ ମଣିଷର ଜୀବନ କାହାଣୀ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଅନ୍ୱେଷ ଏହି ଫିଲ୍ମର ଚିତ୍ରପଟ ଲେଖିଛନ୍ତି ଓ ନିର୍ଦ୍ଦେଶନା ଦେଇଥିବାବେଳେ୨୦୦ରୁ ଅଧିକ କଳାକାର ଏହି ସିନେମାରେ ଅଭିନୟ କରିଛନ୍ତି। ଏହି ଫିଲ୍ମକୁ ଜାତୀୟ ପୁରସ୍କାରପ୍ରାପ୍ତ ଏଡିଟର ଅସୀମ ସିହ୍ନା ଏଡିଟିଂ କରିଥିବାବେଳେ ଏହାକୁ ନିର୍ମାଣ କରିବାକୁ ଅନ୍ୱେଷଙ୍କୁ ଅଢେଇରୁ ତିନିବର୍ଷ ସମୟ ଲାଗିଥିବା ଜଣାପଡ଼ିଛି।

# ବନ ବିଭାଗକୁ ହାତୀଙ୍କ ପେଟ ଚିନ୍ତା

ଭୁବନେଶ୍ୱର,୧୫।୯ (ସମିସ): ରାଜ୍ୟରେ ପ୍ରତିବର୍ଷ ହାତୀ-ମଣିଷ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ହାତୀମାନେ ଜନବସତିକୁ ପଳାଇ ଆସୁଛନ୍ତି। ଫଳରେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ସହାବସ୍ଥାନ ପାଇଁ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଘଟୁଛି। ତେବେ ଏଥିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ବନ ବିଭାଗ ଅଣ୍ଟା ଭିଡ଼ିଛି। ଏକ ଅଭିନବ ଉପାୟ ସ୍ୱରୂପ ଜଙ୍ଗଲ ଭିତରେ ହାତୀମାନଙ୍କ ପାଇଁ ଧାନ ଓ କଦଳୀ ଚାଷ କରିବାକୁ ବିଭାଗ ଯୋଜନା କରିଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଭିତରେ ହାତୀଙ୍କ ପାଇଁ ଧାନ ଚାଷ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହାକୁ ଆଧାର କରି ବନ ବିଭାଗ ପ୍ରତି ବନଖଣ୍ଡରେ ପ୍ରାୟ ୧୫ ହେକ୍ଟର ଜମିରେ ଧାନ ଓ କଦଳୀ ଚାଷ କରିବାକୁ ଯୋଜନା ଆରମ୍ଭ କରିଛି।

ଏହି କ୍ରମରେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ରାଜ୍ୟର ସମସ୍ତ ଆଞ୍ଚଳିକ ଓ




- ପ୍ରତି ବନଖଣ୍ଡରେ ୧୫ ହେକ୍ଟରରେ ଧାନ ଓ କଦଳୀ ଚାଷ
- ଜାଗା ଚିହ୍ନଟ ପାଇଁ ଡିଏଫ୍‌ଓଙ୍କୁ ଚିଠି ଲେଖିଲେ ପିସିସିଏଫ
- ହାତୀ-ମଣିଷ ଲଢ଼େଇ ରୋକିବାକୁ ବିଭାଗର ଯୋଜନା

ବନ୍ୟପ୍ରାଣୀ ଡିଏଫ୍‌ଓଙ୍କୁ ପତ୍ର ଲେଖି ନିଜ ନିଜ ବନଖଣ୍ଡ ଅଧୀନରେ ଅତିକମ୍‌ରେ ୧୫ ହେକ୍ଟର ଖୋଲା ସ୍ଥାନ ଚିହ୍ନଟ କରିବାକୁ କହିଛନ୍ତି। ଏଥିମଧ୍ୟରୁ ୧୦ ହେକ୍ଟର ଜମିରେ ସ୍ଥାନୀୟ କିସମର ଶସ୍ୟ ରୋପଣ ପାଇଁ ବ୍ୟବହୃତ ହେବା ସହ ଅନ୍ୟ ୫ ହେକ୍ଟରରେ ସ୍ଥାନୀୟ ପ୍ରଜାତିର କଦଳୀ ଗଛ ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ପିସିସିଏଫ୍ ନିଜ ଚିଠିରେ ଦର୍ଶାଇଛନ୍ତି ଯେ ଫସଲ ଅମଳକ୍ଷମ ବା ବଡ଼ ହେବା ପର୍ଯ୍ୟନ୍ତ ଏହାକୁ ବାଡ଼ ଘେରାଇ ରଖାଯିବ। ଏହାପରେ ସେଗୁଡ଼ିକୁ ଧୀରେ ଧୀରେ ହାତୀ ଏବଂ ଅନ୍ୟ ତୃଣଭୋଜୀ ପ୍ରାଣୀମାନଙ୍କ ପାଇଁ ଉପଲବ୍ଧ କରାଯିବ। ବନ୍ୟପ୍ରାଣୀ ପରିଚାଳନାର ଏକ ଅଂଶ ଭାବରେ ଚାରା ଏବଂ ଫଳ ଉତ୍ପାଦନକାରୀ ଉଦ୍ଭିଦ ସହିତ ଘାସ ବିକାଶ, ମାଟି ଏବଂ ଆର୍ଦ୍ରତା ସଂରକ୍ଷଣ ଏବଂ ଜଳାଶୟ ସୃଷ୍ଟି ଭଳି ପଦକ୍ଷେପମାନ ପୂର୍ବରୁ କାର୍ଯ୍ୟକାରୀ ହୋଇ ଆସୁଛି। ଏବେ ହାତୀଙ୍କ ପାଇଁ ଖାଦ୍ୟ ଉପଲବ୍ଧିକୁ ବଢ଼ାଇବା ଲକ୍ଷ୍ୟ ସହ ଜନବସତିକୁ ହାତୀଙ୍କ ପ୍ରବେଶ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ଫଳପ୍ରଦ ହେବ ବୋଲି ବନ ବିଭାଗ ଆଶା ରଖିଛି। ତେଣୁ ରାଜ୍ୟ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଫସଲ ଯଥା ଧାନ, ମକ୍କା, ଜଅ ଏବଂ ସ୍ଥାନୀୟ ଘାସ ଭଳି ଶସ୍ୟ ଫସଲ ଚାଷ ଉପରେ ଏଥର ଗୁରତ୍ୱ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

ସାଧାରଣତଃ ଗୋଟିଏ ହାତୀ ଦିନକୁ ପ୍ରାୟ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦ରୁ ୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ଏହି ପରିମାଣରେ ଖାଦ୍ୟ ମିଳିଲେ ହିଁ ହାତୀର ପେଟ ପୂରିଥାଏ। ଓଡ଼ିଶାରେ ଏବେ ୨୧୦୦ ହାତୀ ଥିବା ରହିଛନ୍ତି। ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ଅଧିକ ରହିଛି। ରାଜ୍ୟରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେବା ସହ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀଙ୍କ ପେଟ ପୂରୁ ନାହିଁ। ଫଳରେ ସେମାନେ ଜନବସତି ମୁହାଁ ହେଉଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

ଭୁବନେଶ୍ୱର, ୧୫।୯ (ସମିସ): ବିଶିଷ୍ଟ କଥାକାର ତଥା କବି ଦେବଦାସ ଛୋଟରାୟଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଟାଇମପାସ୍ ପ୍ରକାଶନୀ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ତାଙ୍କ ଗଳ୍ପସଂକଳନ 'ମ୍ୟାଟିନି ସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଶ୍ରେଷ୍ଠ ସାହିତ୍ୟକୃତି ପାଇଁ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ


ଦେବଦାସ ଛୋଟରାୟ


ବଳଦେବ ମହାରଥୀ


ଗୁରୁ ରାମହରି ଦାସ

ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଆୟୋଜିତ ହେବାକୁ ଥିବା ଏକ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଅଢ଼େଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

ପ୍ରାଥମିକ ପୁସ୍ତକ ଚୟନମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ର ମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ପ୍ରମୁଖ ବିଚାରକ ଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ

### ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'

ମିଶ୍ର। ସେହିପରି ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ।

ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ୱର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'।

■ ରେଳ ଧାରଣା ନିକଟରୁ ମୃତଦେହ ଉଦ୍ଧାର

# ଗୁଣିଆ ସନ୍ଦେହରେ ହତ୍ୟା

କୋରାପୁଟ,୧୫।୯(ସମିସ): କୋରାପୁଟ ରାୟଗଡ଼ା ରେଳ ଲାଇନ ସୁନାବେଡ଼ା ଥାନା ଅନ୍ତର୍ଗତ ମୋହନପଡା ଗ୍ରାମ ନିକଟରେ ସୋମବାର ସକାଳେ ଏକ ମୃତଦେହ ଉଦ୍ଧାର ହୋଇଛି। ଏହା ଗ୍ରାମର ୬୦ ବର୍ଷୀୟ ଗଙ୍ଗାଧର ମୁଦୁଲିଙ୍କର ବୋଲି ଜଣା ପଡ଼ିଛି। ଗଙ୍ଗାଧର ଚାଷ କାର୍ଯ୍ୟ ସହ ଗାଁରେ ଦିଶାରି (ପୂଜକ) ଭାବେ କାର୍ଯ୍ୟ କରୁଥିଲେ। ଗତ ଦୁଇ ଦିନ ହେଲା ସେ ନିଖୋଜ ଥିଲେ। ତେବେ ଗଙ୍ଗାଧରକୁ ଗୁଣିଆ ସନ୍ଦେହରେ ଓ ଜମିଜମା ବିବାଦକୁ ନେଇ କେହି ଦୁର୍ବୃତ୍ତ ହତ୍ୟା କରିଥିବା ପୁଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଗ୍ରାମ ନିକଟ ରେଳ ଧାରଣା କଡ଼ରେ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ପୁଲିସକୁ ଆଜି ସକାଳେ ଖବର ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର, ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ମିଶ୍ର, ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମରେ ଜମି ଜୁମା ବିବାଦକୁ ନେଇ ଗତ ଦିନରେ ଝଗଡ଼ା ହୋଇଥିବା ପୁଲିସ ଜାଣିବାକୁ ପାଇବା ପରେ ସେ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗୁଣିଆ ସନ୍ଦେହରେ ମଧ ହତ୍ୟା ହୋଇଥିବା କିଛି ଗ୍ରାମବାସୀ ଆଲୋଚନା କରୁଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦିଆ ଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର କହିଛନ୍ତି। ସୁନାବେଡ଼ା ଥାନାରେ ଏ ନେଇ ଏକ ହତ୍ୟା ମାମଲା ଧାରା ୧୦୩(୧) ବିଏନଏସ୍/୨୦୨୩ (କେଶ ନଂ ୧୭୯/୨୫) ରୁଜୁ ହୋଇଥିବା ବେଳେ ସବ ଇନ୍ସପେକ୍ଟର ନିର୍ମଳା ଲିମା ଏହାର ତଦନ୍ତ କରୁଛନ୍ତି।

● ଜୟପୁର ଲରୀ ମାଲିକ ସଂଘର ନିର୍ବାଚନ

# ୨୨ ବର୍ଷ ପରେ ନୂତନ ସମ୍ପାଦକ ଚୟନ

ଜୟପୁର,୧୫।୯(ସମିସ): ଦୀର୍ଘ ୨୨ ବର୍ଷ ପରେ ଜୟପୁର ଲରୀ ମାଲିକ ସଂଘର ସମ୍ପାଦକ ପରିବର୍ତ୍ତନ ହୋଇଛନ୍ତି। ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ଗତ ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ସମ୍ପାଦକ ପଦରେ ରହି ଆସୁଥିବା ବେଳେ ବର୍ତ୍ତମାନ ନୂତନ ଭାବେ ମୀନକେତନ ଦାଶଙ୍କୁ ମନୋନୀତ କରିଛନ୍ତି। ଗତକାଲି ଜୟପୁର ଲରୀ ମାଲିକ ସଂଘର କାର୍ଯ୍ୟାଳୟ ଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଏବଂ ସମ୍ପାଦକ ପଦବୀ ପ୍ରାର୍ଥୀଙ୍କୁ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ କରାଯାଇଥିବା ବେଳେ ଉପସଭାପତି, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସଭାପତି ପଦବୀ ନିମନ୍ତେ ସୂର୍ଯ୍ୟପ୍ରକାଶଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଜି. ରମେଶ କୁମାର ୭୨ଟି ଭୋଟ, ଯୁଗ୍ମ ସମ୍ପାଦକ ଏସ. ସତିଶ ୮୨ଟି ଭୋଟ ଏବଂ କୋଷାଧ୍ୟକ୍ଷ ଏସ. ରାମକ୍ରୀଷ୍ଣା ୭୬ ଭୋଟ ପାଇ ବିଜୟଲାଭ କରିଥିଲେ। ଏହି ସଂଘର ସମୁଦାୟ ୧୪୭ ଟ୍ରକ୍ ମାଲିକ ସଦସ୍ୟ ରହିଥିବା ବେଳେ ଗତକାଲି ୧୩୨ ସଦସ୍ୟ ଭୋଟ ଦେଇଥିଲେ। ସେଥି ମଧ୍ୟରୁ ୨ଟି ନାକଚ ହୋଇଥିଲା ଏବଂ ୧୩୦ଟି ଭୋଟଦାନ ହୋଇଥିଲା। ଆଜି ସଂଘ କାର୍ଯ୍ୟାଳୟରେ ଶପଥ ଗ୍ରହଣ ଉତ୍ସବରେ ନୂତନ ସମ୍ପାଦକ ଶ୍ରୀ ଦାଶ କହିଛନ୍ତି ଯେ, ଗତ ୧୯୮୦ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଏହି ସଂଘରେ ସମ୍ପାଦକ ଦାୟୀତ୍ୱରେ ରହିଥିଲେ। ବର୍ତ୍ତମାନ ପୁଣି ସଂଘ ଦାୟୀତ୍ୱ ପ୍ରଦାନ ନେଇ ମାଲିକ ମାନେ ନିଷ୍ପତି ନେଇଛନ୍ତି। ତେଣୁ ସେମାନଙ୍କ ଆଶା ପୂରଣ ନେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତେଣୁ ଏହି ସଂଘକୁ ସଂଗଠିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ନରେନ୍ଦ୍ର ମହାନ୍ତି ଓ ଗୌତମ ସାମନ୍ତରାୟଙ୍କୁ ଉପଦେଷ୍ଟା ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଥିବା ନେଇ ନୂତନ ସମ୍ପାଦକ ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

# ଗର୍ଭବତୀ ମହିଳାଙ୍କ ମୃତ ଘଟଣା, ସ୍ୱାମୀ ଅଟକ

ପୋଡ଼ାଗଡ଼ା,୧୫।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତ ଅଧିନସ୍ଥ ହାତୀମୁଣ୍ଡା ଗାଁରେ ଗତ ରବିବାର ଅପରାହ୍ଣରେ ଜଣେ ୪ ମାସର ଗର୍ଭବତୀ ଥିବା ସନ୍ତୋଷୀ ବିଶୋଇ(୨୨) ମୃତଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ଯୌତୁକ ପାଇଁ ତାଙ୍କୁ ମାରି ଟାଙ୍ଗ ଦିଆଯାଇଥିବା ମହିଳାଙ୍କ ବାପଘର ଲୋକ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଥାନା ଅଧିକାରୀ ନିଳାଦ୍ରି କଅଁର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଆଜି କୋରାପୁଟରେ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ମୃତ ମହିଳାଙ୍କ ସ୍ୱାମୀ ଗୁପ୍ତ ବିଶୋଇଙ୍କୁ ଦଶମନ୍ତପୁର ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ଦାବିପତ୍ର ପ୍ରଦାନ

କୋରାପୁଟ,୧୫।୯(ସମିସ): ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ଏବଂ ମୁଜାଙ୍ଗ ପଞ୍ଚାୟତ ଅଧୀନ ୧୨ ଖଣ୍ଡ ଗ୍ରାମର ଲୋକେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୋଡ଼ାଗଡ଼ ପଞ୍ଚାୟତ ଅନ୍ତର୍ଗତ ମାଲିଙ୍ଗଯୋଡ଼ି, ମାଳିତୋଳା, ପୁରୀମୁଣ୍ଡା,ଲୁଲୁକୁମାରି, ସୁକୁଟାପୁଟ ସମେତ ମୁଜାଙ୍ଗ ପଞ୍ଚାୟତର ବାଉଁଶଗୁଡ଼ା, ବିଲାପୁଟ, ବକଡାଗୁଡ଼ା, ବଡ଼ଗୁଡ଼ା, ଖଜୁରୀଗୁଡ଼ା, ବାଟିଶିଳଗୁଡ଼ା ଏବଂ କେଶବଗୁଡ଼ା ଗ୍ରାମ ସମୂହ ବର୍ତ୍ତମାନ ପୋଡ଼ାଗଡ଼ ଓ ମୁଜାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନରେ ରହିଛି। ଫଳରେ ପଞ୍ଚାୟତ ସଦର ମହକୁମା ଠାରୁ ଗ୍ରାମ ଗୁଡ଼ିକ ବହୁ ଦୂରରେ ଥିବା କାରଣରୁ ଆଶାତୀତ ବିକାଶ କାର୍ଯ୍ୟ ହୋଇ ପାରୁ ନଥିବା ବେଳେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆବଶ୍ୟକ ସମୟ ଦେଇ ପାରୁ ନାହାନ୍ତି। ଫଳସ୍ୱରୂପ ସମ୍ପୃକ୍ତ ୧୨ ଖଣ୍ଡ ଗ୍ରାମବାସୀ ଠିକ୍ ଭାବେ ସରକାରୀ ଯୋଜନାର ଲାଭ ପାଉ ନାହାଁନ୍ତି। ତେଣୁ ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ଉପରୋକ୍ତ ୧୨ ଖଣ୍ଡ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ କରି ମାଲିଙ୍ଗଯୋଡ଼ି ଠାରେ ପଞ୍ଚାୟତ ସଦର ମହକୁମା କାର୍ଯ୍ୟାଳୟ କରିବାକୁ ଦାବି କରିଛନ୍ତି। ଉପରୋକ୍ତ ୧୨ଟି ଗ୍ରାମରେ ପ୍ରାୟ ୧୬୦୦ ଘର ଥିବାବେଳେ ଜନସଂଖ୍ୟା ୬୦୦୦ ରୁ ଅଧିକ ରହିଥିବା ଦର୍ଶାଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ପଞ୍ଚାୟତି ରାଜ ବିଭାଗ ମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରିଛନ୍ତି।

# ଛୁଆ ଚୋରି ନେଇ ଥାନାରେ ଅଭିଯୋଗ କଲେ ଦମ୍ପତି

ଉମରକୋଟ ୧୫।୯(ସମିସ): ପ୍ରସବ ପରେ ଡାକ୍ତରଖାନାରୁ ଗୋଟିଏ ଛୁଆକୁ ଚୋରି କିମ୍ବା ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଦମ୍ପତିଙ୍କ ପକ୍ଷରୁ ଉମରକୋଟ ଥାନାରେ ଛୁଆ ଚୋରି ଅଭିଯୋଗ ନେଇ ଏତଲା ଦିଆଯାଇଛି। ଏହି ଦମ୍ପତି ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୋଷକୋଙ୍ଗା ପଞ୍ଚାୟତର ଆଦିପାରା ଗ୍ରାମର ରାକେଶ ଗଣ୍ଡ ଓ କୁନ୍ତୀ ଗଣ୍ଡ। କୁନ୍ତୀ ଗର୍ଭବତୀ ହେଲା ପରେ ନିୟମିତ ଚେକଅପ ପାଇଁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିଲେ। ଡାକ୍ତର ସାଗରୀକା ସ୍ୱାଇଁଙ୍କ ନିକଟରେ ସେ ଚିକିତ୍ସିତ ହେଉଥିଲେ। ଗତ ଜୁନ୍ ୫ ତାରିଖରେ ସୋନଗ୍ରାଫି ରିପୋର୍ଟରେ କୁନ୍ତୀଙ୍କ ଗର୍ଭରେ ଜାଆଁଳା ଛୁଆ ଥିବା ଜଣାପଡ଼ିଥିଲା। ପରିବାର ଲୋକ ମଧ ଏହି ଖବର ପାଇ ଖୁସି ହୋଇଥିଲେ। ଚିକିତ୍ସାଳୟ ପକ୍ଷରୁ କୁନ୍ତୀ ଗଣ୍ଡଙ୍କୁ ରେଡକାର୍ଡ ସହ ସ୍ୱତନ୍ତ୍ର ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା। ଗତ ସେପ୍ଟେମ୍ବର ୩ ତାରିଖରେ ଗର୍ଭ ଯନ୍ତ୍ରଣା ହେବାରୁ କୁନ୍ତୀଙ୍କୁ ପ୍ରଥମେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରେଡକାର୍ଡ ଓ ଜାଆଁଳା ଛୁଆ ଥିବା ଯୋଗୁଁ ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫରେ କରିଥିଲେ ଡାକ୍ତର। ପରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିଥିବା ଡାକ୍ତର ଏବଂ ମେଡିକାଲ କର୍ତ୍ତୃପକ୍ଷ କୁନ୍ତିଙ୍କର ଗୋଟିଏ ସନ୍ତାନ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକ ଏହା ଶୁଣିବା ପରେ ଚକିତ ହୋଇଥିଲେ। ଆମର ଦୁଇଟି ଛୁଆ ହୋଇଛି ଆମକୁ ଦୁଇଟି ଛୁଆ ଦିଅ ବୋଲି ଦାବି କରି କିଛି ସମୟ ହୋ ହାଲ୍ଲା କରିଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀ ଓ ତାଙ୍କ ପରିବାରକୁ ବୁଝାଇ ଗୋଟିଏ ଛୁଆ ଦେଇ ଘରକୁ ପଠାଇ ଦେଇଥିଲେ। ଆଜି ଉମରକୋଟ ଥାନାରେ ସ୍ୱାମୀ ରାକେଶ ଗଣ୍ଡ ତାଙ୍କ ନବଜାତ ଶିଶୁ ମଧ୍ୟରୁ ଗୋଟିଏ ଶିଶୁ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ପାଖକୁ ସେମିତି କୌଣସି ଅଭିଯୋଗ ଆସିନାହିଁ କହି ପ୍ରତିକ୍ରିୟା ଦେବାକୁ ମନ କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ଡକ୍ଟର ସାଗରୀକା ସ୍ୱାଇଁ କହିଛନ୍ତି ରିପୋର୍ଟରେ ପ୍ରଥମ ଥର ଯାହା ଥିଲା, ପରେ ସିଙ୍ଗଲ ଶିଶୁ ଥିବା କଥା ସେମାନଙ୍କୁ ଜଣାଇଛି। ଛୁଆ ଚୋରୀ କଥା ସମ୍ପୂର୍ଣ୍ଣ ମିଛ। ଏହି ଅଭିଯୋଗକୁ ମେଡିକାଲ ଇନଚାର୍ଜ ତଦନ୍ତ କରିବେ ବୋଲି କହିଛନ୍ତି।

## ନିର୍ମାଣାଧୀନ ଘରୁ ଚୋରି

ଜୟପୁର,୧୫।୯(ସମିସ): ଜୟନଗର ଅଞ୍ଚଳରେ ବସବାସ କରୁଥିବା ଅଜିତ କୁମାର ମିଶ୍ରଙ୍କ ନବନିର୍ମିତ ଘରରୁ ବିଦ୍ୟୁତ ତାର ଚୋରି ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଟାଉନ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏକ ମାମଲା ରୁଜୁ ହୋଇଛି।

## କାଠ ସହ ଟ୍ରକ୍ ଜବତ

ଡାବୁଗାଁ,୧୫।୯(ସମିସ): ଡାବୁଗାଁ ବନ ବିଭାଗ କର୍ମଚାରୀ ରବିବାର ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ଛେଲିବେଡା ଗ୍ରାମ ନିକଟରେ ଏକ ଟ୍ରକ ନଂ""""ଟିଏସ ୨୮ ଟି ୬୧୨୯ ଯୋଗେ ବର, ଓସ୍ତ, ଡିମିରି ଓ ନିଳଗିରି ଭଳି ବିଭିନ୍ନ ପ୍ରକାରର କାଠ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଟ୍ରକ ଟିକୁ ଅଟକାଇଥିଲେ। ବନ ବିଭାଗ କର୍ମଚାରୀ ମାନେ ଟ୍ରକ ଟିକୁ ଡାବୁଗାଁ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ ଓ ଡ୍ରାଇଭରକୁ ଅଟକ ରଖା ଯାଇଥିଲା। ସୋମବାର ଟ୍ରକ ସହ କାଠ କୁ ବନ ବିଭାଗ ଜବତ କରିଛି ଓ ଡ୍ରାଇଭର ହେଲେ ତେଲେଙ୍ଗାନା ରାଜ୍ୟର ଖାମାମ ଜିଲ୍ଲା ଅଧୀନ ତିଲକନଗର ଗ୍ରାମର ଚାଲା ତିରୁପତି ରାଓ (୩୭) କୁ ଗିରଫ କରି ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା କହିଛନ୍ତି। ଏହି ଚଢଉ ସମୟରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ରିତାରାଣୀ, କାର୍ତ୍ତିକ ମାଝି ଓ ପାରା ଷ୍ଟାଫ ମାନେ ସାମିଲ ଥିଲେ।

## ଗଞ୍ଜେଇ ସହ ଅଟୋ ଜବତ

ବୈପାରିଗୁଡ଼ା, ୧୫।୯(ସମିସ): କେରାପୁଟ ଛକରେ ୧୦୩ କିଲୋ ଗଞ୍ଜେଇ ସହ ଅଟୋ ଜବତ କରାଯାଇଥିବା ବେଳେ ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଏନେଇ ସୂଚନା ଦେଲେ ବୈପାରୀଗୁଡା ଥାନା ଅଧିକାରୀ ଓଆଇସି ଡମ୍ବରୁଧର ବାତ୍ରିଆ କହିଛନ୍ତି, ଗତକାଲି ମଧ ରାତିରେ ବୈପାରିଗୁଡା ଥାନା ଏସଆଇ ସଞ୍ଜୀବ ବେହେରା ଏବଂ ତାଙ୍କ ଟିମ୍ ନାଇଟ୍ ପେଟ୍ରୋଲିଂ କରୁଥିବା ବେଳେ ବୈପାରିଗୁଡା ଥାନା ଅନ୍ତର୍ଗତ କେରାପୁଟ ଛକ ଦେଇ ଗୋଟିଏ ଅଟୋ ଆସୁଥିବା ଦେଖି ପୁଲିସ ତାକୁ ସନ୍ଦେହରେ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଦୂରରୁ ଅଟୋ ଡ୍ରାଇଭର ତଥା ଗଞ୍ଜେଇ ଚାଲାଣକାରୀ ପୁଲିସକୁ ଦେଖି ଅଟୋ ଗାଡ଼ି ଛାଡ଼ି ଅନ୍ଧାରର ସୁଯୋଗ ନେଇ ଜଙ୍ଗଲ ଭିତରକୁ ଦୌଡ଼ି ଚାଲିଯାଇଥିଲା। ଅଟୋ ଯାଞ୍ଚ କରିବାରୁ ସେଥିରେ ୧ କ୍ୱିଣ୍ଟାଲ ୩ କିଲୋ ଥିବା ଜଣାପଡିଥିଲା। ଆଜି ଜବତ ଗଞ୍ଜେଇ ଏବଂ ଅଟୋକୁ କୋର୍ଟ ଚାଲାଣ କରାଯାଇଥିବା ବୈପାରିଗୁଡ଼ା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# ଓଡ଼ିଶା ଶିଳ୍ପୀ ମହାସଂଘର ଦାବିପତ୍ର ପ୍ରଦାନ



କୋରାପୁଟ,୧୫।୯(ସମିସ): ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ କୋରାପୁଟ ଶାଖା ପକ୍ଷରୁ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଚରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ ପାଖାପାଖି ବରିଷ୍ଠ ବୁଣାଳୀର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡ଼ିରହିଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଞ୍ଜନ କର, କୋରାପୁଟ ଜିଲ୍ଲା ସଂଯୋଜକ ଗୌର କୁମାର, ଶ୍ୟାମ କୁମ୍ଭାର, କୈଳାସ କୁମାର, ମିନୁ ପାତ୍ର, ପଙ୍କଜିନୀ ପାତ୍ର, ବିଦ୍ୟାଧର ମହନ୍ତ, ରାମକୃଷ୍ଣ ମାଂଗାଲି, ମଧୁସୂଦନ ମାଝୀ ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା ପ୍ରମୁଖଙ୍କ ସହ କୋରାପୁଟ ଜିଲ୍ଲାର କାରିଗର ଓ ବୁଣାକାର ମାନେ ସାମିଲ ହୋଇଥିଲେ।

# ଆରମ୍ଭରୁ କମ୍ପାନୀର ଅବହେଳାକୁ ବିରୋଧ

ସେମିଳିଗୁଡା, ୧୫।୯(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଣୀକଣା ଓ ଲୁଙ୍ଗୁରୀ ଠାରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ନକରିବା ନେଇ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଅସନ୍ତୋଷ ପ୍ରକାଶ କରିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ କିମ୍ବା ସରପଞ୍ଚ,ସମିତି ସଭ୍ୟ ବୋଲି ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେମିଳିଗୁଡା ପ୍ରେସ କ୍ଲବ ଠାରେ ସାମ୍ବାଦିକ ସମ୍ମେଳନ ଆୟୋଜନ କରିଥିବା ବେଳେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଏହି ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିକୁ ସ୍?ାଗତ କରିଥିବା ବେଳେ ଆଜି ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ କୁ ତୀବ୍ର ବିରୋଧ କରିଥିଲେ। ବିଜୁ ଜନତା ଦଳର ଶାସନ କାଳରେ ଏହି ଗ୍ରୀନ୍ ପ୍ଲାଏ କାରଖାନା ନିର୍ମାଣ ପାଇଁ ୨୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ଘୋଷଣା ସମୟରେ ୬୦୬ କୋଟି ଟଙ୍କାରେ ବ୍ୟାୟବୋଲି ଘୋଷଣା କରାଯାଇଛି। ବାକି ୧୪୦୦ କୋଟି ଟଙ୍କା କ'ଣ ହେଲା ବୋଲି ପ୍ରଫୁଲ୍ଲ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ବିଧାୟକ ଅନୁପସ୍ଥିତ ପଛରେ ଅନେକ ସନ୍ଦେହ ରହିଥିବା ଅଭିଯୋଗ କରିଛନ୍ତି। ସେହି ପରି ଦାମନଯୋଡି ରେ ନାଲକୋ କମ୍ପାନୀ ରେ ଜମି ହରା ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନିମନ୍ତେ ନିଜ ସମର୍ଥନ ରହିଛି। ସ୍ଥାନୀୟ ଲୋକ ନିଜ ଅଧିକାର ପାଇଁ ଆନ୍ଦୋଳନ କରିଛନ୍ତି ଜଦୀ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୟ ନଦିଅନ୍ତି ତାହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ଉମରକୋଟ,୧୫।୯(ସମିସ): ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକ ଖୁବଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୭ଟି ଗ୍ରାମ୍ୟ ଗୋଷ୍ଠୀଗତ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ହକି, ବାସ୍କେଟ୍‌ବଲ ଖେଳାଳି ଚୟନ

ସୁନାବେଡ଼ା,୧୫।୯(ସମିସ):କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଦିନ ସୁନାବେଡ଼ା -୧ ସ୍ଥିତ ସରକାରୀ (ଏସ.ଏସ.ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରର ଖେଳ ପଡିଆ ଠାରେ ଜିଲ୍ଲା ସ୍ତରୀୟ ହକି ଏବଂ ବାସ୍କେଟବଲ୍ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ ହୋଇଯାଇଛି। ସୁନାବେଡ଼ା ସରକାରୀ (ଏସ.ଏସ.ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏଡିଇଓ ଚାମେଲି ମଜୁମଦାର , ସମ୍ମାନିତ ଅତିଥିଭାବେ ଡିପିଇଓ ଲଲାଟେଣ୍ଡୁ ପୂଜାରୀ , ବରିଷ୍ଠ ଖେଳ ଶିକ୍ଷକ ସଂଗ୍ରାମ ରାଉତ, ସନ୍ଦୀପ ପଟ୍ଟନାୟକ, କୋଟିଆ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରତାପ ଖାଲକୋ , ଅନିଲ ପତି , ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଥାଉକି ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତାରେ କୋଟିଆ ପରି ଅଞ୍ଚଳରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ଉକ୍ତ ବିଦ୍ୟାଳୟରେ ଥିବା ଖେଳ ପଡ଼ିଆର ବିଭିନ୍ନ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କରିଥିଲେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆସୁଥିବା ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇପାରିଥାନ୍ତେ।

## ୱାଗନର୍ ଗାଡି ସହ ଗଞ୍ଜେଇ ଜବତ

ନନ୍ଦପୁର,୧୫।୯(ସମିସ): ସମବାର୍ ଅପରାହ୍ଣରେ ପାଡୁଆ ପୋଲିସ୍ ଏସଆଇ ଦୀପକ କୁମାର ବାରିକ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ଅତଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦୋକା ନାପୁଟଗ୍ରାମର ଠାରୁ ଆରୁକୁ ଅଞ୍ଚଳକୁ ଅବୈଧ ଗଞ୍ଜେଇ ବିକ୍ରି ଉଦ୍ଦେଶ୍ୟରେ ଚୋରା ଚାଲାଣ ହେଉଥିବା ସୂଚନା ପାଇଥିଲେ। ସୂଚନା ପାଇ ଏସ୍ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପାଡୁଆ ଡାକ ବଙ୍ଗଳା ଛକ ନିକଟରେ ଖାନତଲାସି ଆରମ୍ଭ କରିଥିଲା। ଓଆର୍ ୦୨ ଏଏଲ ୫୨୦୨ ନମ୍ବରରେ ଏକ ମାରୁତି ସୁଜୁକି ୱାଗନର୍ ଗାଡିଟିକୁ ପିଛା କରି ୨୨୫ କିଲୋଗ୍ରାମ୍ ଗାଞ୍ଜେଇ ଜବତ କରିଥିଲେ। ଉକ୍ତ ଗାଡ଼ି ସହ ଗଞ୍ଜେଇକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଜବତ କରାଯାଇଛି।


## ଟ୍ରକ୍ ଡ୍ରାଇଭର, ହେଲପର କୋର୍ଟ ଚାଲାଣ

ଜୟପୁର,୧୫।୯ (ସମିସ) : ଜୟପୁର ସଦରଥାନା ବାରିଣିପୁଟ ପୁଲିସ ଫାଣ୍ଡି ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ବୁଲାଣି ନିକଟରେ ଟ୍ରକ୍ ଦୋକାନ ଭିତରକୁ ମାଡ଼ିଯିବାରୁ ମା'ର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଥିଲେ। ଏହି ମାମଲାରେ ଟ୍ରକ୍ ଚାଳନା କରୁଥିବା ହେଲପର ରାମ ଖିଲ ଏବଂ ପାଶ୍ୱର୍ରେ ବସିଥିବା ଡ୍ରାଇଭର ଧନୀ ଟାକ୍ରୀଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତକାଲି ଅପରାହ୍ଣରେ ଉକ୍ତ ମାଲବାହୀ ଟ୍ରକ୍ କୋରାପୁଟ ପଟକୁ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବା ଯୋଗୁଁ ବାରିଣିପୁଟ ଠାରେ ୩ଟି ଦୋକାନ ଭିତରକୁ ଟ୍ରକ୍ ମାଡି ଯାଇଥିଲା। ସ୍ଥାନୀୟ ବାସିନ୍ଦା ଚାଳକ ହେଲପରକୁ ଧରି ମାଡମାରୁଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିଲା। କିନ୍ତୁ ପୁଲସି ଲୋକଙ୍କ କବଳରୁ ହେଲପରକୁ ଉଦ୍ଧାର କରିବା ସହ ସଦରଥାନାକୁ ଆଣିଥିଲେ। ଆଜି ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କାଠରଗଡା ସରପଞ୍ଚଙ୍କ ପରଲୋକ

ବୋରିଗୁମ୍ମା, ୧୫।୯ (ସମିସ): ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କାଠରଗଡା ପଞ୍ଚାୟତ ସରପଞ୍ଚ କୁନି ସୌରା (୩୦) ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ୬ମାସ ଧରି ଚିକିତ୍ସାଧୀନ ଥିଲେ। ରବିବାର ଦିନ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। କାଠରୋଗଡା ପଞ୍ଚାୟତରେ ସେ ୯ ବର୍ଷ କାଳ ଦାୟିତ୍ୱ ତୁଲେଇ ଥିଲେ।ଆଜି ସକାଳେ ମୃତ ସରପଞ୍ଚ ଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା ସମେତ ଅନେକ ବିଜେଡି ପୁଣି ପଞ୍ଚାୟତ ଅଧିକାରୀ ହରିହର ବେହେରା, ଏଡିଓ ,ଅମରେନ୍ଦ୍ର ପାଳ, ଗୋପାଳ ଡ଼ଙ୍ଗରିଏବଂ ,ସ୍ୱାଗତୁକା ଜିପିଡ଼ିଓ ମଦନ ନାଏକ, ଅନେକ କର୍ମୀ ଓ ଗ୍ରାମବାସୀ ସରପଞ୍ଚଙ୍କ ଶେଷ ଦର୍ଶନ କରିଥିଲେ।ଗତକାଲି ସରପଞ୍ଚ କୁନି ସୌରାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ମେଡ଼ିକାଲ ଯାଇଥିଲେ।ଏଥସହ ବିଜେଡି କର୍ମୀ ସୁରେନ୍ଦ୍ର ତ୍ରିପାଠୀ,ସରୋଜ ବାଗ, ଅଭିମନ୍ୟୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

# ପେପରମିଲ କର୍ମଚାରୀଙ୍କୁ ବକେୟା ଦରମା ଦେବା ପାଇଁ ଦାବିପତ୍ର

ଜୟପୁର,୧୫।୯(ସମିସ): ୨୦୨୪ ମସିହା ଅଗଷ୍ଟ ମାସରୁ ପେପରମିଲ କର୍ମଚାରୀଙ୍କ ଦରମା ମିଳିନଥିବା ଯୋଗୁଁ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଜି ବାଲାରପୁର ଏମ୍ପ୍ଲଇଜ୍ ୟୁନିଅନ ପକ୍ଷରୁ ଆଜି ମାନବସମ୍ବଳ ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଛି। ନିୟମିତ ଭାବେ ମିଲକୁ ଯାଇ କାର୍ଯ୍ୟ କରିଥିବା ୧୪ ମାସର ଦରମା ପ୍ରଦାନ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। କର୍ମଚାରୀ ମାନଙ୍କୁ ଗତ ୨୦୧୭ ମସିହା ଠାରୁ ବଳକା ଟଙ୍କା, ବୋନସ ଏବଂ ବୃତ୍ତିଗତ ଟଙ୍କା ଦିଆଯାଇନାହିଁ। କିନ୍ତୁ ବର୍ତ୍ତମାନ କର୍ମଚାରୀ ମାନେ ତାହା ଦାବି କରୁନାହାନ୍ତି। ଦରମା ନ ମିଳିବା ଫଳରେ ଘର ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଛି। ଛୁଆପିଲାମାନଙ୍କ ପାଠପଢା ଠାରୁ ଆରମ୍ଭ କରି ମେଡିକାଲ ସମସ୍ୟା ଦେଖାଗଲେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେଣୁ ଦଶହରା ପର୍ବ ପାଳନ ପୂର୍ବରୁ ଗତ ୧୪ ମାସର ଦରମା ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସାଧାରଣ ସମ୍ପାଦକ ସରୋଜ ସୁଆର, କାର୍ଯ୍ୟକାରୀ ସଭାପତି ବଂଶୀଧର ମହାଙ୍କୁଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭେଜାହାଣ୍ଡି ହଷ୍ଟେଲରେ ଝାଡାବାନ୍ତି ଘଟଣା

# ପେଟପୁରା ଖାଇବାକୁ ଦେଉନି ମଙ୍ଗଳ ବିଭାଗ !



କୁନ୍ଦୁରା,୧୫।୯(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଭେଜାହାଣ୍ଡି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ଝାଡାବାନ୍ତ ପରେ ହଷ୍ଟେଲରେ ପହଞ୍ଚିଲେ ଚାରି ଜଣିଆ ଡାକ୍ତରୀ ଦଳ। ହଷ୍ଟେଲ ପରିମଳ ବ୍ୟବସ୍ଥା ତଦାରଖ କରାଯାଇଛି। ଝାଡାବାନ୍ତିର କାରଣ ଖୋଜାଚାଲିଛି। ଛାତ୍ରୀ ମାନେ ବ୍ୟବହାର କରୁଥିବା ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି। ସେପଟେ ବାହାର ଖାଦ୍ୟ ଯୋଗୁଁ ଛାତ୍ରୀମାନେ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଘଣ୍ଟ ଘୋଡା ନୀତି ଅବଲମ୍ବନ କରି ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀ ଗଣ ମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଅଧିକାରୀଙ୍କ ପ୍ରତିକ୍ରିୟାକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ସୂଚନା ଥାଉକି, ଭେଜାହାଣ୍ଡି ସ୍ଥିତ ଜନଜାତି ହଷ୍ଟେଲରେ ଗତକାଲି ୧୩ ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟ ରେ ଭର୍ତ୍ତି ହୋଇଥିଲେ। ସହିପରି ସପ୍ତାହେ ମଧ୍ୟରେ ଏହି ଅନୁଷ୍ଠାନର ୨୫ ଜଣ ଛାତ୍ରୀ ଝାଡା ବାନ୍ତି ରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ପାଇବା ପରେ ଗତ କାଲି କୋଟପାଡ଼ ବିଧାୟକ ରୁପୁ ଭତ୍ରା ହଷ୍ଟେଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲ। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲାସ୍ତରୀୟ ଡାକ୍ତର ଶିବ ସାଇ ସ୍ୱରୂପ ଦାଶଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଡାକ୍ତରୀ ଦଳ ହଷ୍ଟେଲରେ ପହଁଚି ଛାତ୍ରୀଙ୍କୁ ଭେଟିଛନ୍ତି। ଗ୍ରାମବାସଙ୍କ କହିବା ଅନୁଯାୟୀ, ଜିଲ୍ଲା ମଙ୍ଗଳ ଅଧିକାରୀ ୫ ଦିନ ପରେ ଆସି ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବ୍ଲକ ମଙ୍ଗଳ ଅଧିକାରୀଙ୍କ ଅବହେଳାକୁ ନେଇ ଘଣ୍ଟ ଘୋଡାଇବାରେ ବ୍ୟସ୍ତ। ହଷ୍ଟେଲରେ ଖାଦ୍ୟ ନିଅଣ୍ଟିଆ ଯୋଗୁଁ ବାହାର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି ଛାତ୍ରୀ ମାନେ। ଯୋ ଦ୍ୱାରାକି ଏଭଳି ପରିସ୍ଥିତି ଉପୁଜିଛି। ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନୀ ରଞ୍ଜନ ଜାଲି କେଉଁ ଅଧିକାରରେ ଦୀର୍ଘ ୪ ବର୍ଷକାଳ ଏହି ହଷ୍ଟେଲ ଦାୟିତ୍ୱ ତୁଲାଉଥିଲେ ବୋଲି ପ୍ରଶ୍ନ କରାଯାଇଛି। ତଦାରଖ ସମୟରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ଗଣେଶ ପ୍ରସାଦ ଦାଶ, ଉପେନ୍ଦ୍ର ଭଟ ପ୍ରମୁଖ ଉପସ୍ଥିତ ଥିଲେ

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

# ରକ୍ତରଞ୍ଜିତ ହେଲା ଭୈରବ ପୀଠ



## ଅମ୍ବାଦଳା ପ୍ରସିଦ୍ଧ ବାଲିଯାତ୍ରା ଉଦ୍‌ଯାପିତ

ମୁନିଗୁଡ଼ା, ୧୫।୯(ସମିସ) : ଜିଲ୍ଲା ଅମ୍ବାଦଳା ବହୁ ପ୍ରସିଦ୍ଧ ନବଦିନାତ୍ମକ ଦଣ୍ଡଭୈରବଙ୍କ ବାଲିଯାତ୍ରା ଆଜି ଉଦ୍‌ଯାପିତ ହୋଇଯାଇଛି। ଐତିହାସିକ ଅମ୍ବାଦଳା ସହରର ଆରାଧ ଦଣ୍ଡ ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଯାତ୍ରାର ଅନ୍ତିମ ଦିବସରେ ମାନସିକଧାରୀ ମାନେ ନଡ଼ିଆ, କଦଳୀ ଭୋଗ ସହିତ ଛେଳି, ମେଣ୍ଢା, ପାରା, କୁକୁଡ଼ା, ପୋଢ଼ ବଳି ଦେଇ ପୂଜାର୍ଚ୍ଚନା କରିଥିଲେ। କଳାହାଣ୍ଡି , କନ୍ଧମାଳ ରାୟଗଡ଼ା ଜିଲ୍ଲାର ହଜାର ହଜାର ଶ୍ରଦ୍ଧାଳୁଙ୍କ ଜନ ଗହଳିରେ ଯାତ୍ରା ସମାପନ ହୋଇଥିଲା। ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା କଣ୍ଟା ଦୋଳିରେ ଝୁଲିବା ଓ ଝାମି ନିଆଁରେ ଚାଲିବା। ଦଣ୍ଡ ଭୈରବଦେବଙ୍କ ଆଶୀସରେ ମନସ୍କାମନା ପୂର୍ଣ୍ଣର୍ ହୋଇଥିବାରୁ ଦୂରଦୂରାନ୍ତରୁ ଭକ୍ତ ମାନେ ଆସି ପୂଜାର୍ଚ୍ଚନା କରିଥିଲେ। ଭୈରବ ପାଟ ଖଣ୍ଡା ଧରି କଣ୍ଟାଦୋଳିରେ ଝୁଲିବା ସହ ଝାମି ନିଆଁରେ ଚାଲିଥିଲେ। ପାରମ୍ପାରିକ ବାଦ୍ୟ ଘୁମୁରା ନାଚ ସହିତ ପ୍ରଥମ ଦିନରୁ ଶିବ ମନ୍ଦିର ନାଳରୁ ପୂଜାର୍ଚ୍ଚନା କରି ଆଣିଥିବା ବାଲିରେ ନାନା ପ୍ରକାର ବିହନ ଷଷ୍ଠ ଦିନରେ ବୁଣାଯାଇଥାଏ। ଶେଷ ଦିନରେ ସେହି ବିହନ ଗଜା ପୂଜାର୍ଚ୍ଚନା କରି ଘର ଘର ବୁଲି ବଣ୍ଟା ଯାଇଥାଏ। ଭୈରବଙ୍କ ଅବସ୍ଥାନରେ ପୂଜା କରାଯାଇଥିବା ବାଲିରେ ବିଭିନ୍ନ ବିହନ ଭଲ ଗଜା ହୋଇଥିବାରୁ ଚଳିତ ବର୍ଷ ଭଲ ଫସଲ ହେବ ବୋଲି ମନ୍ଦିର ପୂଜକ ଓ ଗୁରୁଜନମାନେ ଆକଳନ କରିଛନ୍ତି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ତରଫରୁ ରଖାଯାଇଥିଲା। ଜନଗହଳି ଆଖିଆଗରେ ରଖି ଅମ୍ବାଦଳା ପୁଲିସ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ବାହିନୀ ଉପସ୍ଥିତ ରହି ସୁରୁଖୁରୁରେ ଯାତ୍ରା ସମାପନ କରିଥିଲେ।

## ମା'ଭୈରବୀଙ୍କ ଯାତ୍ରା ଉତ୍ସବ

ଦୁର୍ଗୀ,୧୫।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ଗ୍ରାମରେ ମା' ଭୈରବୀଙ୍କ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରାରେ ୩୪ବର୍ଷ ହେଲା ଦୁର୍ଗୀ ଓ ପାଶ୍ୱର୍ବର୍ତ୍ତୀ ଅନୁସୂଚିତ ଜାତି ଓ ଜନଜାତି ଲୋକ ମାନେ ମାନସିକ କରିଥାନ୍ତି। ମା'ଙ୍କ ଉପରେ ଭକ୍ତମାନେ ଦୃଢ ବିଶ୍ୱାସ ରଖି ମାନସିକ କରି ସଫଳତା ପାଇଲା ପରେ ଭକ୍ତମାନେ ମା'ଙ୍କ ପାଖରେ କୁକୁଡ଼ା ଓ ଛେଳିକୁ ବଳି ଦେଇଥାନ୍ତି। ଆଉ କେହି ଶ୍ରଦ୍ଧାଳୁ ଲଣ୍ଡା ବି ହୋଇଥାନ୍ତି। ମନ୍ଦିର ପୂଜକ ଗୋପାଳ ଗୌଡ଼ ଗ୍ରାମର ମଙ୍ଗଳ ପାଇଁ ଗ୍ରାମର ସମସ୍ତ ଦେବାଦେବୀଙ୍କୁ ପୂଜା କରି ଭୋଗ, ଦୀପ, ପୁଷ୍ପ ଦେଇ ଗ୍ରାମରେ ପରିକ୍ରମା କରିଥାନ୍ତି। ସାଥି ପୂଜକ ତ୍ରିପତି ଉତ୍ତରକବାଟ ମା'ଙ୍କ ଡମ୍ବ ବାଦ୍ୟରେ ବେଜୁ ନାଚ କରି ସନ୍ଧ୍ୟା ସମୟରେ ଆଳତୀ ଦେଇ ଯାତ୍ରାକୁ ଉପଭୋଗ କରିଥାନ୍ତି। ମା'ଙ୍କ ପାଇଁ ଲିଆ ମୁହାଁ, କାକରା, ଖେଚୁଡ଼ି, ପଣା ସବୁ ପ୍ରସାଦ ସେବନ ଲାଗି ଥାଏ। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଲୋକଙ୍କ ସମାଗମ ହୋଇଥାଏ।

## ରାସ୍ତା ମରାମତି ହେଲା



'ସକାଳ' ପ୍ରଭାବ

କଲ୍ୟାଣସିଂହପୁର,୧୫।୯(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ମୁଖ୍ୟ ସଡ଼କ ଖଶୀଗୁଡା ଗ୍ରାମକୁ ସଂଯୋଗ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା 'ସକାଳ' ଖବର କାଗଜରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପାଇବା ପରେ ବ୍ଲକ୍ ପ୍ରଶାସନର ନିଜ ଭାଙ୍ଗିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ବ୍ଲକର ରାୟଗଡା ଓ କଲ୍ୟାଣସିଂହପୁର ପୂର୍ବ ବିଭାଗର ରାସ୍ତା ନିକଟରେ ଥିବା ଗ୍ରାମ ଖଶୀଗୁଡା। ଏହି ରାସ୍ତା ପାଇଁ ନିର୍ବାଚନ ବେଳେ ପ୍ରତିଶୃତି ମିଳିଥିଲା। କିନ୍ତୁ ରାଜନୈତିକ ଛକାପଞ୍ଝା ଓ ପ୍ରଶାସନିକ ସ୍ଥାଣୁତା ପାଇଁ ରାସ୍ତା ହୋଇ ପାରୁ ନଥିଲା। ଖବର କାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ଏଣୁ ଗଣମାଧ୍ୟମ, ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ, ପଞ୍ଚାୟତ ପ୍ରଶାସନକୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।

## ୯୭୬ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ ସ୍କୁଲ୍ ଫେରିଲେ

ମାଲକାନଗିରି,୧୫।୯ (ସମିସ): ମାଲକାନଗିରି ଜିଲ୍ଲାରେ ଅଧାରୁ ପାଠ ଛାଡି ଥିବା ଓ ବିଦ୍ୟାଳୟ ଯାଉ ନଥିବା ମୋଟ ୮୧୧୧ ଜଣ ପିଲାଙ୍କ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୬୦୭୫ ଜଣ ଡ୍ରପ୍ ଆଉଟ୍ ଥିବା ବେଳେ ୨୦୩୬ ଜଣ ପିଲା ସ୍କୁଲକୁ ଯାଇନାହାନ୍ତି। ସେମାନଙ୍କ ମଧ୍ୟରୁ ୯୭୬ଜଣ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଯାଇ ଥିବାର ଜିଲ୍ଲା ସର୍ବ ଶିକ୍ଷା ଅଭିଯାନ ବିଭାଗ ସୂତ୍ରରୁ ଜଣା ପଡିଛି। ୭ବର୍ଷରୁ ୧୪ ବର୍ଷ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ରେ ୨୫୨୬ଜଣ, ୧୫ରୁ ୧୬ ବର୍ଷ ମଧ୍ୟରେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୨୧୪୧ଜଣ, ୧୭ରୁ ୧୮ ବର୍ଷ ମଧ୍ୟରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ ୧୪୦୮ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବ୍ଲକରୁ ୮୨୦ଜଣ, କାଲିମେଳା ବ୍ଲକରୁ ୫୮୭ ଜଣ, ଖଇରପୁଟ ବ୍ଲକ ର ୮୨୭ଜଣ, କୋରକୁଣ୍ଡା ବ୍ଲକ ର ୭୩୩ ଜଣ, ମାଲକାନଗିରି ବ୍ଲକ ର ୧୬୬୪ ଜଣ, ମାଥିଲି ବ୍ଲକର ୯୯୭ ଜଣ, ପଡିଆ ବ୍ଲକ ର ୪୪୭ ଜଣ ମୋଟ ୬୦୭୫ ଜଣ ଛାତ୍ର ଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି। ଡ୍ରପଆଉଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଇତି ମଧ୍ୟରେ ୯୭୬ ଜଣ ଛାତ୍ର ଛାତ୍ରୀଙ୍କୁ ପୁଣି ପାଠ ପଢିବା ପାଇଁ ବିଭିନ୍ନ ସ୍କୁଲର ନାମ ଲେଖା ଯାଇଛି।

## ମିଟ୍ସ ରାୟଗଡ଼ାର ଇଞ୍ଜିନିୟର୍ସ ଦିବସ କାର୍ଯ୍ୟକ୍ରମ



ରାୟଗଡ଼ା,୧୫।୯(ସମିସ): ମଝିଘରିଆଣି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ ), ରାୟଗଡ଼ା ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ସୁନାବେଡା ଲୋକାଲ ଚାପ୍ଟର ସହଯୋଗରେ ଆଜି ଭାରତରତ୍ନ ଏମ୍. ବିଶେଶ୍ୱରାୟଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରି ୫୮ତମ ଇଞ୍ଜିନିୟର୍ସ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି, ଏ.ଆର୍. ଆଲୋକ ନାରାୟଣ, ଡେପୁଟି ଜେନେରାଲ ମ୍ୟାନେଜର, ଏଏଚ୍‌ଏଏଲ୍, ସୁନାବେଡା, ସମ୍ମାନିତ ଅତିଥି, ମହିନ୍ଦ୍ରା ପ୍ରାଇଡ୍ କ୍ଲାସରୁମ୍, ନାନ୍ଦି ଫାଉଣ୍ଡେସନ୍, ରାଜ୍ୟ ତାଲିମ ସଂଯୋଜକ, ସୁଶ୍ରୀ ମୁନମୁନ୍ ସିଂହ ଏବଂ ଏ.ଆର୍. ସଞ୍ଜୟ କୁମାର ବିସୋଇ, ସମ୍ମାନୀୟ ସଚିବ, ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ସୁନାବେଡା ଲୋକାଲ ଚାପ୍ଟର ପ୍ରମୁଖ ଯୋଗ ଦେଇଥିଲେ। ମିଟ୍ସ ରାୟଗଡ଼ର ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ ସ୍ୱାଗତ ଭାଷଣରେ ଯିଏ ନବସୃଜନ, ସୃଜନଶୀଳତା ଏବଂ ସାମାଜିକ ପ୍ରଗତିକୁ ପ୍ରୋତ୍ସାହିତ କରିବାରେ ଇଞ୍ଜିନିୟର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମିଟ୍ସ ର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ସମାରୋହର ଏକ ପ୍ରମୁଖ ଆକର୍ଷଣ ଥିଲା ମିଟ୍ସ ରାୟଗଡ଼ ଏବଂ ମହିନ୍ଦ୍ରା ପ୍ରାଇଡ୍ କ୍ଲାସରୁମ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ଏବଂ ଆଦାନପ୍ରଦାନ। ଅନିମେଶ ଘୋଷଙ୍କ ଦ୍ୱାରା ଏମ. ବିଶ୍ୱେଶ୍ୱରାୟଙ୍କ ଜୀବନ ଏବଂ ଅବଦାନ ଉପରେ ଏକ ଉପସ୍ଥାପନା ଏବ ଧନିଆ ଚେଣ୍ଡାଙ୍କ ଛାତ୍ର ଭାଷଣ କାର୍ଯ୍ୟକ୍ରମକୁ ଆହୁରି ସମୃଦ୍ଧ କରିଥିଲା। ପ୍ରତିଯୋଗିତାର ବିଜେତାମାନଙ୍କୁ ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ ସହିତ ଉତ୍ସବ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଶ୍ରୀମତୀ ସଜ୍ଞାନ ସ୍ୱାଇଁ ଅନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ମିଟ୍ସ ରାୟଗଡ଼ାରେ ଇଞ୍ଜିନିୟର ଦିବସ ପାଳନ ବୈଷୟିକ ଶିକ୍ଷାରେ ନବସୃଜନ ଏବଂ ଉତ୍କର୍ଷତାକୁ ପୋଷଣ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା ବୋଲି ମିଟ୍ସର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା କହିଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,୧୫।୯ (ସମିସ):ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୪୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲାକ୍ଷ ସେଥିମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ସେହିପରି ୪ ଗୋଟି ରାସନ୍ କାର୍ଡ, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ ଗୋଟି ଜମିଜମା ସମ୍ବନ୍ଧୀୟ, ଗୋଟିଏ ଚାକିରୀ ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନସନ ଏବଂ ୨୭ ଗୋଟି ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା। ଆଜିର ଶିବିରରେ ୬୮ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୨୬ ଜଣ ଶ୍ରମିକ ଙ୍କର ନୂତନ ଭାବେ ନାମ ପଞ୍ଜିକରଣ କରାଯାଇଛି। ସେହିପରି ୫୭ ଜଣ ଶ୍ରମିକଙ୍କର କାର୍ଡ ନବୀକରଣ କରାଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫ ଜଣ ଓ ୪ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି। ସେହିପରି ୨୩ ଜଣ ରାସନ୍ କାର୍ଡ ହିତାଧିକାରୀଙ୍କଇ କେୱାଇସି ଅପଡେଟ୍ କରାଯାଇଛି। ୧୫ ଜଣଙ୍କର ଆଧାର କାର୍ଡ ଅପଡେଟ କରାଯାଇଥିବା ବେଳେ ୫୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ କୋରକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରକୁଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ନାରୀ ଓ ସଶକ୍ତ ପରିବାର ଅଭିଯାନ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୫।୯ (ସମିସ): ଆସନ୍ତା ୧୭ ସେପ୍ଟେମ୍ବରରେ "ସ୍ୱଚ୍ଛ ନାରୀ, ସଶକ୍ତ ପରିବାର ଅଭିଯାନ' ଶୁଭାରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।। ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ ଓ ଏଡିପିଏଚଓ ନିହାର ରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ,ଶିକ୍ଷା ,ମହିଳା ଓ ଶିଶୁ ବିକାଶ,ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ, ଗୋଷ୍ଠୀ ଚିକିତ୍ସାଳୟ ସମ୍ମୁଖରେ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ମଧ୍ୟ ଯୋଗାଇ ଦିଆଯିବ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ଼ଃ ମୌସୁମୀ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## 'ମା'ପାଇଁ ଗଛଟିଏ'ର ସଚେତନତା ଶୋଭାଯାତ୍ରା.

ମାଥିଲି ,୧୫।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ପାଇଁ ଆଜି ମାଥିଲି ପୁରୁଣା ବ୍ଲକ ଠାରୁ ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା। ମାଥିଲି ପୁରୁଣା ବ୍ଲକ ପରିସରରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଚାରାରୋପଣ ଆରମ୍ଭ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି। ଏହି ଶୋଭାଯାତ୍ରାର ବନପାଳ ମୂରଲୀଧର ମହାରଣା, ସମାରା ଖରା, ପବିତ୍ର ଦାସ, ଏ ପିଙ୍କି ରାଓ ଓ ବନରକ୍ଷୀ ଦିଲୀପ ଡାକୁଆ, ଅନିତା ନାୟକ, ମଧୁସ୍ମିତା ପୃଷ୍ଟି, ଦିପ୍ତି ରଞ୍ଜନ ନାୟକ, ସେବତୀ ମାଝୀ, ଅର୍ଜୁନ ବଟେ, ମଞ୍ଜୁ ଝିଲିମିଲିଆ, ପ୍ରୀତି ପୁଷ୍ପଲତା ଦାସ ଓ ବଂଶୀ ଅନୁଗୁଲିଆ, ହୃଷିକେଶ ପଣ୍ଡା ଓ ମାଥିଲି ବନାଞ୍ଚଳର ପ୍ରୋଟେକ୍ସନ ସ୍କ୍ୱାର୍ଡ, ସରକାରୀ ଉଚ୍ଚ ବିଦ୍ୟାଳୟ ମାଥିଲିର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଇଂଜିନିୟର ଦିବସ



ଗୁଣୁପୁର,୧୫।୯(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଇଂଜିନିୟର ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ଆଇଏସଟିଇ, ଆଇଇଆଇ ଷ୍ଟୁଡେଣ୍ଟ୍ ଚାପ୍ଟର ଏବଂ ସାର୍ସ କ୍ଲବ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ଆଇଏସଟିଇର କାର୍ଯ୍ୟନିର୍ବାହୀ ସଂପାଦକ ଡ ଏସ୍ ଏମ ଆଲି ଆଭାସି ମାଧ୍ୟମରେ ଯୋଗ ଦେଇ ସୋସାଇଟିର କାଯ୍ୟକ୍ରମ ଓ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ସକାଶେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ଏ ଭି ଏନଏଲ ଶର୍ମା ଯୋଗଦେଇ ଭବିଷ୍ୟତରେ ଇଞ୍ଜିନିୟର ମାନଙ୍କ ଦେଶ ତଥା ସମାଜ ପ୍ରତି ଦାୟିତ୍ୱ ଓ ଅବଦାନ ବିଷୟରେ କହିଥିଲେ। ସାର୍ସ କ୍ଲବର ଆବାହକ ଡ. ଆଶିଷ ତିୱାରୀ, ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର ଯୋଗ ଦେଇ ବର୍ତ୍ତମାନ ଇଂଜିନିୟର ମାନଙ୍କ ଉପଲବ୍ଧ ଏବଂ କାର୍ଯ୍ୟ ଦକ୍ଷତା ବିଷୟ ରେ କହିଥିଲେ। ଏହି କାର୍ଯ୍ୟକ୍ରମ ଆଇଏସଟିଇ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଇଆଇ ଷ୍ଟୁଡେଣ୍ଟ୍ ଚାପ୍ଟରର ସଂଯୋଜକ ଅଧ୍ୟାପକ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ବିଷମ କଟକ ୧୫।୯(ସମିସ) ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ରାୟଗଡା ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରିଡା ପ୍ରତିଯୋଗିତ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନିଳମାଧବ ହିକକା ଯୋଗ ଦେଇ ପ୍ରଥମେ ଠାକୁର ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କ୍ରିଡା ପ୍ରତାକାର ଉତୋଳନ କରିଥିଲେ। ଏ ଅବସରରେ ବିଷମ କଟକ ତହସିଲଦାର କେ ଭେଙ୍କେଟେଶ୍ୱର ରେ୍ଡି,ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ହରିହର ବଳଦେବ ଟୁଡୁ,ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମକଟକ ସରପଞ୍ଚ ନମିତା କୁଲେସିକା,ଝିଗିଡି ସରପଞ୍ଚ ଅଜିତ ସାରକା, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ କ୍ରିଡା ଉତ୍ସବ ରେ ରାୟଗଡା ଜିଲ୍ଲାର ୧୧ ଟି ବିଦ୍ୟାଳୟର ୮୫୦ ଛାତ୍ର ଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଏହି କ୍ରିଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ଖେଳ ପରିଚାଳ କରିବା ନିମନ୍ତେ ୨୦୦ ଜଣ କ୍ରିଡା ଶିକ୍ଷକ ନିୟୋଜିତ ହୋଇଛନ୍ତି। ବିଷମ କଟକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରିଡା ପ୍ରତିଯୋଗିତା ଆୟୋଜନ ହେଉଛି। ଦୁଇ ଦିନ ଧରି ଚାଲିବାକୁ ଥିବା କ୍ରୀଡା ଦିବସ କୁ ବିଷମ କଟକ କ୍ରିଡା ଶିକ୍ଷକ ପ୍ରଶନ୍ନ କୁମାର ବିଶ୍ୱାଳ ସମସ୍ତ କାର୍ଯକ୍ରମ ର ପରିଚାଳନା କରୁଥିବା ବେଳେ ବିଭିନ୍ନ ବ୍ଲକ ରୁ ଆସିଥିବା ପ୍ରତିଯୋଗି ଛାତ୍ର ଛାତ୍ରୀ ମାନଙ୍କୁ ରହିବା ଖାଇବା ଏବଂ ସୁରକ୍ଷା ବ୍ୟବସ୍ଥା ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଙ୍କୁ ନିଯୋଜିତ କରାଯାଇଛି। ଖେଳ ଅବସରରେ ପଡିଆରେ ଛାତ୍ର ଛାତ୍ରୀ ଙ୍କ ସୁରକ୍ଷା କୁ ନଜର ରେ ରଖି ମେଡିକାଲ ର ସ୍ୱାସ୍ଥ୍ୟ ଦଳ,ଅଗ୍ନିସମ ବାହିନି , ପୋଲିସ୍ ମୁତୟନ ହୋଇ ରହିଛନ୍ତି। ଉଦ୍‌ଘାଟନି ଦିବସରେ ଆୟୋଜିତ ହୋଇଥିବା ବିଭିନ୍ନ କ୍ରିଡା ର କୃତି ପ୍ରତିଯୋଗି ମାନଙ୍କୁ ନେଇ ଆସନ୍ତା କାଲି ଫାଇନାଲ ପ୍ରତିଯୋଗିତା ଆୟୋଜିତ କରାଯିବ। ଯେଉ ଛାତ୍ର ଛାତ୍ରୀ ବିଜେତା ହେବେ ସେହି କୃତି ପ୍ରତିଯୋଗିତା ମାନେ ରାଜ୍ୟ ସ୍ତରୀୟ କ୍ରିଡା ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହେବେ ବୋଲି ସୂଚନା ରହିଛି।

## ମାଓନେତ୍ରୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୫।୯ (ସମିସ): ମାଓ ସଂଗଠନରେ ନାଗାରି ଏରିଆ କମିଟି ସଚିବ ଭାବରେ ସକ୍ରିୟ ଏବଂ ମୁଣ୍ଡରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ମହିଳା ମାଓ ନେତ୍ରୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଗାରିଆବନ୍ଦ ପୋଲିସ ନିକଟରେ ଆକସମର୍ପଣ କରିଛନ୍ତି। ଆିସମର୍ପଣ କରିଥିବା ଏହି କୁଖ୍ୟାତ ମାଓ ନେତ୍ରୀଙ୍କ ନାମ ଜାନସୀ ଓରଫ ଭାଚେଲା ମାତାମି ହୋଇଥିବା ବେଳେ ସେ ମୃତ କୁଖ୍ୟାତ ମାଓବାଦୀ ସତ୍ୟମ ଗାୱାଡେଙ୍କ ପତ୍ନୀ ବୋଲି ଜଣାପଡିଛି। ଜାନସୀ ମୂଳତଃ ମହାରାଷ୍ଟ୍ରର ବାସିନ୍ଦା ହୋଇଥିବା ବେଳେ ସେ ୨୦୦୫ ମସିହାରୁ ନକ୍ସଲ ସଂଗଠନ ସହିତ ଜଡିତ ରହି ବିଭିନ୍ନ ସ୍ତରରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ପ୍ରେସ୍ ଏବଂ ପ୍ରଚାର କାର୍ଯ୍ୟଠାରୁ ଆରମ୍ଭ କରି କ୍ଷେତ୍ର କମିଟି ସଦସ୍ୟ, ଡେପୁଟି କମାଣ୍ଡର, କମାଣ୍ଡର ଏବଂ ଶେଷରେ ନାଗାରି କ୍ଷେତ୍ର କମିଟି ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୧ ମସିହାରେ ସେ ମାଓ ନେତା ତଥା ଡିଭିସିଏମ୍ ସତ୍ୟମ ଗାୱାଡେଙ୍କୁ ବିବାହ କରିବା ପରେ, ଦୁହେଁ ଦୀର୍ଘ ସମୟ ଧରି ମୈନପୁର ଡିଭିଜନରେ ନକ୍ସଲ କାର୍ଯ୍ୟକଳାପ ଚଳାଇଥିଲେ। ୨୦୧୪ ମସିହାରେ ଏକ ଏନ୍‌କାଉଣ୍ଟରରେ ସତ୍ୟମ ଗାୱାଡେଙ୍କ ମୃତ୍ୟୁ ପରେ ମଧ୍ୟ ଜାନସି ସଂଗଠନରେ ରହିଥିଲେ ଏବଂ ୨୦୨୨ ମସିହାରୁ ସଚିବ ଭାବରେ କାର୍ଯ୍ୟ କରି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ।

## ● ଅଟୋ ଚାଳକଙ୍କୁ ଗଳାକାଟି ହତ୍ୟା ଘଟଣା

## ନାବାଳକ ଅଭିଯୁକ୍ତ ଗଲା ବାଳସୁଧାର ଗୃହ

ଟିକିରି,୧୫।୯(ସମିସ): ୧୨ ତାରିଖ ସନ୍ଧ୍ୟାରେ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଦୋରାଗୁଡା ଥାନା ଅଧୀନ ଏକାଡେଲି କରଲଛକ ନିକଟରେ ଜଣେ ଅଟୋ ଚାଳକଙ୍କୁ ଗଳାକାଟି ହତ୍ୟା ଘଟଣାରେ ସୋମବାର ଦିନ ଜଣେ ନାବାଳକଙ୍କୁ ପୁଲିସ ଧରି ଭବାନୀପାଟଣା ବାଳସୁଧାର ଗୃହକୁ ପଠାଇ ଦେଇଛି। ସୂଚନା ଅନୁସାରେ, ଟିକିରି ଗ୍ରାମରେ ବାଲିଯାତ୍ରା ଚାଲିଥିବା ବେଳେ ସେଠାରୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ଚିତ୍ରସେନଙ୍କ ସହ ଅଟୋ ଚାଳକ ଖଗେଶ୍ୱର ମାଣ୍ଡାଙ୍ଗୀ ଫେରୁଥିବା ବେଳେ ମାଳାମ୍ବା ଛକ ନିକଟରେ ଏକ ଧାରୁଆ ଅସ୍ତ୍ରରେ ବିଭତ୍ସ ଭାବରେ ଗଳା କାଟି ହତ୍ୟା କରି ଚମ୍ପଟ ମାରିଥିଲା। ଘଟଣାକୁ ନେଇ ଦୋରାଗୁଡା ଥାନାରେ ପରିବାର ପକ୍ଷରୁ ଏତଲା ଦେବା ପରେ ରାୟଗଡା ଏସଡିପିଓ ଗୌରହରି ସାହୁ ନେତୃତ୍ୱରେ ଦୋରାଗୁଡା ଆଇଆଇସି କିରଣ ବାଲା ସାମଲ, ଟିକିରି ଆଇଆଇସି ବିଶ୍ୱବନ୍ଦିନି ବାଗ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରି ତନାଘନା କରି ଗୋଟିଏ ଦିନ ମଧ୍ୟରେ ହତ୍ୟାକାରୀ ଙ୍କୁ ଧରି ଜୁଭେନାଲ ବୋର୍ଡରେ ଦାଖଲ କରାଯାଇଥିଲା। ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ନାବାଳକ ହେଲେ ଜଣକ ହେଲେ ଦଶମନ୍ତପୁର ଥାନା ଅଧୀନ ମାଳାଆମ୍ବ ଗ୍ରାମର। ଏହି ହତ୍ୟାକାଣ୍ଡ ଦରାଗୁଡା ଥାନା ଅଞ୍ଚଳରେ ଘଟିଥିଲା। ନାବାଳକ ଠାରୁ ହତ୍ୟା ରେ ବ୍ୟବହୃତ ଛୁରୀ ଏବଂ ରକ୍ତଭିଜା ପୋଷାକ ଦରାଗୁଡ଼ା ପୁଲିସ ଜବତ କରିଛି।।

## ଆଦି କର୍ମଯୋଗୀ ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାୟଗଡ଼ା,୧୫।୯(ସମିସ): ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ତିନି ଦିନିଆ ଆବାସିକ ପ୍ରଶିକ୍ଷଣ ତଥା ଡିଜାଇନ୍ କର୍ମଶାଳା ସିରିଗୁଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଗତ ୧୩ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଛି। ଉଦଯାପାନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସେ କହିଲେ, ପ୍ରଶିକ୍ଷଣ ପ୍ରାୟୋଗିକ ହେବା ଆବଶ୍ୟକ ଓ ଗ୍ରାମସ୍ତରରେ ଲୋକଙ୍କ ପାଇଁ କାମକୁ ଆସିବା ଉଚିତ୍। ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ଏବଂ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ଚନ୍ଦ୍ର କାନ୍ତ ମାଝୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ତିନି ଦିଆନିଆ ତାଲିମ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ରୀନା ପ୍ରଧାନ,ବିଡ଼ିଓ, କୋଳନରା, ଶିବ ପ୍ରସାଦ ପଟ୍ଟନାୟକ, ବିଡ଼ିଓ, ବିଷମକଟକ, କୁରେଶୁ ଯାନୀ, ବିଡିଓ ପଦ୍ମପୁର, କାଳୁ ଚରଣ ନାୟକ, ଅତିରିକ୍ତ ବିଡିଓ ରାୟଗଡ଼ା, ଚନ୍ଦନ ଗମାଙ୍ଗ, ବନାଞ୍ଚଳ ଅଧିକାରୀ, , ଜିଲ୍ଲା ମଙ୍ଗଳ ଅଧିକାରୀ, ଅସିମ ରାଓ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, କାଶୀପୁର ଆଦି ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲାର ୧୧ ବ୍ଲକରୁ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ, ଯୋଗାଣ ନିରୀକ୍ଷକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବିପିଏଏମ୍, ଏନଏଚ୍‌ଏମ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅଙ୍ଗନବାଡି ସୁପରଭାଇଜର ଆଦି ଯୋଗଦାନ କରିଥିଲେ।

## ବିଜାପୁର ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଚନ୍ଦ୍ରପୁର, ୧୫.୯(ସମିସ) ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବିଜାପୁର ଗ୍ରାମପଞ୍ଚାୟତସଦଭାବନାଗୃହରେଅଭିଯୋଗଶୁଣାଣିଶିବିରଅନୁଷ୍ଠିତହୋଇଯାଇଛି। ସରପଞ୍ଚ ସୁନୀତା ଜେରମେନି ପାଡଗଣ୍ଡା ମାଝୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଗାଲ ସମ୍ମାନିତ ଅତିଥି ରୂପେ ନାଏବ ସରପଞ୍ଚ ଆପାରାଓ ପାଡଗଣ୍ଡା, ସେକ୍ସନ ଅଫିସର ବି ନଗେନ୍ଦ୍ର ରାଓ, ଡାଭଲାମେଣ୍ଟ ଅଧିକାରୀ ପ୍ରଦୀପ ଜାଗରାଙ୍ଗା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, କୃଷି ଅଧିଦର୍ସକ ଜଗଦୀଶ ଚନ୍ଦ୍ର ଗୋମାଙ୍ଗ, ମୃତ୍ତିକା ସଂରକ୍ଷଣ ବିଭାଗର ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ୯ଗୋଟି ଅଭିଯୋଗ ଆସିଥିଲା। ଅଭିଯୋଗ ଗୁଡ଼ିକ ହେଲା ରାସ୍ତା, ପାଣି ଇନ୍ଦିରା ଆବାସ ଗୃହ। ଏହାର ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପି ଓ ଆଶୁତଶ ପାଣିଗ୍ରାହୀ ଏହାକୁ ସହଯୋଗ କରିଥିଲେ ଯୋଗାଣ ସହାୟକ ଯାକବ ପାଡଗଣ୍ଡା। ଏହି ଜନଶୁଣାଣି ଶିବିରରେ ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହି ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି।


यूनियन बैंक ऑफ इंडिया Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
**୧.** ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧୀନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟା ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
**୨.** ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୩.** ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
**୪.** ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତ୍ତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୁରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

# ସମ୍ପାଦକୀୟ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ନାହିଁ। ଆପୋସ ବୁଝାମଣା ଦ୍ୱାରା ହିଁ ଏହା ସମ୍ଭବ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଅହଂକାରୀ ନେତାନ୍ୟାହୁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅନମନୀୟ ଆଚରଣ ଓ ଆତ୍ମଗର୍ବ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପ୍ରସଙ୍ଗ ଓ ବିବାଦ ଯାହାହେଉନା କାହିଁକି ଗାଜାପଟିରେ ଦୀର୍ଘ ଦୁଇବର୍ଷ ଧରି ଇସ୍ରାଏଲ ଯେଉଁ ଗଣହତ୍ୟା ଓ ଭୟଙ୍କର ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି, ତାହାକୁ ରୋକିବାରେ ବିଶ୍ୱ ଜନସମୁଦାୟର ବିବଶତା ସବୁଠାରୁ ଚିନ୍ତା ଓ ଉଦ୍‌ବେଗର କାରଣ। ଇସ୍ରାଏଲ ପ୍ରତି ଆମେରିକାର ଅତୁଟ ସମର୍ଥନ ନେତାନ୍ୟାହୁଙ୍କ ବିସ୍ତାରବାଦୀ ଆଭିମୁଖ୍ୟକୁ ବଳ ଦେଇ ଚାଲିଛି। ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଫ୍ରାନସ ଓ ସାଉଦୀଆରବ ପକ୍ଷରୁ ଇସ୍ରାଏଲ ଓ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ପାଇଁ ଆଗତ ପ୍ରସ୍ତାବ ସପକ୍ଷରେ ୧୪୨ ଭୋଟ ମିଳିଥିଲେ ମଧ୍ୟ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଜିଦ୍ ଭାଙ୍ଗିନାହିଁ। ପ୍ରସ୍ତାବ ବିପକ୍ଷରେ ଆମେରିକା, ଇସ୍ରାଏଲ, ହଙ୍ଗେରି ଓ ଆର୍ଜେଣ୍ଟିନାକୁ ବାଦ ଦେଲେ ସେଭଳି କୌଣସି ପ୍ରଭାବଶାଳୀ ରାଷ୍ଟ୍ରଙ୍କ ସମର୍ଥନ ନାହିଁ। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଭାରତ ନିଜର ଆଭିମୁଖ୍ୟ ବଦଳାଇ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଭାରତ ଚାହେଁ ବୋଲି ପରୋକ୍ଷରେ ବାର୍ତ୍ତା ଦେଇଛି।

ହମାସ ଆତଙ୍କବାଦୀ ଆଶ୍ରୟ ନେଇଥିବା ଆଳରେ କାତାରର ରାଜଧାନୀ ଦୋହା ଉପରେ ଇସ୍ରାଏଲର ବୋମାମାଡ଼ ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ନୂଆମୋଡ଼ ଆଣିଛି। ଆମେରିକାର ଅନ୍ୟତମ ନିକଟତମ ସହଯୋଗୀ ରାଷ୍ଟ୍ର କାତାର। ମଧ୍ୟପ୍ରାଚ୍ୟରେ ଆମେରିକାର ସବୁଠାରୁ ବୃହତ୍ ସାମରିକ କେନ୍ଦ୍ର ଓ ସେନାବାହିନୀ ସେଠାରେ ଥିବାରୁ ତାହାର ପ୍ରଭାବ ଓ ପତିଆରା ଅପେକ୍ଷାକୃତ ଅଧିକ। ଏହାସତ୍ତ୍ୱେ ଇସ୍ରାଏଲର ଆକ୍ରମଣ ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାରେ ଆମେରିକାର ଭୂମିକା ଯାହା ହେଉନା କାହିଁକି ଆରବ ରାଷ୍ଟ୍ରସମୂହ ଇସ୍ରାଏଲ ବିରୋଧୀ ମଞ୍ଚରେ ଏକଜୁଟ ହେବା ସହ ରଣନୀତି ପ୍ରସ୍ତୁତ କରୁଥିବାର ସୂଚନା ମିଳିଛି। ସିଆ-ସୁନି ବିବାଦ ଏବଂ ଆମେରିକା ବିରୋଧୀ ଆଭିମୁଖ୍ୟ ଦୃଷ୍ଟିରୁ ଇରାନ ଏକପ୍ରକାର ଏକଘରିକିଆ ହୋଇ ରହିଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଆରବରାଷ୍ଟ୍ର ତେହେରାନ ସହ ହାତ ମିଳାଇବାର ସୂଚନା ମିଳିଛି। କାତାର- ସାଉଦୀ ଆରବ ଓ ଇରାନ ମିଳିତ ସମରାଭ୍ୟାସ ସକାଶେ ଏକଜୁଟ ହେବା ପାଇଁ ଦୋହା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଏବେ ଆରବର ମୁସଲିମ ସମୁଦାୟକୁ ଐକ୍ୟବଦ୍ଧ ଭାବେ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏପରିକି ଆରବ ଏମିରେଟକୁ ଇସ୍ରାଏଲ ସହ କୂଟନୈତିକ ସଂପର୍କ ଛିନ୍ନ କରିବା ସକାଶେ କାତାର ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ମେଣ୍ଟକୁ ଇଜିପ୍ଟ ଓ ତୁର୍କୀ ମଧ୍ୟ ଖୋଲା ସମର୍ଥନ ଦେଉଥିବାର ଜଣାପଡ଼ିଛି। ମଧ୍ୟ-ପ୍ରାଚ୍ୟରେ ସୃଷ୍ଟି ହୋଇଥିବା ରୁଷ ଓ ଚୀନ ଯଦି ପକ୍ଷ ନିଅନ୍ତି ତେବେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର ହୋଇଯିବ।

ନେତାନ୍ୟାହୁ ଜାରି ରଖିଥିବା ଯୁଦ୍ଧ ଘନଘଟା ଆମେରିକାର ଅସ୍ତ୍ରଶସ୍ତ୍ର ଓ ବିପୁଳ ଅର୍ଥରାଶି ଉପରେ ନିର୍ଭରଶୀଳ। ଅଥଚ ଦୋହା ପ୍ରସଙ୍ଗରେ ଟ୍ରମ୍ପଙ୍କ ପ୍ରତିକ୍ରିୟା ନେଇ ନେତାନ୍ୟାହୁ ଯେଭଳି ରୋକଠୋକ ଶୁଣାଇଛନ୍ତି ତାହା କମ କଥା ନୁହେଁ। ଆରବରାଷ୍ଟ୍ର ସହ ନିବିଡ଼ ସମ୍ପର୍କ ସତ୍ତ୍ୱେ ଆମେରିକାର ଇସ୍ରାଏଲ ପ୍ରତି ଏତେ ଦୁର୍ବଳତା ଓ ବିବଶତା ପଛରେ 'ଫାଇଲ୍ ଇପଷ୍ଟିନ୍' କିମ୍ବା 'ମୋସାଦ୍' ମାଧ୍ୟମରେ ସଂଗୃହୀତ କିଛି ଗୋପନ ତଥ୍ୟ ଥିବା ମନେ ହୁଏ।

## ଭେଣ୍ଡିଆବୋଧ କେତେଦିନ?

ଫେରନ୍ତା ପଥରେ ମୌସୁମୀ। ତେବେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣଓଡ଼ିଶା ଉପକୂଳରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏହି ବର୍ଷା ଚାଷ ପାଇଁ ଅନୁକୂଳ। ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗୁଆ ଆଗମନ ପ୍ରାୟ ସାତଦିନ ପୂର୍ବରୁ ହୋଇଥିଲେ ମଧ୍ୟ କେରଳରୁ ଓଡ଼ିଶା ଆସିବାରେ ବାଟ ହୁଡ଼ିବାରୁ ଏବଂ ଅଗଷ୍ଟ ମାସରେ ଅପେକ୍ଷାକୃତ ଅଧିକ ବର୍ଷା ହେବାରୁ ଆମ ରାଜ୍ୟରେ ଖରିଫ ଚାଷ ଅପେକ୍ଷାକୃତ ବିଳମ୍ବ ହୋଇଛି। ଏଭଳି ସ୍ଥିତିରେ ସାର ଅଭାବ ଚାଷୀଙ୍କ ପାଇଁ ସଙ୍କଟ ସୃଷ୍ଟି କରିଛି।

କଥାରେ ଅଛି, ଚାଷ ତରତର ବଣିଜ ମଠ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସାର ଉପରେ ଚାଷୀଙ୍କ ନିର୍ଭରଶୀଳତା ବଢ଼ିଛି। ଚାହିଦା ଅନୁଯାୟୀ ରାଜ୍ୟକୁ ସାର ଯୋଗାଇ ଦିଆଯାଇଛି ବୋଲି ଦାବି କରାଯାଉଥିବା ବେଳେ ତାହା ଠିକଣା ସମୟରେ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସରକାରଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ପ୍ରତିଶ୍ରୁତି, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶରେ ଯଦି ସମସ୍ୟାର ସମାଧାନ ହୋଇଯାଉଥା'ନ୍ତା ତେବେ ଚାଷୀ ବିଲବାଡ଼ି ଛାଡ଼ି ବିକ୍ଷୋଭ, ପ୍ରତିବାଦ ଓ ରାଜପଥ ଅବରୋଧ କରିବା ଭଳି ସ୍ଥିତି ଉପୁଜି ନଥା'ନ୍ତା। ରାଜଧାନୀ ଓ ରାଜଭବନ ଘେରାଉ, ବିକ୍ଷୋଭ ଆଦି ସହ ଚାଷୀଙ୍କ ସଂପୃକ୍ତି କମ। ରାଜ୍ୟର ଚାଷୀଙ୍କ ସମସ୍ୟା ଓ ପ୍ରସଙ୍ଗ ଉପସ୍ଥାପନ କରିବାର ଦାୟିତ୍ୱ ବିରୋଧୀ ଦଳର ହୋଇଥିବାରୁ ସେମାନେ ତାଙ୍କ ଦାୟିତ୍ୱ ତୁଲାଉଛନ୍ତି। ଏହି ପରିସ୍ଥିତିରୁ ଆମେ ଦୁଇଟି ସିଦ୍ଧାନ୍ତରେ ଉପନୀତ ହେଉଛୁ। ପ୍ରଥମଟି ହେଲା, ରାଜ୍ୟରେ ଚାଷୀଙ୍କ ଚାହିଦା ମୁତାବକ ସାର ପହଞ୍ଚିପାରି ନ ଥିବାରୁ ସରକାର ତାଙ୍କ ବିଫଳତା ଲୁଚାଉଛନ୍ତି। ଦ୍ୱିତୀୟତଃ, ଯଦି ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି ତେବେ ଚାଷୀଙ୍କୁ ଯୋଗାଇବାରେ ଅସୁବିଧା କେଉଁଠି? ଏହି ଦୁଇଟି ଦିଗକୁ ତର୍ଜମା କଲେ ମନେ ହୁଏ ରାଜ୍ୟରେ ସାର କଳାବଜାର ସରକାରଙ୍କ ଜ୍ଞାତସାରରେ ଚାଲିଛି; ଯାହା ବିରୋଧରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନି।

ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶର ପ୍ରଭାବ କଳାବଜାର ଉପରେ ପଡୁନି। ଏବେ ଚାଷୀଙ୍କୁ ସମୟ ନାହିଁ ଦିନ ଦିନ ଧର କମେଇ ହୋଇ ସାର ପାଇଁ ଲାଇନ ଦେବାକୁ। ଲାଇନ ଦେବା ସତ୍ତ୍ୱେ ଯଦି ଚାଷୀ ସାର ପାଇବନି ସେ ରାଜରାସ୍ତା ଅବରୋଧ କରିବ। ସ୍ଥାନୀୟ ଅଧିକାରୀ ସେମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ରାସ୍ତାରୁ ହଟାଇଲେ, ତାହା ପୂରଣ କରିବାକୁ ସେମାନେ ସମର୍ଥ ତ? ଏସବୁ ପ୍ରଶ୍ନର ଉତ୍ତର ହେଉଛି 'ନା'। ମାଲିକେ କେବଳ ହେଡ୍‌ଲାଇନ୍ ମ୍ୟାନେଜ୍ କଲେ ସମସ୍ୟାର ସମାଧାନ ହୁଏନି। ତୃଣମୂଳ ସ୍ତରରେ ଠୋସ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ।

# କୃଷିର ନବସୃଜନ ଓ କୃଷକ କଲ୍ୟାଣ

**ବିଦ୍ୟାଧର ମହାରଣା**

ଓଡ଼ିଶା କୃଷି ଜଳବାୟୁ ପରିବର୍ତ୍ତନ, ଅନିୟମିତ ବୃଷ୍ଟିପାତ, କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସୀମିତ ପ୍ରୟୋଗ ଯୋଗୁଁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ପରିଣାମ ସ୍ୱରୂପ ଅନେକ ଚାଷୀ ଚାଷ ଛାଡୁଛନ୍ତି କିମ୍ବା କର୍ମନିଯୁକ୍ତି ଆଶାରେ ପ୍ରବାସନ ଯିବାକୁ ଉଚିତ ମନେ କରୁଛନ୍ତି। ଏପରି ଏକ ଆହ୍ୱାନର ମୁକାବିଲା କରିବା ଏବଂ କୃଷକମାନଙ୍କ ଜୀବିକାର୍ଜନ ପନ୍ଥାର ଉନ୍ନତିକରଣ ନିମନ୍ତେ କେତେକ ନବସୃଜନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ରହିଛି।

ଆଜିକାଲି କୃଷିକ୍ଷେତ୍ରରେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ହେଲାଣି, ଯାହା ହାଇଟେକ୍ କୃଷି ରୂପେ ଆଦୃତ। ଏଥିରେ ଡ୍ରୋନ, ସେନସର, ସ୍ୱତଃ ପ୍ରକ୍ରିୟା ଓ ରୋବର୍ଟ, କୃତ୍ରିମ ମେଧା(ଏଆଇ. ମେସିନ୍ ଲର୍ଣ୍ଣିଂ, ଉଦ୍ଧ୍ୱୋଧର କୃଷି(ଭର୍ଟିକାଲ ଫାର୍ମି) ଓ ହାଇଡ୍ରୋପୋନିକ ଏବଂ ଜୈବ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ। ଅଧିକ ଶ୍ରମିକ ଆବଶ୍ୟକ କରୁଥିବା ରୋପଣ, ଘାସ ବଛା ଓ ଫସଲ ଅମଳ ପାଇଁ ସ୍ୱୟଂଚାଳିତ ଯନ୍ତ୍ର ଓ ରୋବର୍ଟ ବ୍ୟବହାର, ଏଆଇ ଓ ମେସିନ୍ ଲର୍ଣ୍ଣି ମାଧ୍ୟମରେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଫସଲ ଅମଳ ପରିମାଣ ବୃଦ୍ଧି, ରୋଗ ପୋକ ଆକ୍ରମଣ ସମ୍ବନ୍ଧୀୟ ଆଗୁଆ ଆକଳନ କରି ସଠିକ ପରିଚାଳନା ଆଦି ହାଇଟେକ୍ କୃଷିରେ ସମ୍ଭବ। ପାରମ୍ପରିକ କୃଷି ତୁଳନାରେ କମ୍ ଜଳ ଓ କମ୍ ଜାଗା ବ୍ୟବହାର କରି ଘର ମଧ୍ୟରେ ଏକ ନିୟନ୍ତ୍ରିତ ପରିବେଶରେ ଅଧିକ ଅମଳ ପାଇଁ ଭର୍ଟିକାଲ ଫାର୍ମି ଓ ହାଇଡ୍ରୋପୋନିକ (ବିନା ମାଟିରେ ଜଳୀୟ ଦ୍ରବଣ ଦ୍ୱାରା ଚାଷ) ପ୍ରଣାଳୀ ଅନୁସରଣ କରାଯାଇ ପାରିବ। ହାଇଟେକ୍ କୃଷିର ଏହି ଅବଦାନ ସହରାଞ୍ଚଳ ପାଇଁ ଉପଯୁକ୍ତ।

ହାଇଟେକ୍ କୃଷିରେ ମୋବାଇଲ ଆପ ଦ୍ୱାରା କୃଷକମାନେ ପାଣିପାଗ ତଥ୍ୟ, ବଜାର ଦର ଓ କୃଷି ପରାମର୍ଶ ସୂଚନା ଆଗୁଆ ପ୍ରାପ୍ତ ହୋଇପାରିବେ। ସ୍ଥାନୀୟ ଭାବରେ ସଂସାଧନ କେନ୍ଦ୍ର ସ୍ଥାପନ ଜରିଆରେ କୃଷକମାନେ ସେମାନଙ୍କ ଉତ୍ପାଦଗୁଡ଼ିକର ପ୍ରକ୍ରିୟାକରଣ କରି ବିଶେଷ ଲାଭବାନ ହେବେ। ନୂତନ ପ୍ରଯୁକ୍ତିବିଦ୍ୟା ଆଧାରିତ ପରିଶୁଦ୍ଧ କୃଷି ବା ପ୍ରେସିସନ ଏଗ୍ରିକଲଚର ବର୍ତ୍ତମାନ ଧୀରେଧୀରେ ଲୋକପ୍ରିୟ ହେବାକୁ ଲାଗିଲାଣି। ଆମେ କିଆରୀ ସାରା ସମାନ ପରିମାଣରେ ଜଳ ଓ ସାର ବ୍ୟବହାର କରୁ, ଅଥଚ କିଆରୀରେ ବିଭିନ୍ନ ଭାଗରେ ଜଳୀୟ ଅଂଶ ଓ ଖାଦ୍ୟସାର ପରିଣାମ ସମାନ ନଥାଏ। ଫଳରେ ଫସଲ ଅମଳ ସବୁଆଡ଼େ ସମାନ ହୁଏ ନାହିଁ। ଆମେ ଯଦି ଭୌଗୋଳିକ ସୂଚନା ପ୍ରଣାଳୀ ବା ଜି.ଆଇ.ଏସ୍ କିମ୍ବା ଭୌଗୋଳିକ ସ୍ଥିତି ପ୍ରଣାଳୀ ବା ଜିପିଏସ୍ ଓ ସୂକ୍ଷ୍ମ ସମ୍ବେଦୀ ବା ରିମୋର୍ଟ ସେନ୍ସିଙ୍ଗ କୌଶଳ ବ୍ୟବହାର କରିବା ତେବେ କ୍ଷେତ୍ରର ପରିଶୁଦ୍ଧ ତଥ୍ୟ ହାସଲ କରି ସଠିକ ନିଷ୍ପତ୍ତି ଗ୍ରହଣ କରିପାରିବା। କ୍ଷେତ୍ରରେ ସ୍ୱତନ୍ତ୍ର ଅଞ୍ଚଳ ଚିହ୍ନଟ କରି ସାର ଓ ଜଳସେଚନ କିମ୍ବା କୀଟନାଶକ ଔଷଧ ପ୍ରୟୋଗ କରିପାରିବା। ଏହାଦ୍ୱାରା ଖର୍ଚ୍ଚ କମିବା ସହିତ ପରିବେଶ ପ୍ରଦୂଷିତ ହେବନାହିଁ। ସେନସର ଓ ଜିପିଏସ୍ ପ୍ରଣାଳୀ ଉପଯୋଗରେ ପରିବର୍ତ୍ତନୀୟ ଦର ପ୍ରଯୁକ୍ତିବିଦ୍ୟା ବା ଭି.ଆର୍.ଟି ପଦ୍ଧତିରେ କୃଷି କ୍ଷେତ୍ରରେ ବିଭିନ୍ନ ଜାଗାରେ ଆବଶ୍ୟକତା ଓ ଗୁଣବତ୍ତା ଅନୁଯାୟୀ ଜଳ, ସାର ଓ କୀଟନାଶକ ସଠିକ ମାତ୍ରା ଓ ସମୟରେ ପ୍ରୟୋଗ କରାଯାଏ। ଭି.ଆର୍.ଟି ଆଧାରିତ ସିଞ୍ଚନ ଯନ୍ତ୍ର ଓ ସାର ପ୍ରୟୋଗ ଯନ୍ତ୍ର ମାଧ୍ୟମରେ କୀଟନାଶକ ଓ ସାର ଆବଶ୍ୟକ ଅନୁଯାୟୀ ପ୍ରୟୋଗ କରାଯାଏ। ଏହାଦ୍ୱାରା ଉର୍ବର ମାଟିରେ ସାମାନ୍ୟ ସାର ଓ ଦୁର୍ବଳ ମାଟିରେ ଅଧିକ ସାର ପ୍ରୟୋଗ କରାଯାଇପାରିବ।

ଆମେ ଅଧିକାଂଶ ସମୟରେ ଜଳସେଚନ ଉପରେ ନିର୍ଭର କରୁ। କିନ୍ତୁ ସେଚନ ଜଳର କାର୍ଯ୍ୟ ଦକ୍ଷତା ମାତ୍ର ୩୫। ଫସଲ ଅମଳ କ୍ଷମତା ମଧ୍ୟ ଫସଲ ଅନୁସାରେ ଭିନ୍ନ। ଏଣୁ ବୁନ୍ଦା ଜଳସେଚନ ପ୍ରଣାଳୀ ସର୍ବଶ୍ରେଷ୍ଠ, ଯାହାର ଦକ୍ଷତା ପ୍ରାୟ ୯୦%। ଫୁଆରା ଓ ବୁନ୍ଦା ଜଳସେଚନ ପୂର୍ବରୁ ମୃତ୍ତିକାର ଜଳୀୟ ଅଂଶ ପରୀକ୍ଷା ପାଇଁ ଟେନସିଓମିଟର ବ୍ୟବହାର କରାଯାଏ। ଏହାପରେ ସେନସର ବ୍ୟବହାର କରି ଯେତିକି ଆବଶ୍ୟକ ସେତିକି ଜଳସେଚନ ବ୍ୟବହାର କରିବା ଯୋଗୁଁ ସୀମିତ ଜଳରୁ ସର୍ବାଧିକ ଅମଳ ମିଳିଥାଏ। ମରୁଡ଼ିରୁ ରକ୍ଷା ପାଇଁ ଜଳଅମଳ ପ୍ରକଳ୍ପ, ଆଡ଼ିବନ୍ଧ, ଫାର୍ମ ପୋଖରୀ, କୂପ ଖନନ ଇତ୍ୟାଦି ଦ୍ୱାରା ବର୍ଷାଜଳ ଅମଳ କରି ଫସଲ ପାଇଁ ବ୍ୟବହାର କରିହେବ। ଜମିରେ ବନ୍ଧ ନିର୍ମାଣ, ଖାଇ ଖନନ ଇତ୍ୟାଦି କରି ବର୍ଷାଜଳ ମାଟିରେ ବହୁଦିନ ସାଇତି ରଖିହେବ। ମିତ ଜଳସେଚନ ନିମନ୍ତେ ବୁନ୍ଦା ଜଳସେଚନ ପ୍ରଣାଳୀ ସବୁଠୁ ଭଲ।

କୃଷି ଦ୍ୱାରା ୧୦-୨୧% ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ତ୍ୟାଗ ହୋଇଥାଏ। ପାରମ୍ପରିକ କୃଷି ପରିବର୍ତ୍ତେ ଜଳବାୟୁ ଅନୁକୂଳ କୃଷିପଦ୍ଧତି ଅନୁସରଣ କଲେ ବାୟୁମଣ୍ଡଳକୁ ସୀମିତ ସବୁଜଗୃହ ବାଷ୍ପ ନିର୍ଗତ ହେବ ଏବଂ କୃଷି ପରିବେଶ ଅନୁକୂଳ ହେବ। ଖତ, ସବୁଜ ସାର, ଜୈବସାର ପ୍ରୟୋଗ, ସର୍ବନିମ୍ନ କର୍ଷଣ, ଜଳ ଓ ପୋଷକ ପରିଚାଳନା, ଛାଦନ ଏବଂ ଫସଲ ପର୍ଯ୍ୟାୟ ଅନୁସରଣ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ଅକ୍ଷୁଣ୍ଣ ରହିବ। ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ରହିଲେ ଜଳବାୟୁ ପରିବର୍ତ୍ତନକୁ ଏହା ସହ୍ୟ କରିବ। ରାସାୟନିକ କୃଷିର ପରିବେଶୀୟ କୁପ୍ରଭାବ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ବହୁଚାଷୀ ଏବେ ଜୈବିକ କୃଷି ଆଡ଼କୁ ମୁହାଁଇଲେଣି। କୃଷି ଉତ୍ପାଦକୁ ପ୍ରମାଣିତ କରିବା ପରେ ଏଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରୟ କରାଯାଏ କିମ୍ବା ବିଦେଶକୁ ରପ୍ତାନୀ କରାଯାଏ। ସେହିପରି ଜମିରେ ଧାନ ଚାଷ ବ୍ୟତୀତ ପୁଷ୍ଟିଶସ୍ୟ, ଡାଲି ଫସଲ ଓ ତୈଳବୀଜ କିମ୍ବା ପନିପରିବା ଫସଲ ଏକକ ବା ମିଶ୍ରିତ ଫସଲ ହିସାବରେ ଚାଷ କରିବା ଭଲ। ପ୍ରତିକୂଳ ଜଳବାୟୁ ସହଣି ଦେଶୀ କିମ୍ବା ଉନ୍ନତ କିସମ ବିହନ ବ୍ୟବହାର ନିମନ୍ତେ ଗ୍ରାମସ୍ତରରେ ବିହନ ବ୍ୟାଙ୍କ ଓ ଶସ୍ୟବ୍ୟାଙ୍କ ସ୍ଥାପନ କରାଗଲେ ଚାଷୀମାନେ ସୁବିଧାରେ ଏହି ବିହନ ପାଇପାରିବେ।

ଜମିରେ ଓଜନିଆ ମେସିନ୍ ବ୍ୟବହାର ନ କରି ବଳଦ ଚାଳିତ ଶୂନ୍ୟକର୍ଷଣ ବା ସର୍ବନିମ୍ନ କର୍ଷଣ ସହିତ ଛାଦନ ଦ୍ୱାରା ଫସଲ ଚାଷ ଜଳବାୟୁ ସହନଶୀଳ ହୁଏ। ଫସଲ ରୁଆ ନ କରି ଧାଡ଼ିବୁଣା ବା ଶ୍ରୀ-ପ୍ରଣାଳୀ ଧାନଚାଷ ଅଧିକ ନିରାପଦ। ଖାଲ ଜମିରେ ଧାନସହ ମାଛଚାଷ, କୁକୁଡ଼ା ପାଳନ, ପନିପରିବା ଓ ଫଳଚାଷ ଗୋଟିଏ ଜମିରେ ସମନ୍ୱିତ ଭାବରେ କରିହେବ। ଏଥିପାଇଁ ଗୋଟିଏ ପୋଖରୀ ଆବଶ୍ୟକ। ଏହି ଚାଷରେ ଗୋଟିକର ବର୍ଜ୍ୟବସ୍ତୁ ଅନ୍ୟଟିରେ ବ୍ୟବହାର ହେଉଥିବାରୁ ପରିବେଶ ଠିକ୍ ରହେ ଏବଂ ଚାଷୀକୁ ବର୍ଷସାରା କାମ ଓ ରୋଜଗାର ମିଳେ। ଡିପଜମିରେ କ୍ଷେତ ଫସଲ ସହ ଫଳଚାଷ, ପ୍ରାଣୀପାଳନ, ମହୁଚାଷ, ତୁତଚାଷ, ଔଷଧବୃକ୍ଷ ଚାଷ ଓ କୃଷି ବନୀକରଣ ଇତ୍ୟାଦି କରାଯାଇପାରିବ।

କୃଷକମାନଙ୍କୁ ସହାୟତା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ କିଷାନ ଯୋଜନା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପରି ବହୁ ରାଜ୍ୟସ୍ତରୀୟ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପରି ବହୁ କେନ୍ଦ୍ରୀୟ ସାହାଯ୍ୟପ୍ରାପ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ କୃଷକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ଓ ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କୃଷକମାନେ ସର୍ବନିମ୍ନ ସହାୟତା ମୂଲ୍ୟରେ ସରକାରଙ୍କୁ ନିର୍ଦ୍ଧାରିତ ଉତ୍ପାଦ ବିକ୍ରୟ କରିବା ପାଇଁ ମଣ୍ଡି ବ୍ୟବସ୍ଥା ପ୍ରଚଳିତ ଅଛି। ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର ପାଇଁ ସୌରଶକ୍ତିଚାଳିତ ପମ୍ପ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର ପାଇଁ ପ୍ରୋତ୍ସାହନ ଦିଆଯାଉଛି। କୃଷକମାନଙ୍କ କଲ୍ୟାଣ ନିମନ୍ତେ ବହୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। 'ଗୋ ସୁଗମ' ଆପ ବ୍ୟବହାର କରି ଚାଷୀମାନେ ସମସ୍ତ ସରକାରୀ ସାହାଯ୍ୟ ପାଇପାରିବେ।

ଏହିସବୁ ନବୋନ୍ମେଷ ଓ କୃଷକ କଲ୍ୟାଣ ଯୋଜନା କୃଷି ଉତ୍ପାଦନ ବୃଦ୍ଧି ଓ କ୍ଷତିଭୟ ହ୍ରାସ ସହିତ କୃଷକମାନଙ୍କ ସାମାଜିକ ତଥା ଆର୍ଥିକ ବିକାଶ ପାଇଁ ନିଶ୍ଚିତ ଭାବେ ସହାୟକ ହେବ। ରାଜ୍ୟର ସାମଗ୍ରିକ କୃଷି ବିକାଶ ପାଇଁ ଦେଶୀୟ ଜ୍ଞାନକୌଶଳ ସହିତ ନୂତନ ଜ୍ଞାନକୌଶଳ ସମ୍ମିଶ୍ରଣ, ସମବାୟ କୃଷି, କୃଷକ ଉତ୍ପାଦକ ସଂଗଠନ, ବିପଣନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ବଳିଷ୍ଠ ଗବେଷଣା, ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ପାଦମିଳାଇ ଆଗକୁ ଗତି କରିବା ଆବଶ୍ୟକ। ପରିଶେଷରେ ଏତିକି କହିବା ଆବଶ୍ୟକ ଯେ ଆଗାମୀ କୃଷି କାର୍ଯ୍ୟକ୍ରମ ରୂପାନ୍ତରଣ ପାଇଁ କୃଷି କ୍ଷେତ୍ରରେ ନବସୃଜନ ଓ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ନିଷ୍ଠାର ସହ ପାଳନ କରିବା ସରକାର ଓ ସମସ୍ତ ଅଂଶୀଦାରମାନଙ୍କ ନୈତିକ ଦାୟିତ୍ୱ। ନିରନ୍ତର ପୁଞ୍ଜି ନିବେଶ, ନୀତି ସହାୟତା ଓ ଗୋଷ୍ଠୀ ସହଭାଗିତା ରାଜ୍ୟର ଚିରନ୍ତନ କୃଷିବିକାଶ ସହିତ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଉତ୍ତରଦାୟୀ ହୋଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଆତ୍ମହତ୍ୟା ଶେଷ ବିକଳ୍ପ ନୁହେଁ

**ଡକ୍ଟର ଅଜୟ କୁମାର ସାହୁ**

ଆତ୍ମହତ୍ୟା ଏକ ମାନସିକ ବିକାର ବା ବିଷାଦ ଜନିତ ଆବେଗ। ବିଜ୍ଞାନରେ ଏହାକୁ ସିଜୋଫ୍ରିନିଆ ଏବଂ ଇମୋସନାଲ୍ ବ୍ରେକ୍‌ଡାଉନ ମଧ୍ୟ କୁହାଯାଏ। ପରିସ୍ଥିତି ମୁକାବିଲାରେ ଅସହାୟବୋଧ ହିଁ ଏହାର କାରଣ। ଏହାଛଡ଼ା ବାଲ୍ୟାବସ୍ଥାରେ ଘଟିଥିବା କିଛି ବଡ଼ ଅଘଟଣ, ମସ୍ତିଷ୍କ ସଂରଚନା, ନିଶା ଅଭ୍ୟାସ, ରୋଜଗାର ସମସ୍ୟା, ଋଣ ଭାର, ଆତ୍ମୀୟଙ୍କ ମୃତ୍ୟୁ ବା ବିଚ୍ଛେଦ, ଧନ-ସମ୍ପତ୍ତି ଓ ମାନ-ସମ୍ମାନ ହରାଇବା, ଘୋର ଆର୍ଥିକ ଅଭାବ, ଦାରିଦ୍ର୍ୟ, କୃତକାର୍ଯ୍ୟ ନ ହେବା, ନିଜ ଲୋକ ସହ କଳି, ପ୍ରେମରେ ନିରାଶ, ହତୋତ୍ସାହ, ଦୀର୍ଘଦିନ ସ୍ୱାସ୍ଥ୍ୟ ଭଲ ନ ରହିବା, ଭୁଲ ସଂବାଦ ଆଦି ମନକୁ ଅଧିକ ବିଷାଦଗ୍ରସ୍ତ କରି ଆତ୍ମହତ୍ୟାର କାରଣ ହୋଇଥାଏ।

ପରିବେଶରୁ ସୃଷ୍ଟି ଅବସାଦକୁ ରିଆକ୍ଟିଭ୍ ଡିପ୍ରେସନ, ମସ୍ତିଷ୍କ ନିରସ ନିଃସୃତଜନିତ ଅବସାଦକୁ ଏଣ୍ଡୋଜିନ୍ ଡିପ୍ରେସନ, ପାରିପାର୍ଶ୍ୱିକ ଅବସ୍ଥାରୁ ସୃଷ୍ଟ ଅବସାଦକୁ ନ୍ୟୁରୋଟିକ ଡିପ୍ରେସନ, ଗଭୀର ଭାବର ପ୍ରଭାବିତ ଅବସାଦକୁ ସାଇକୋଟିକ ଡିପ୍ରେସନ କୁହାଯାଏ। ବିଷାଦ ଦୁଇ ସପ୍ତାହ ଧରି ବିଷମ ହୋଇ ରହିଲେ ଅବସାଦରେ ରୂପାନ୍ତରିତ ହୋଇଥାଏ। ପ୍ରତ୍ୟେକ ମଣିଷର ଇମୋସନାଲ୍ ବ୍ରେନ୍ ଥାଏ ଏବଂ ସେଥିରେ ନ୍ୟୁରୋଟ୍ରାନ୍ସଲେଟ୍ ସ୍ତର ଥାଏ। ସେହି ସ୍ତର ଅତିକ୍ରମ କଲେ ମଣିଷ ଅବସାଦଗ୍ରସ୍ତ ହୁଏ। ଏହି ଅବସାଦ ଜନିତ ତୀବ୍ର ଭାବପ୍ରବଣତାରେ ହିଁ ମଣିଷ ତା'ର ଶରୀରକୁ ବିଭିନ୍ନ ଉପାୟରେ ହତ୍ୟା କରୁଛି। ଆତ୍ମହତ୍ୟା ସବୁ ଶ୍ରେଣୀ, ସବୁ ବୟସ୍କ ଲୋକଙ୍କୁ ତା'ର କରାଳ ରୂପରେ ମାଡ଼ିବସିଛି। ଏହାର ତାଲିକା ବେଶ୍ ଲମ୍ବା। ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶିତ ଆଞ୍ଚଳିକ ଓ ଜାତୀୟସ୍ତରରୁ ଆରମ୍ଭ କରି ବଲିଉଡ୍‌ର ଉଦୀୟମାନ ଲୋକପ୍ରିୟ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତ, ବିଦ୍ୟା ଭାରତୀ, ପ୍ରତ୍ୟୁଷ ବାନାର୍ଜୀ, ଜିଆ ଖାନ, ନାଫିସା ଯୋଶେଫ, ସିଲ୍କ ସ୍ମିତା, ଗୁରୁ ଦତ୍ତ ଏବଂ ସିଗମଣ୍ଡ ଫ୍ରେଉଡ୍, କ୍ଲିଓପାଟ୍ରା, ମାର୍କ ଏଣ୍ଟୋନୀ, ବୃଟାସ, ଏଡୋଲଫ ହିଟଲର, ଭିନସେଣ୍ଟ, ସକ୍ରେଟିସ୍, ମାରିଲିନ ମୋନରୋଏ, କୁଂଗଫୁ କିଂଗ ଡେଭିଡ୍ କାରାଡିନ, ରୋମିଓ ଓ ଜୁଲିଏଟ ଆଦି ଅନେକ ବିଶ୍ୱ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମ ଆତ୍ମହତ୍ୟା ତାଲିକାରେ ଇତିହାସ ସାଇତି ରଖିଛି।

ବିଶ୍ୱରେ ପ୍ରତିବର୍ଷ ୮ ଲକ୍ଷ ଲୋକ ଆତ୍ମହତ୍ୟା କରି ଜୀବନ ହାରିଥା'ନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ମରନ୍ତି। ଆତ୍ମହତ୍ୟାର ୭୯% ନିମ୍ନମଧ୍ୟବିତ୍ତ ଦେଶ ସମୂହରେ ଘଟିଥାଏ। ଆତ୍ମହତ୍ୟା ମାନସିକତା ହଂଗେରୀ, ଡେନମାର୍କ, ଫିନଲ୍ୟାଣ୍ଡ, ଅଷ୍ଟ୍ରିଆ, ଜର୍ମାନୀ, ସ୍ୱିଡେନ ଓ ସ୍ୱିଜରଲାଣ୍ଡରେ ଅଧିକ। ଫିଲିପାଇନସ, ଆଂଗୋଲା, ଜାମାଇକା, ମେକ୍ସିକୋ, ଜୋର୍ଡାନ ଓ ଇଜିପ୍ଟରେ କମ। ଦକ୍ଷିଣ ସାମୁଦ୍ରିକ ଦ୍ୱୀପ ଓ ଭାରତର ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଆତ୍ମହତ୍ୟା ପ୍ରାୟ ହୁଏନି। ସେହିପରି ବିଶ୍ୱରେ ବିକଶିତ ରାଷ୍ଟ୍ର ସମୂହରେ ୩୦% ଲୋକ କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରୁଥିବା ବେଳେ ଲାଟିନ ଆମେରିକା ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମଧ୍ୟ ୫୦% ଲୋକ ଏହି ମାଧ୍ୟମକୁ ବାଛିଥା'ନ୍ତି। ସେହିପରି ବିକଶିତ ରାଷ୍ଟ୍ର ସମୂହରେ ୮୫%ଲୋକ ମାତ୍ରାଧିକ ଔଷଧ ସେବନ ଦ୍ୱାରା ଆତ୍ମହତ୍ୟା କରିଥା'ନ୍ତି। ବିଶ୍ୱରେ ୮୦-୯୦% ଲୋକ ଆଗ୍ନେୟାସ୍ତ୍ର, ୬୫-୮୦% ଲୋକ ପାଣିରେ ବୁଡ଼ି, ୬୦-୮୫% ଲୋକ ଓହଳି, ୩୫-୬୦% ଡେଇଁ, ୬୦-୭୫% କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରିଥା'ନ୍ତି। ଭାରତରେ ପ୍ରତବର୍ଷ ୧, ୩୫, ୦୦୦ଲୋକ ଆତ୍ମହତ୍ୟା କରିଥା'ନ୍ତି। ଦେଶରେ ଜନସଂଖ୍ୟାର ଆତ୍ମହତ୍ୟା ହାର ୧୦.୬% ଥିବା ବେଳେ ଓଡ଼ିଶାରେ ଏହି ହାର ୯%।

ଅବସାଦ ଏକ ମାନସିକ ଅବସ୍ଥା। ନିଜ ପ୍ରତି ନିଜେ ସହନଶୀଳ ହେଲେ ଏହାକୁ ବଦଳାଯାଇପାରିବ। ବିଷାଦ ମଣିଷ ସାଥିରେ ଥିଲା, ଅଛି ଓ ରହିବ। ଜିଇଁବା ପାଇଁ ମଧ୍ୟ ଏହା ଅତ୍ୟନ୍ତ ଜରୁରୀ। ବିଷାଦକୁ ପରିଚାଳନା କରିପାରିଲେ ଏହା ମଣିଷକୁ ସହାୟକ ହୋଇଥାଏ। ଶରୀରକୁ ଆରାମ ଦେବା, ବୁଦ୍ଧିକୁ ସମସ୍ୟାରୁ ସମାଧାନ ମୁହାଁ କରିବା, ଭାବପ୍ରବଣତାକୁ ପରିବର୍ତ୍ତିତ ସ୍ୱାଭିମାନ ମୁହାଁ କରିବା ଓ ଆଧ୍ୟାତ୍ମିକତାକୁ ଅପରାଧମୁକ୍ତ କରି ଦାର୍ଶନିକ ତତ୍ତ୍ୱ ଦେବା ହେଉଛି ବିଷାଦ ପରିଚାଳନାର ମୂଳ ଦର୍ଶନ। ଆତ୍ମହତ୍ୟା କୌଣସି ସମସ୍ୟାର ଶେଷ ବିକଳ୍ପ ବା ସମାଧାନ ନୁହେଁ। ଏହା ବରଂ ଦଣ୍ଡନୀୟ ଅପରାଧ ଓ ମହାପାପ ମଧ୍ୟ। ତେଣୁ ପର ସହ ପ୍ରତିଦ୍ୱନ୍ଦ୍ୱିତା ପ୍ରବୃତ୍ତି ଛାଡ଼ି ନିଜ ସହ ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ। ପ୍ରତ୍ୟେକ ଆଶା ପୂରଣ ପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବା ଦରକାର। ଅବସାଦର ସାମାନ୍ୟ ଲକ୍ଷଣ ଦିଶିଲେ ତୁରନ୍ତ ମନସ୍ତତ୍ତ୍ୱବିତଙ୍କ ସହ ପରାମର୍ଶ କରିବା ଉଚିତ। ଘରେ ଯୋଗ, ସଙ୍ଗୀତ ଶୁଣିବା, ନିୟମିତ ବହି ପଢ଼ିବା, ନିଶାସେବନ ତ୍ୟାଗ କରିବା, ସମୟାନୁବର୍ତ୍ତୀ ହେବା ଦ୍ୱାରା ଅବସାଦରୁ ମୁକ୍ତି ମିଳିଥାଏ। ପରିସ୍ଥିତି ସହ ଖାପ ଖୁଆଇ ଚଳିବା, ଲାଭ କ୍ଷତିର ହିସାବ ନ କରି ବର୍ତ୍ତମାନ ସହ ବଞ୍ଚିବା, ସକାରାତ୍ମକ ଚିନ୍ତାରେ ରହିବା, ମନର ଆବେଗକୁ ବାଣ୍ଟିବା ଓ ସହଯୋଗୀ ହେବା ଅଭ୍ୟାସ କଲେ ଅବସାର ଦୂର ହୁଏ।

ଆତ୍ମହତ୍ୟାକୁ ମହାପାପ ବୋଲି ମଧ୍ୟ ଭାରତୀୟ ପରମ୍ପରାରେ ବିବେଚନା କରାଯାଏ। ପୃଥିବୀ, ଜଳ, ଅଗ୍ନି, ପବନ ଓ ଆକାଶ ଆଦି ପାଞ୍ଚ ତତ୍ତ୍ୱରେ ଯେଉଁ ମଣିଷ ଶରୀର ତିଆରି ହୋଇଛି। ସ୍ୱାଭାବିକ ମୃତ୍ୟୁ ହେଲେ ଶରୀର ସେହି ପାଞ୍ଚ ତତ୍ତ୍ୱରେ ମିଶିଥାଏ। ଆତ୍ମହତ୍ୟା କଲେ ସେଥିରେ ବ୍ୟତିକ୍ରମ ଘଟେ।

ଆବ୍ରାହମ ଲିଙ୍କନଙ୍କ ମତରେ ଜୀବନ ପବିତ୍ର। ଏହାକୁ ଅସମୟରେ ତ୍ୟାଗ କରିବା ଅପରାଧ। ଆସନ୍ତୁ ନିଜକୁ ଭଲ ପାଇବା ଏବଂ ସୁଖଦ ଜୀବନ ଜିଇଁବା। ଜୀବନ କେବଳ ସମାପ୍ତି ପାଇଁ ନୁହେଁ, ଇତିହାସ ରଚିବା ପାଇଁ। ଅନ୍ୟର ଲୁହ ହେବା ପାଇଁ ନୁହେଁ, ଅନ୍ୟର ଲୁହ ପୋଛିବା ପାଇଁ। ଭଙ୍ଗା ମନର ମରୁଭୂମି ପାଇଁ ନୁହେଁ, ଯୋଡ଼ା ହୃଦୟର ନନ୍ଦନକାନନ ପାଇଁ। ସବୁଦିନ ପାଇଁ ବିଦାୟ ନେବା ପାଇଁ ନୁହେଁ, ସଦା ସଜସ୍ମୃତି ହୋଇ ରହିବା ପାଇଁ।

ସେମିଳିଗୁଡ଼ା(କୋରାପୁଟ),
ମୋ: ୯୪୩୭୦୯୦୯୫୪

# ଅସ୍ୱାସ୍ଥ୍ୟକର ବାସନରେ ରନ୍ଧନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଏକଦା ରୋଷେଇ ପାଇଁ ବ୍ୟବହାର ହେଉଥିଲା ମୁଖ୍ୟତଃ ମାଟି ତିଆରି ହାଣ୍ଡି, କଡ଼େଇ ଇତ୍ୟାଦି। ତା'ପରେ ଏଥିରେ ଉପଯୋଗ କରାଗଲା ଲୁହା ତିଆରି ବାସନ ଏବଂ ତାକୁ ଅନୁସରଣ କଲା ଆଲୁମିନିୟମ୍। ତପ୍ରରେ ଏବେ ବହୁଳ ଭାବେ ବ୍ୟବହାର ହେବାକୁ ଲାଗିଲାଣି 'ଟେଫଲନ୍' ନାମକ ରସାୟନର ଲେପଦିଆ ଏବଂ ରାନ୍ଧିବା ବେଳେ ଖାଦ୍ୟ ଲାଗୁ ନଥିବା 'ନନ୍‌ଷ୍ଟିକ୍ ବାସନ। ଏଥିସହିତ ଅଗ୍ନି ନିରୋଧକ ରସାୟନଯୁକ୍ତ ପ୍ଲାଷ୍ଟିକ୍ ବାସନକୁ ମଧ୍ୟ ମାଇକ୍ରୋୱେଭ୍ ଚୁଲ୍ଲୀ ବା ବିଦ୍ୟୁତ୍ ଚାଳିତ ହିଟରରେ ରାନ୍ଧିବା ପାଇଁ ବ୍ୟବହାର କରାଯାଉଛି। ଡାକ୍ତରମାନେ ଏବେ କହିଲେଣି ଯେ ଏହି ଶେଷୋକ୍ତ ତିନୋଟି, ଅର୍ଥାତ୍ ଆଲୁମିନିୟମ, ଟେଫ୍ଲନ୍ ଏବଂ ପ୍ଲାଷ୍ଟିକ ବାସନରୁ ଉଚ୍ଚତାପରେ ବିଷାକ୍ତ ରସାୟନମାନ ନିର୍ଗତ ହୁଏ, ଯାହାକି କର୍କଟ ସମେତ ଅନ୍ୟାନ୍ୟ ବିବିଧ ରୋଗର କାରଣ ହୋଇପାରେ। ସେହି ଡାକ୍ତରମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ନୂଆଦିଲ୍ଲୀ ସ୍ଥିତ 'କ୍ୟାନସର ହିଲର୍ ସେଣ୍ଟର'ର ନିର୍ଦ୍ଦେଶକ ତଥା ସୁପ୍ରସିଦ୍ଧ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ତରଙ୍ଗ କ୍ରିଷ୍ଣା। ବିଗତ ଅଗଷ୍ଟ ମାସ ୧୯ ତାରିଖ (୨୦୨୫) ଦିନ ଏକ ସାକ୍ଷାତକାରରେ ସେ ଏଥିସମ୍ପର୍କରେ ନିମ୍ନୋକ୍ତ ସୂଚନାମାନ ଦେଇଛନ୍ତି।

**ଆଲୁମିନିୟମ୍-** ଏଥିରେ ରୋଷେଇ କଲେ ତହିଁରୁ କିଛିମାତ୍ରାରେ ଧାତୁ ନିର୍ଗତ ହୋଇ ଖାଦ୍ୟରେ ମିଶିଥାଏ। ସମୟକ୍ରମେ ଶରୀର ମଧ୍ୟରେ ଏହାର ମାତ୍ରା ବଢ଼ିବଢ଼ି ଥିଲେ। ତାହା ଜୀବକୋଷ ସ୍ତରରେ କେତେକ ପରିବର୍ତ୍ତନ ଆଣେ, ଯାହାକି କର୍କଟରୋଗର କାରଣ ହୁଏ। ଏହାବ୍ୟତୀତ ତାହା ହଜମକ୍ରିୟା ଜନିତ, ଚର୍ମରୋଗ ଏବଂ ବୃକ୍କ ଉପରେ ଚାପ ଏବଂ ବିବିଧ ସ୍ନାୟବିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ଏଣୁ ଆଲଝିମରସ୍, ଦୁଶ୍ଚିନ୍ତା, ସ୍ମୃତିହୀନତା ଆଦି ମାନସିକ ରୋଗ ଦେଖାଯାଏ। ଏହାର ଅନ୍ୟଏକ ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ହେଲା ବୃକ୍କର ସାଧାରଣ କ୍ରିୟାକଳାପରେ ବାଧାସୃଷ୍ଟି। ଯେତେ ଅଧିକ ଉଚ୍ଚ ତାପରେ ରନ୍ଧା ଯାଏ ଏ ବିପଦ ସେତେ ଅଧିକ ହୁଏ।

**ଟେଫଲନ୍-** ଏହା ହେଲା 'ପଲିଟେଟ୍ରା ଫ୍ଲୋରାଇଡ୍‌ଇଥିଲିନି' ନାମକ ଏକ କୃତ୍ରିମ ପଲିମରର ବ୍ୟବସାୟିକ ନାମ। ଆଗେ ଏହାର ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା ପରଫ୍ଲୋରାଅକ୍‌ଟାନୋଇକ୍ ଏସିଡ୍। ଏହା କର୍କଟରୋଗ ସୃଷ୍ଟିକାରୀ। ଏବେ ଏହା ବଦଳରେ ବ୍ୟବହାର କରାଯାଉଛି 'ପଲିଫ୍ଲୋରୋ ଏସିଟିଲ୍ ସବ୍‌ଷ୍ଟାନସ୍' ବା ପିଏଫ୍‌ଏଏସ୍। ତଥାପି ପିଏଫ୍‌ଏଏସ୍‌ର ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବର ତଥାପି ଅଧ୍ୟୟନ ଚାଲିଛି। ସାଧାରଣତଃ ଉଚ୍ଚତାପରେ (୨୬୦ ଡିଗ୍ରୀ ସେଲ୍ସିୟସ୍‌ରୁ ଅଧିକ) ରନ୍ଧନ କଲେ ଏ ବାସନରୁ 'ଟେଫଲନ୍' ନାମକ ରସାୟନ ନିର୍ଗତ ହୁଏ। ସେଗୁଡ଼ିକ ବିଭିନ୍ନ ରୋଗର କାରଣ ହୁଅନ୍ତି। ତହିଁରୁ ନିର୍ଗତ ଧୂଆଁ ଜ୍ୱରର କାରଣ ହୋଇପାରେ। ଏଭଳି ବାସନକୁ ଇସ୍ପାତ କିମ୍ବା ଆଲୁମିନିୟମ ବ୍ରସରେ ସଫାକଲେ ନାନାଦି ରସାୟନର କ୍ଷରଣ ହୁଏ।

**ପ୍ଲାଷ୍ଟିକ-** ପ୍ଲାଷ୍ଟିକ ବାସନକୁ ଆମେ ଯେତେଶୀଘ୍ର ଫିଙ୍ଗିଦେବା ତାହା ସେତେ ମଙ୍ଗଳକର। ବିଶେଷକରି ମାଇକ୍ରୋୱେଭ ବା ବିଦ୍ୟୁତ୍ ହିଟରରେ ରନ୍ଧନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଏହିସବୁ ତାପରୋଧକ ପ୍ଲାଷ୍ଟିକରେ ଥାଏ କର୍କଟରୋଗ ସୃଷ୍ଟିକାରୀ ବିସ୍‌ଫିନଲ୍ ଏ ଓ ଆଲେଟ୍‌ସ। ତାପମାତ୍ରା ଅଧିକ ହେଲେ ସେହି ରାସାୟନିକ ପଦାର୍ଥ ବାସନରୁ ନିର୍ଗତ ହୋଇ ଖାଦ୍ୟରେ ମିଶେ। ଏହା ଅନ୍ତଃସ୍ରାବୀଗ୍ରନ୍ଥି, ପ୍ରଜନନ ଓ ସ୍ନାୟବିକ ଅବସ୍ଥାକୁ କ୍ଷତି ପହଞ୍ଚାଏ ଏବଂ ନାନାଦି କର୍କଟରୋଗର ଆଶଙ୍କା ବୃଦ୍ଧି କରେ। ତହିଁରୁ ନିର୍ଗତ ପ୍ଲାଷ୍ଟିକକଣିକା ଅଧିକାଂଶ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ।

**କେଉଁ ବାସନ ନିରାପଦ-** ପିତ୍ତଳ, ଲୁହା ଓ ଇସ୍ପାତ ବାସନ ଅପେକ୍ଷାକୃତ ନିରାପଦ ବୋଲି କହନ୍ତି ଡକ୍ଟର କ୍ରିଷ୍ଣା। ଏଗୁଡ଼ିକ ଥିଲା ଆମ ପାରମ୍ପରିକ ବାସନ। ଏହାବ୍ୟତୀତ ମାଟି ବାସନର ବ୍ୟବହାର ମଧ୍ୟ ଏକ ଉତ୍ତମ ବିକଳ୍ପ। ତେବେ ପ୍ରଥମେ ତାହାକୁ ପରୀକ୍ଷା କରି ସେଥିରେ ସୀସା କିମ୍ବା ସେହି ଅନୁରୂପ କ୍ଷତିକାରକ ତତ୍ତ୍ୱ ଅଛିକି ନାହିଁ ତାହା ନିଶ୍ଚିତ କରିବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତ୍ରୁଟି ଥିଲେ...

ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବାରୁ ମାନ୍ୟବର ବେଞ୍ଚ ଏହା କହିଛନ୍ତି । ଏକ ବେଆଇନ ସର୍ତ୍ତ ଯୋଗୁଁ କୌଣସି ନାଗରିକ ମତଦାନରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ୍ ବୃନ୍ଦା ଗ୍ରୋଭର ଯୁକ୍ତି କରିବାରୁ ମାନ୍ୟବର କୋର୍ଟ କହିଲେ ଯେ 'ଆମ କଥା ମନେ ରଖ । ବିହାରରେ ଏସ୍ଆଇଆର୍ ପ୍ରକ୍ରିୟାରେ କୌଣସି ଭୁଲ୍ ହୋଇଥିବା ଧରାପଡ଼ିଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ।'ବିହାର ଏସ୍ଆଇଆର୍‌ରେ ଆଧାରକୁ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବା ଲାଗି ସେପଟେମ୍ବର ୮ ତାରିଖରେ ନିର୍ବାଚନ କମିସନଙ୍କୁ କୋର୍ଟ ଦେଇଥିବା ଆଦେଶକୁ ପ୍ରତ୍ୟାହାର କରିବା ଲାଗି ଇତିମଧ୍ୟରେ ପିଟିସନ ଆସିଛି । ଏହା ଉପରେ ସୁପ୍ରିମ କୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି ।

### ୱାକଫ୍ ଆଇନରେ...

ବା ସରକାରୀ ଅଧିକାରୀ ସ୍ଥିର କରିପାରିବେ ନାହିଁ । ନାଗରିକଙ୍କ ସଂପତ୍ତି ଅଧିକାର ଉପରେ ବିଚାର କରିବା ଲାଗି ଜିଲ୍ଲାପାଳଙ୍କର କ୍ଷମତା ନାହିଁ । ଏହା କ୍ଷମତା ପୃଥକୀକରଣ ନିୟମର ଉଲ୍ଲଂଘନ କରୁଛି । ଟ୍ରିବ୍ୟୁନାଲ ରାୟ ନଶୁଣାଇବା ପର୍ଯ୍ୟନ୍ତ କୌଣସି ତୃତୀୟ ପକ୍ଷ ଏଥିରେ ଆସିପାରିବ ନାହିଁ । ଏହସହିତ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୱାକଫ୍ ସଂପତ୍ତି ବିବାଦ ବିଚାରାଧୀନ ଥିବା ବେଳେ ଏହି ବିବାଦୀୟ ସଂପତ୍ତିରୁ ୱାକଫ୍ ମାନ୍ୟତା ପ୍ରତ୍ୟାହାର କରିପାରିବେ ନାହିଁ ସରକାର । ଟ୍ରିବ୍ୟୁନାଲ ବା କୋର୍ଟ ରାୟ ଶୁଣାଇବା ପର୍ଯ୍ୟନ୍ତ ସଂପୃକ୍ତ ସଂପତ୍ତିକୁ ୱାକଫ୍ ହିଁ କୁହାଯିବ । ୱାକଫ୍ ବାଇ ୟୁଜର୍ସ ସଂପର୍କରେ ଅଦାଲତ କହିଲେ ଯେ ଏସଂକ୍ରାନ୍ତ ରାୟ କେବଳ ସଂପୃକ୍ତ ହାଇକୋର୍ଟ ହିଁ ଦେଇପାରିବେ । ହାଇକୋର୍ଟ ରାୟ ନଶୁଣାଇବା ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ୱାକଫ୍ ସଂପତ୍ତିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ସେହିଭଳି ଜଣେ ବ୍ୟକ୍ତି ଅତିକମ୍‌ରେ ୫ ବର୍ଷ ଧରି ଇସଲାମ ଧର୍ମ ପାଳନ କରିଥିଲେ ଯାଇ ସଂପତ୍ତି ୱାକଫ୍ (ଦାନ) କରିପାରିବ ବୋଲି ଆଇନରେ ଥିବା ସର୍ତ୍ତ ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ । ମାନ୍ୟବର ଖଣ୍ଡପୀଠ କହିଛନ୍ତି ଯେ ରାଜ୍ୟ ସରକାର ଏଭଳି ସର୍ତ୍ତ ସଂପର୍କରେ ନିୟମ ନକରିବା ପର୍ଯ୍ୟନ୍ତ କେନ୍ଦ୍ରୀୟ ଆଇନ ଯୁକ୍ତିଯୁକ୍ତ ନୁହେଁ । ୱାକଫ୍ ବୋର୍ଡରେ ଅଣମୁସଲିମ ସଭ୍ୟଙ୍କ ପାଇଁ ସଂରକ୍ଷଣ ସଂପର୍କରେ କୋର୍ଟ କହିଛନ୍ତି ଯେ ରାଜ୍ୟ ୱାକଫ ବୋର୍ଡରେ ତିନିରୁ ଅଧିକ ଅଣମୁସଲିମ ସଭ୍ୟ ରହିପାରିବେ ନାହିଁ । ସେହିଭଳି କେନ୍ଦ୍ରୀୟ ୱାକଫ୍ ବୋର୍ଡରେ ୪ରୁ ଅଧିକ ଅଣମୁସଲିମ ସଭ୍ୟ ରହିପାରିବେ ନାହିଁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ବୋର୍ଡର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମୁସଲିମ ସମୁଦାୟରୁ ହେବା ଉଚିତ ।

ଏହାସହିତ କୋର୍ଟ ୱାକଫ୍ ସଂପତ୍ତିର ପଞ୍ଜୀକରଣ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ପୁରୁଣା ଆଇନରେ ଏହି ବ୍ୟବସ୍ଥା ରହିଛି । କୋର୍ଟ କହି ।।ଲେ ଯେ ସଂଶୋଧିକ ୱାକଫ୍ ଆଇନର ତର୍ଜମା କରାଯାଇଛି । ଯାହା ଜଣାପଡୁଛି, ଏଥିରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ହୋଇନାହିଁ । ତେଣୁ ଆଇନ ଉପରେ ସାମଗ୍ରିକ ରୋକ୍ ଲଗାଇବା ଜରୁରି ନୁହେଁ । କେବଳ ବିରଳରୁ ବିରଳ ମାମଲାରେ ହିଁ ରୋକ୍ ଲଗାଯାଇପାରିବ ।

### ପ୍ରେମିକକୁ ଗଛରେ...

ଚାପିଦେବାକୁ ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ହେଉଛି । ଗଣମାଧ୍ୟମକୁ ଏ ସଂପର୍କରେ କୌଣସି ସୂଚନା ଦିଆଯାଉନାହିଁ । ଅପରପକ୍ଷେ, ସୋମବାର ଗଣମାଧ୍ୟମ ପ୍ରତିନିଧିମାନେ ପୀଡ଼ିତାଙ୍କ ଘରକୁ ଯାଇଥିଲେ । କିନ୍ତୁ ତାଙ୍କ ଘର ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ । ସେହିପରି ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଏବଂ ସଦର ଏସ୍‌ଡିପିଓ ପ୍ରାୟ ୨ ଘଣ୍ଟା ଧରି ବ୍ରହ୍ମଗିରି ଥାନା ଭିତରେ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ । ବାହାରେ ଗଣମାଧ୍ୟମ ପ୍ରତିନିଧିମାନେ ଜଗି ରହିଥିଲେ । ବୈଠକ ପରେ ଉଭୟଙ୍କୁ ପ୍ରଶ୍ନ କରିବାରୁ ସେମିତି କିଛି ଅଭିଯୋଗ ହୋଇନାହିଁ କହି ପ୍ରସଙ୍ଗକୁ ଏଡ଼ାଇ ଦେବାକୁ ଚେଷ୍ଟା କରିଥିଲେ । ଏ ସଂପର୍କରେ ଏସ୍‌ପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପୀଡ଼ିତାଙ୍କ ଡାକ୍ତରୀମାଇନା ନେଇ ପ୍ରକ୍ରିୟା ଚାଲିଛି ।

### ୨୮ ହଜାର ଲିଟର...

କିମ୍ବା ତାଙ୍କର କୌଣସି ଅସୁବିଧା ହେବ, ସେଥିପାଇଁ କ୍ଷୀର ଢ଼ଳା ସରିବା ପରେ ଟ୍ରାକ୍ଟର ଦ୍ୱାରା ତା ଉପରେ ମାଟି ମୋରମ ପକାଯାଇ ଘୋଡ଼ାଇ ଦିଆଯାଇଥିଲା । ନଷ୍ଟ କରାଯାଇଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରର ପ୍ରକୃତ ମୂଲ୍ୟ ବଜାର ଦର ଅନୁସାରେ ୮ରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ସୂଚନାଯୋଗ୍ୟ ଯେ କୁଷ୍ପଙ୍ଗି ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା ପଛପଟେ ଗତ ୯ ତାରିଖ ରାତିରେ କ୍ଷୀର ଅପମିଶ୍ରଣ କାରବାର ଚାଲିଥିଲା । ଏ ସମ୍ପର୍କରେ ଗୁରୁଡିଝାଟିଆ ଥାନା ପୁଲିସ ଖବର ପାଇ ଅତର୍କିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା । ଅପମିଶ୍ରିତ କ୍ଷୀର ବୋଝେଇ ଟ୍ୟାଙ୍କରକୁ ପୁଲିସ ଜବତ କରିବା ସହ ଏକ ଟାଟା ଏସି ଗାଡ଼ିରେ ରହିଥିବା ୫ଟି ରାସାୟନିକ ପଦାର୍ଥ ମିଶା କ୍ଷୀର ଜାର ଜବତ କରିଥିଲା । ପୁଲିସକୁ ଦେଖି ନକଲି କ୍ଷୀର ଅପମିଶ୍ରଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । କେବଳ କ୍ଷୀର ବୋଝେଇ ଟ୍ୟାଙ୍କର ଚାଳକକୁ ପୁଲିସ ମାଡ଼ି ବସିଥିଲା । ଜବତ ଟ୍ୟାଙ୍କରରେ ପ୍ରାୟ ୨୮ ହଜାର ଲିଟର ଅପମିଶ୍ରଣ କ୍ଷୀର ରହିଥିବା ଜଣାପଡ଼ିଥିଲା । ଏହି ଘଟଣାରେ ଡ୍ରାଇଭରକୁ ପଚରାଉଚରା କରି ପୁଲିସ ବହୁ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଥିଲା । ସୁସଂଗଠିତ ରାକେଟ୍ ଦ୍ୱାରା କ୍ଷୀର ଅପମିଶ୍ରିତ କାରବାର ଦୀର୍ଘ ଦିନ ଧରି ଚାଲିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା । ଜବତ କ୍ଷୀର ବୋଝେଇ ଟ୍ୟାଙ୍କରଟି ସମ୍ବଲପୁର ଜିଲ୍ଲାରୁ କଟକ ଅଭିମୁଖେ ଆସୁଥିବା ବେଳେ ବାଟରେ ଗୁରୁଡିଝାଟିଆ ଥାନା ଅଞ୍ଚଳ କୁଷ୍ପଙ୍ଗି ନିକଟସ୍ଥ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ପଛପଟେ ଅପମିଶ୍ରଣ ହେଉଥିଲା । ମେସିନ୍ ଦ୍ୱାରା କ୍ଷୀର ଗାଡ଼ି ମଧ୍ୟରେ ପାଣି ଲୋଡ କରି କ୍ଷୀରକୁ ବାହାର କରି ସେଥିରେ ଲୁଣ, ପାଉଡର୍ ଓ ଏକ କେମିକାଲ ଅପମିଶ୍ରିତ କରି ଦିଆଯାଉଥିଲା । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୁଲିସକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ଉଠିଛି । ପ୍ରକାଶଥାଉ କି, ଗତ ୧୨ତାରିଖ ଦିନ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଞ୍ଚଳର ସୁଧିର ତିୱାରୀ ଏବଂ ଚୌଦ୍ୱାର ଥାନା ଅଞ୍ଚଳର ପ୍ରକାଶ ଖୁଣ୍ଟିଆଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଅପମିଶ୍ରିତ କ୍ଷୀର କାରବାର ସମ୍ପର୍କରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି । ଅପମିଶ୍ରିତ କ୍ଷୀର ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି । ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ଖୋଳତାଡ଼ ଜାରି ରହିଛି ।

### ପିଇବା ଯୋଗ୍ୟ...

କେତେକ ସ୍ଥାନରେ ଟ୍ୟାଙ୍କର୍ ମଧ୍ୟ ଯୋଗାଇ ଦିଆଯାଉଛି । କିନ୍ତୁ ବିଶୋଧନାଗାର ପାଣିର ସ୍ଥିତ ଏତେମାତ୍ରାରେ ଅପରିଷ୍କାର ରହିଛି ଯେ ସେଥିରୁ ଜଣ୍ଡିସ୍, ଡାଇରିଆ ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଛି । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ୱାଟକୋକୁ ଚିଠି ଲେଖିଛି । ମହାନଗର ନିଗମ ଅନ୍ତର୍ଗତ ବରେଇପାଲି, ମାନେଶ୍ୱର, ଖଣ୍ଡୁଆଲ ଓ ବିଭିନ୍ନ ବିଶୋଧନାଗାରକୁ ଜନସ୍ୱାସ୍ଥ୍ୟ ବିଭାଗ ପରିଦର୍ଶନ କରିଥିଲା । ଗତ ୩ ତାରିଖରେ ପାଣିର ନମୁନା ସଂଗ୍ରହ କରିଥିଲା । ପିଇବା ପାଣିର ଗୁଣବତ୍ତା ନେଇ ପରୀକ୍ଷା କରାଯାଇଥିଲା । କ୍ଲୋରିନେସନ୍‌ର ମାତ୍ରା ଓ ଏଚ୍‌ଟୁଏସ୍ ପରୀକ୍ଷାରେ ମାନେଶ୍ୱର ଅଞ୍ଚଳରେ ଏହି ପାଇପ ପାଣି ପିଇବା ଉପଯୋଗୀ ନୁହେଁ ବୋଲି ଦର୍ଶାଯାଇଛି । ଲୋକଙ୍କ ଅଭିଯୋଗ ଅନୁସାରେ, ପାଇପରୁ ପାଣି କାଦୁଆ ରହିଥିବା ବେଳେ ଅଧିକ ସମୟ ଦୁର୍ଗନ୍ଧ ବାହାରୁଛି । ଏହି ପାଣି ମହାବୀରପଡ଼ା, ଧନୁପାଲି ମାନେଶ୍ୱର ମାର୍କେଟ୍ ଅଞ୍ଚଳରେ ବିଗତ ଅଧିକାଂଶ ଦିନରେ ଆସୁଛି । ଅଧିକାଂଶ ସ୍ଥାନରେ ପାଇପ୍ ଫାଟିଯାଇଛି । ବିଶେଷକରି, ପାଣିରେ କ୍ଲୋରିନେସନ ଅଭାବ ଥିବା ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ୱାଟ୍‌କୋ ଏହାକୁ ଅବମାନନା କରି ଯଦି ଏପରି ପାଣି ଯୋଗାଇବା ଜାରି ରଖିବ, ଆଗକୁ ଭୟଙ୍କର ସ୍ଥିତି ଉପୁଜିବ ବୋଲି ରିପୋର୍ଟରେ ଦର୍ଶାଯାଇଛି । ୨୦୧୪ ମସିହାରେ ସମ୍ବଲପୁରରେ ଭୟଙ୍କର ଜଣ୍ଡିସ୍ ରୋଗ ସ୍ଥିତି ଉପୁଜିଥିଲା । ତେଣୁ, ଏପରି ପରିସ୍ଥିତି ଜାରି ରହିଲେ ପୁଣି ସମ୍ବଲପୁରରେ ଜଣ୍ଡିସ ସ୍ଥିତି ଦେଖାଯିବ ବୋଲି ଚିଠି ନମ୍ବର ୧୩୧୨ ରେ ୱାଟ୍‌କୋକୁ ସଚେତନ କରାଯାଇଛି ।

### ରାଜଧାନୀରେ ଗର୍ଜିଲା...

ହଜାର ହଜାର ଚାଷୀଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀ । ଦଳର ବରିଷ୍ଠ ନେତାମାନେ, ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସାର ବ୍ୟାଗ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି । ଗତ ଦୁଇ ଦଶନ୍ଧିରେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେବି ସୃଷ୍ଟି ହୋଇନଥିଲା । ସାରର ଅଭାବ ଦେଖା ଦେବା ପରେ ତୁରନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ପାଇଁ ଅନୁରୋଧ କଲେ; କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଥର ସମୀକ୍ଷା କଲେଣି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ସାର ନପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି । ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡିବ । ସେଥିପାଇଁ ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ।

ସମାବେଶ ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜଭବନରେ ରାଜ୍ୟର ସାର ସ୍ଥିତି ସଂକ୍ରାନ୍ତରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦଳର ବରିଷ୍ଠ ନେତା ତଥା କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଥିଲେ । ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ, ସେଥିପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି । ରାଜ୍ୟପାଳଙ୍କ ନିକଟକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡାଇ, ବ୍ୟୋମକେଶ ରାୟ, ଧ୍ରୁବ ଚରଣ ସାହୁ, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ଡ. ଅମର ପଟ୍ଟନାୟକ, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ଗୌତମବୁଦ୍ଧ ଦାସ, ଦେବୀ ରଞ୍ଜନ ତ୍ରିପାଠୀ, ଗଣେଶ୍ୱର ବେହେରା, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ସୁଦର୍ଶନ ହରିପାଲ, ସୁଜାତା ସାହୁ, ବିଜୟ ନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ରମାକାନ୍ତ ଭୋଇ, ନୃସିଂହ ସାହୁ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଜଗନ୍ନାଥ ସାରକା, ଭୃଗୁ ବକ୍ସିପାତ୍ର, ମହେଶ ସାହୁ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଲତିକା ପ୍ରଧାନ, ରଞ୍ଜିତା ସାହୁ, ରମେଶ ଚନ୍ଦ୍ର ଚାଉପଟ୍ଟନାୟକ, ପଦ୍ମନାଭ ବେହେରା, ପ୍ରଦୀପ ମାଝୀ, ସୁଧୀର ସାମଲ, ରୁଦ୍ର ମହାରଥୀ, ଉମାକାନ୍ତ ସାମନ୍ତରାୟ, ଅମରେଶ ପତ୍ରି, ସଞ୍ଜିତ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ ପ୍ରମୁଖ ସାମିଲ ଥିଲେ ।

### ଶବରେ ପଶିଲା...

ତାଙ୍କୁ କୁହାଯାଇଥିଲା । ଏହାରି ଭିତରେ କିଛି ସମୟ ବିଳମ୍ବ ହୋଇଥିଲା । ସ୍ୱର୍ଗଦ୍ୱାରର କର୍ମଚାରୀ ପି. ଲକ୍ଷ୍ମୀଙ୍କ ପାଖକୁ ଯାଇଥିଲେ । ହେଲେ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲୁଥିବା ଦେଖିବାକୁ ପାଇଥିଲେ । ସେ ଜୀବିତ ଥିବା ଜାଣିବା ପରେ ସଙ୍ଗେସଙ୍ଗେ ତାଙ୍କୁ ହସ୍ପିଟାଲ ନେବା ପାଇଁ ନିଷ୍ପତ୍ତି ହୋଇଥିଲା । ସ୍ୱର୍ଗଦ୍ୱାର କର୍ମଚାରୀ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଆମ୍ବୁଲାନ୍ସ ପହଞ୍ଚିବା ପରେ ପରିବାର ସଦସ୍ୟ ଓ ସ୍ୱର୍ଗଦ୍ୱାର କର୍ମଚାରୀ ମିଶି ସଦର ମୁଖ୍ୟ ଚିକିତ୍ସାଳୟରେ ପି. ଲକ୍ଷ୍ମୀଙ୍କୁ ଭର୍ତ୍ତି କରାଇଛନ୍ତି । ତାଙ୍କର ଚିକିତ୍ସା ଚାଲିଛି । ସ୍ୱର୍ଗଦ୍ୱାରରେ ତାଙ୍କ ମା'ଙ୍କ ଜୀବନ ଫେରିଛି । ଏହା ଏକ ଚମତ୍କାର ବୋଲି ପରିବାର ସଦସ୍ୟ କହି ଖୁସିବ୍ୟକ୍ତ କରିଛନ୍ତି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସ୍ୱର୍ଗଦ୍ୱାରର ସ୍ୱେଚ୍ଛାସେବୀ ବ୍ରଜକିଶୋର ସାହୁ କହିଛନ୍ତି, ପ୍ରତିଦିନ ୮୦ରୁ ୯୦ ଶବଦାହ ପାଇଁ ଆସୁଛି । ଆମେ ୩ଟି କାଗଜପତ୍ର ରଖୁଛୁ । ମୃତକ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆଧାରକାର୍ଡ ଏବଂ ମୃତ୍ୟୁ ପ୍ରମାଣପତ୍ର । ପି.ଲକ୍ଷ୍ମୀ ପହଞ୍ଚିବା ପରେ ଆମେ ଆବଶ୍ୟକ କାଗଜପତ୍ର ମାଗିଥିଲୁ । କିନ୍ତୁ ତାଙ୍କ ପାଖରେ ମୃତ୍ୟୁ ପ୍ରମାଣପତ୍ର ନ ଥିଲା । ଏହାପରେ ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିଲା । ମୃତ୍ୟୁ ପ୍ରମାଣପତ୍ର ଦେବା ପାଇଁ କୁହାଯାଇଥିଲା । ଏହାରି ଭିତରେ ଜଣେ କର୍ମଚାରୀ ତାଙ୍କ ପାଖକୁ ଯାଇ ଦେଖିଲା ବେଳକୁ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲିଥିଲା । ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲୁ । ତାଙ୍କ ପରିବାର ସଦସ୍ୟ ବି ଏଠାରେ ରହିଛନ୍ତି ବୋଲି କହିଛନ୍ତି ବ୍ରଜକିଶୋର ।

### ବାଇଶିପାହାଚରେ ଟଳିପଡ଼ିଲେ...

ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତର୍ପଣ ସହ ପିଣ୍ଡଦାନ କରୁଛନ୍ତି ଲୋକେ । ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପରିବାର ସଦସ୍ୟଙ୍କ ସହିତ ଆସିଥିଲେ ମନ୍ଦାକିନୀ । ସେମାନେ ପିଣ୍ଡଦାନ କର୍ମ ସାରିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପରାହ୍ନରେ ମନ୍ଦିରକୁ ଯାଉଥିଲେ । ବାଇଶିପାହାଚ ଚଢ଼ି ଯିବା ବେଳେ ହଠାତ୍ ଅଚେତ୍ ହୋଇ ପଡ଼ି ଯାଇଥିଲେ । ଏହାଦେଖି ପରିବାର ସଦସ୍ୟ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି ।

### ନବଜାତକକୁ ନେଇଗଲେ...

ସ୍ୱାସ୍ଥ୍ୟକର୍ମୀ ନବଜାତକକୁ ଚିକିତ୍ସା ଆଳରେ ସାଙ୍ଗରେ ନେଇଯାଇଥିଲେ । କିନ୍ତୁ ତା' ପରଠାରୁ ଆଉ ଶିଶୁ ସଂପର୍କରେ କେହି ଉଁ...ଚୁଁ କରିନଥିଲେ । କିଛି ଦିନ ପରେ ଆଉମେ ସୁସ୍ଥ ହେବା ପରେ ଛୁଆ କୁଆଡ଼େ ଗଲା ବୋଲି ପଚାରିବାରୁ ଶିଶୁଟି ମରି ଯାଇଛି ବୋଲି ସ୍ୱାସ୍ଥ୍ୟକର୍ମୀ କହିଥିଲେ । ସେ ଶିଶୁର ମୃତଦେହ ମାଗିବାରୁ ତାକୁ ଧମକଚମକ ଦେଇ ମେଡିକାଲରୁ ଡିସ୍‌ଚାର୍ଜ କରିଦେଇଥିଲେ । ଘଟଣାର ଦୁଇ ମାସ ପରେ ଏନେଇ ପରିବାର ଲୋକେ ଆଜି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଘଟଣାର ତଦନ୍ତ ପାଇଁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତେବେ ଘଟଣା ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ବ୍ରଜବନ୍ଧୁ ଦାସଙ୍କୁ ଯୋଗଯୋଗ କରିବାରୁ ସେ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ଘଟଣା । ପରିବାରଲୋକେ ଏନେଇ ଯଦି ଲିଖିତ ଅଭିଯୋଗ କରିଛନ୍ତି, ନିଶ୍ଚିତ ଭାବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବୁ ।


**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Sri Ugra Sisha, Vill.- Talageruput, Po.- Malibelgaon, Ps.- Nandapur, District- Koraput declare that I have changed my name from **Ugresan Sisha** to **Ugra Sisha**. Henceforth, I shall be known as **Ugra Sisha** for all purposes.

**AFFIDAVIT**

By virtue of an Affidavit sworn before Executive Magistrate Begunia vide no. - 1336, on dated. 09.09.2025, I Maharaj Shashwata Chaitanya, C/o- Swami Brahmananda Saraswati At- Kendupalli, Po.-Mallipadar, Ps.- Begunia, Dist.- Khordha, PIN- 752061 declare that, I have changed my name from **Srikanta Swain** to **Maharaj Shashwata Chaitanya**. Henceforth, I shall be known as **Maharaj Shashwata Chaitanya** for all purpose.

e-mail: eephbhpt@gmail.corn

**GOVERNMENT OF ODISHA** C-1077

OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT - 27 of 2025-26/ Dt. 12.09.2025**
**e-Procurement Notice**

| | | |
|---|---|---|
| 01. | Name of the Work | : 1No Work. |
| 02. | Type of Bid | : Single Bid System |
| 03. | Approx. Estimated Cost | : Rs. 24.63 Lakh |
| 04. | Period of Completion | : 02 (Two) Calendar Months |
| 05. | Date & Time of availability of bid document in the portal | : From 11.00 AM of dt. 16.09.2025 to 5.00 PM of 25.09.2025 |
| 06. | Last date / time of receipt of bids in the portal | : 5.00 PM of 25.09.2025. |
| 07. | Date & Time of opening of technical bids | : At 11.30 AM of 26.09.2025 |
| 08. | Name and Address of the Officer Inviting Bid | : Additional Chief Engineer, P.H. Division Bhawanipatna, Railway Station Road, At/Po- Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-13059/11/0043/2526

**Sd/- Additional Chief Engineer,**
**P.H. Division, Bhawanipatna**

**ODISHA HYDRO POWER CORPORATION LTD.**
(A Government of Odisha Undertaking) CAD-1757
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, At: P.O.: BARINIPUT:
DIST. KORAPUT — 764006, PHONE: (06854) 242001
FAX: - (06854) 242038, E-mail: sgmel.ukhep@gmail.com

No. OHPC: SGM: UKHEP: C & P:/ 4600 /Dated, Bariniput the 12/9/25

**NOTICE INVITING TENDER No. 27/25-26 Date. 12/09/25**

Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | Hiring of one number of Ambulance (TATA WINGER/MAHINDRA AMBULANCE) or equivalent with A.C. for Generation Division, UKHEP, Bariniput for four (04) years i.e. 2025-26 to 2028-29. | Rs. 7080/- (Rs.6000/- + 18%GST) | Rs. 25,000/- |

Sale of tender paper : From **18/09/25** to 1**1:00** Hrs. of **06/10/2025**
Last date of submission of tender : Up to **12:00** Hrs. of **06/10/2025**
Date & Time of opening of tender : At **12:30** Hrs. of **06/10/2025**

For details of the tender documents, terms and conditions please visit our wbsite www.ohpcltd.com

OIPR-04002/11/0123/2526

**Sd/- C & P Head, UKHEP, Bariniput.**

**NOTICE** (Above 18 years of age)

By Virtue of an Affidavit sworn before the Executive Magistrate, Udala, Mayurbhnaj, dated 04-09-2025 I, Sukulmani Soren, Address At- Andiatikira, Po- Dengam, Ps- Khunta, Dist- Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as Sukulmani Soren for all purposes.

**Sd/-Sukulmani Soren**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Smt. Laxmi Hial, W/o- Late Sublan Hial, Vill.- Luhaba, Po.- Subai, Ps.- Nandapur, District- Koraput declare that I have changed my name from **Lakhmi Hial** to **Laxmi Hial**. Henceforth, I shall be known as **Laxmi Hial** for all purposes.

Sd/- **Laxmi Hial**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Sri Padu Guntha, S/o- Late Dhana Guntha, Vill.- Kulab, Po.- Subai, Ps.- Similiguda, District- Koraput declare that I have changed my daughter's name from **Babnita Guntha** to **Bobita Guntha**. Her date of birth is 29/03/2017. Hence- forth, she shall be known as **Bobita Guntha** for all purposes.

**AFFIDAVIT**

I, Hawa Bibi, aged about 60 years, W/o- Shaikh Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1910, dtd- 14/09/2025 that now onwards I shall be known as **HAWA KHATUN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar,vide CF No-39/ dated- 16/08/2025. I, **Itishree Biswal**, W/o- Dinabandhu Mohapatra, Address: At- LB-114, Stage-II, Laxmisagar, Near Lalbahadur Club, Laxmisagar, PO: Budheswari Colony, PS: Laxmisagar, Bhubaneswar, Dist: Khordha, PIN: 751002 Odisha declare that I have changed my name from **Itishree Mohapatra** To **Itishree Biswal.** Henceforth, I shall be known as **Itishree Biswal** (new name) for all future purposes.

**Itishree Biswal**

**AFFIDAVIT**

By virtue of an affidavit before The Executive Magistrate, Saintala, on dated- 11/09/2025. I, **Surubali Chhatria,** formerly called as Bui Chhatria, W/o- Late Jogadhyana Chhatria, permanent resident of At- Phapsi, Po- Gandapatrapali, P.S.- Saintala, Dist.- Balangir, (Odisha), PIN- 767032, now residing at the same place affirm that I have changed my name from **Bui Chhatria** (old name) to **Surubali Chhatria** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surubali Chhatria** (new name).

**Surubali Chhatria**

**AFFIDAVIT**

I, Kallola Mohapatra, aged about 52 years, S/o- Late Gobardhan Mohapatra, resident of At- Qr No-14/32, MIG-II, BDA Colony, Ps- Chandrasekharpur, Bhubaneswar, Dist- Khurda, Odisha, Pin- 751016, do hereby declare by this affidavit No.1906, dtd. 13/09/2025, that now onwards I shall be known as **KALLOLA KUMAR MOHAPATRA** for all future purposes

**AFFIDAVIT**

I, Tanjum Jahan A, aged about 35 years, W/o- Ayub Mohammad, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1912, dtd- 14/09/2025 that now onwards I shall be known as **TANJUM JAHAN** for all future purposes.

**VEHICLE FOR SALE**

TATA ACE GOLD ELECTRIC-2023 Regn No. OD-29-L-8707 in as is where is condition.
Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**VEHICLE FOR SALE**

MAHINDRA 575 DI 45 HP TRACTOR-2023 Regn No. OD-29-L-4086 in as is where is condition.
Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 10/09/2025. I, **Binodini Jani** (Applicant name), aged about 28 years, W/O- Dhansingh Jani, Permanent resident of At- Turekela, PO- Jamkhunta, PS- Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor son's name from **Minaketan Jani** (old name) to **Miniketan Jani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Miniketan Jani** (new name).

**Binodini Jani**

**AFFIDAVIT**

By virtue of an affidavit sworn before the Notary Public, Kakatpur, Puri, dated- 10/09/2025. I, **Hedayatulah Khan,** S/o- Late Wastullah Khan, Address: Lataharan, PO: Lataharan, Ps: Kakatpur, Dist: Puri, Odisha, PIN: 752119 declare that I have changed my name from **Rajuddin To Hedayatulah Khan.** Henceforth, I shall be known as **Hedayatulah Khan** (new name) for all future purposes.

**AFFIDAVIT**

I, Ayub Mohammed, aged about 40 years, S/o- Sk Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1911, dtd- 14/09/2025 that now onwards I shall be known as **AYUB MOHAMMAD** for all future purposes.

**AFFIDAVIT**

I, Hansraj Jain, aged about 48 years, S/o- Dalichand Surana, resident of At- Main Road, Malkangiri, PO/PS/Dist- Malkangiri, PIN- 764045, Odisha declared by this affidavit No. 1913, dtd- 14/09/2025 that now onwards I shall be known as **HANSRAJ SURANA** for all future purposes.

**AFFIDAVIT**

I, Aditi Behera, D/o- Amit Kumar Behera, resident of LIG-72, Stage-2, Brit Colony, Nilakantha Nagar, Po/Ps- Berhampur, Dist- Ganjam, Pin- 760002, Odisha declared by this affidavit No. 83, dtd- 11/08/2025 that now onwards I shall be known as **ADITI PRIYADARSHINI** for all future purposes.

**AFFIDAVIT**

I, Ektaben Ajaykumar Yadav, aged about 33 years, W/o- Ajaykumar Yadav, resident of AT- B/7, Lower Camp, Joda West, Ps- Joda, Dist- Keonjhar, Odisha, Pin- 758034 declare by this affidavit No.1916, dtd- 15.09.2025, that now onwards I shall be known as **Dalwadi Ektaben Navnitkumar** for all future purposes.

**AFFIDAVIT**

I, Pragati Chanduka, aged about 28 years, D/o- Parash Kumar Agarwal, resident of At- Old Sadar, Thana Lane, Puri, Dist- Puri, PIN- 752001, Odisha declared by this affidavit No. 1908, dtd- 14/09/2025 that now onwards I shall be known as **PRAGATI AGARWAL** for all future purposes.

**AFFIDAVIT**

I, Rajendra Swar, S/o- Bidyadhar Suara, resident of Plot No- 1970/9861, Near Senior Citizen Club, Satya Vihar, Po.- Rasulgarh, Ps.- Mancheswar, Bhubaneswar, Dist- Khorda, Pin- 751010 Odisha declare by this affidavit CF No.133, dtd.-12/09/2025 that now onwards I shall be known as **RAJENDRA KUMAR SUARA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 29/07/2025, I, **Ranjita Mishra,** Address: Plot No. 63, Bhoinagar, Near Science Park, Bhubaneswar, Khurda, Pin-751022, Odisha declare that I have changed the name of my daughter from **Debasmita Mishra** to **Saloni Mishra.** Henceforth, She shall be known as **SALONI MISHRA** for all purposes.

**Ranjita Mishra**

**AFFIDAVIT**

I, Rashmita Mohapatra, aged about 45 years, W/o- Prasanta Kumar Mishra, resident of At- Ramachandrapur, Khajuria, Brahmagiri, Dist- Puri, PIN- 752011, Odisha declared by this affidavit No. 1909, dtd- 14/09/2025 that now onwards I shall be known as **RASMITA MISHRA** for all future purposes.

**AFFIDAVIT**

I, Mirza Mozibur Rahman, aged about 44 years, S/o- Mirza Mahiraj Baig, resident of At- Quazisahi (Baliorada), Ps- Purunabazar, PO/Dist- Bhadrak, Odisha declared by this affidavit No. 7149, dtd- 18/07/2025 that now onwards I shall be known as **MIRZA MOZIBUR RAHAMAN** for all future purposes.

**AFFIDAVIT**

I, Simanchala Biswal, S/o- Parasu Biswal, resident of At- Nuagada, Po-Angargaon, Dist- Ganjam, Pin- 761035, Odisha declared by this affidavit No. 733, dtd- 09/09/2025 that now onwards I shall be known as **SIMANCHAL BISWAL** for all future purposes.

**AFFIDAVIT**

By virtue of an affidavit before the Executive Magistrate, Khariar, on dated- 11/09/2025. I, **Naresh Sunani** (Applicant name), S/O- Late Maniram Sunani, Permanent resident of Village- Nandigaon, PO- Chalana, PS- Sinapali, Dist- Nuapada, (Odisha), PIN- 766108, now residing at the same place affirm that I have changed my minor son's name from **Satwik Sunani** (old name) to **Samprit Naresh Sunani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Samprit Naresh Sunani** (new name).

**Naresh Sunani**

**AFFIDAVIT**

By virtue of an affidavit sworn before the Notary Public, Cuttack, dated- 11/09/2025. I, **Sk Safiquddin Tarafdar,** S/o- Sk Sakur Tarafdar, Address: VTC- Sanakadab, PO: Kadab, Sub-District: Begunia, District: Khurda, PIN: 752062, Odisha declare that I have changed my name from **Sheikh Safiqueuddin Tarafdar To Sk Safiquddin Tarafdar.** Henceforth, I shall be known as **Sk Safiquddin Tarafdar** (new name) for all future purposes.

● ଡମ୍ବସରାକୁ ବ୍ଲକ୍ ମାନ୍ୟତା ଦାବି

# ବାଇକ୍ ଶୋଭାଯାତ୍ରା ସହ ଦାବିପତ୍ର ପ୍ରଦାନ



ଗୁଣୁପୁର,୧୫।୯(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ଡମ୍ବସରା ପଞ୍ଚାୟତକୁ ବ୍ଲକ ମାନ୍ୟତା ଦାବି ଜୋର ଧରିଛି। ଗୁଣୁପୁର ବ୍ଲକରେ ୧୯ ଗୋଟି ପଞ୍ଚାୟତ ରହିଛି। ସେଥିରେ ୬ଟି ପଞ୍ଚାୟତ ଡମ୍ବସରା, ବାଗଶଳା, ଘଣାନ୍ତ୍ରୀ, ଭୀମପୁର, ଟିଟିମିରି ଓ ଚାଲକମ୍ବା ରାୟଗଡ଼ା ଜିଲ୍ଲାର ଗୁଣପୁର ବ୍ଲକ ସହ ସଂଯୁକ୍ତ ରହିଛି। ଡମ୍ବସରା ପଞ୍ଚାୟତ ଠାରୁ ଅନ୍ୟ ପଞ୍ଚାୟତ ଗୁଡିକ ଗୁଣପୁର ବ୍ଲକକୁ ପ୍ରାୟ ୧୦ କିମି ରୁ ୨୨ କିମି ଦୂରତା ଅଟେ। ଏହି ୬ ଟି ପଞ୍ଚାୟତରେ ପ୍ରାୟ ୫୧ ହଜାର ୬ଶହ ଅବାସୀ ବସବାସ କରନ୍ତି। ଡମ୍ବସରା ଗ୍ରାମଠାରୁ ଅନ୍ୟ ପଞ୍ଚାୟତ ଗୁଡିକୁ ସଂଯୋଗ କଲେ ଡମ୍ବସରା ବହୁତ ନିକଟତର ହେବ। ଯାହାକି ୪କିମି ଠାରୁ ୧୧ କିମି ଦୂରତା ଭିତରେ ରହିବ। ଡମ୍ବସରା ପଞ୍ଚାୟତରେ ନୂତନ ବ୍ଲକ ନିମନ୍ତେ ଯାହା ମାନଦଣ୍ଡର ଆବଶ୍ୟକ, ଏହି ସବୁ ସୁବିଧା ଏହି ପଞ୍ଚାୟତରେ ଅଛି। ଡମ୍ବସରା ପଞ୍ଚାୟତରେ ୧୦୫ ଏକର ପରିମିତ ସରକାରୀ ଜମିରେ ଇଡିକୋ ସଂସ୍ଥା କିଛି କ୍ଷୁଦ୍ର ଶିଳ୍ପ ଏବଂ ଉନ୍ନୟନ ମୂଳକ କାର୍ଯ୍ୟ କରିବାର ଯୋଜନା ରଖି କାମ ମଧ୍ୟ ଜାରି ରଖିଛନ୍ତି। ନୂତନ ବ୍ଲକ କାର୍ଯ୍ୟାଳୟ ନିର୍ମାଣ କରିବା ନିମନ୍ତେ ମୁଖ୍ୟ ରାସ୍ତା ପାଶ୍ୱର୍ରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଗମନାଗମନର ସୁବିଧା ସହ ପ୍ରତ୍ୟେକ ଦିନ ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଡମ୍ବସରା ଆସି ବ୍ୟାଙ୍କ, ବିଭିନ୍ନ ଅଫିସ କାମ, ବ୍ୟବସାୟ, ପାଠପଢା ଇତ୍ୟାଦି କାମ ଉପରେ ନିର୍ଭର କରନ୍ତି। ସମସ୍ତ ପାରିପାଶ୍ୱିର୍କ ସ୍ଥିତିରୁ ଡମ୍ବସରା ଅଞ୍ଚଳର ଲୋକ ମାନଙ୍କର ସମସ୍ୟା ଦୂର କରିବା ପାଇଁ ଏବଂ ସୁବିଧା ପାଇଁ ଡମ୍ବସରାକୁ ବ୍ଲକ ମାନ୍ୟତା ଦାବି ନେଇ ଆଜି ୬ଟି ପଞ୍ଚାୟତର ବୁଦ୍ଧିଜୀବୀ, ଲୋକପ୍ରତିନିଧିମାନେ ଗୁଣୁପୁର ସହରରେ ବାଇକ୍ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଶେକ ଦିଲିପଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଏଦିଗରେ ଦୃଷ୍ଟି ନଦେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

ଶିକୁଳିରେ ବନ୍ଧା ଜୀବନ ଘଟଣା

# ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ପାଲଟିଲା ପ୍ରହସନ



ମୁନିଗୁଡା,୧୫।୯(ସମିସ): ଶିକୁଳିରେ ବନ୍ଧା ଜୀବନ ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ପାଲଟିଲା ପ୍ରହସନ। ଜିଲ୍ଲା ପ୍ରଶାସନ ଉପରୁ ତୁଟିବାରେ ଲାଗିଛି ଲୋକଙ୍କ ଭରସା। ଦିନେ ନୁହେଁ କି ଦୁଇ ଦିନ ନୁହେଁ, ବର୍ଷ ବର୍ଷ ଧରି ଗୋଡ଼ରେ ଶିକୁଳି ପଡିଥିବା ବେଳେ ଏକ ଅଭିଶପ୍ତ ଜୀବନ ବିତାଉଛନ୍ତି ମାନସିକ ଭାରସାମ୍ୟ ହରାଇଥିବା ଭେଣ୍ଡିଆ ପୁଅ ଡୁବ୍ଲେ। ଉକ୍ତ ଖବର ପ୍ରସାରଣ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦନ୍ତ ପ୍ରହସନ ପାଲଟିଛି। ଯାହାକୁ ନେଇ ପ୍ରଶାସନ ଉପରୁ ଲୋକଙ୍କ ଭରସା ତୁଟୁଥିବା ପରିଲିକ୍ଷିତ ହେଉଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଲା ରେଲୱେ ପଡ଼ାର ସ୍ୱର୍ଗତ ବାସୁଦେବ ସାହୁଙ୍କ ପୁଅ ଡୁବ୍ଲେ। ସେ ଦୀର୍ଘ ବର୍ଷ ଧରି ମାନସିକ ଭାରସ୍ୟାମ ହରାଇ ଥିବା ବେଳେ ସେ ଉଲଗ୍ନ ହୋଇ ଏଣେ ତେଣେ ବୁଲିବା ସମୟରେ ଲୋକମାନେ ଭୟଭୀତ ହୋଇଙ୍କୁ ମାଡ ମାରିବା ସହ ଟେକା ପଥର ମାଡ ମାରି ଥାଆନ୍ତି। ବେଳେ ବେଳେ ମାଡ ଖାଇ କ୍ଷତ ବିକ୍ଷତ ହୋଇ ରକ୍ତାକ୍ତ ଅବସ୍ଥାରେ ବୁଲୁଥିବା ଦେଖି ସମ୍ପର୍କୀୟ ମାନେ ତାଙ୍କୁ ଏକ ଶିକୁଳିରେ ବାନ୍ଧି ରଖିଛନ୍ତି। ତେବେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। ହେଲେ ଦୁଃଖ ଓ ପରିତାପର ବିଷୟ ଏଭଳି ମାନସିକ ରୋଗୀଙ୍କୁ ତିନି ତିନି ଥର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉକ୍ତ ଗ୍ରାମରେ ପହଞ୍ଚିର ତଦନ୍ତ କରି ଫେରିଥିବା ବେଳେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିଥିବା ବେଳେ ବୁଦ୍ଧିଜୀବୀ ମାନେ ଏହାକୁ କଡା ନିନ୍ଦା କରିଛନ୍ତି। ଖବର ପ୍ରକାଶନ ପରେ ସମ୍ବଲପୁର ସ୍ଥିତ ଏକ ସଂସ୍ଥା ଡୁବ୍ଲେଙ୍କୁ ନେଇ ମାଗଣା ଚିକିତ୍ସା କରିବା ପାଇଁ ଇଚ୍ଛା ପ୍ରକାଶ କରିଥିବା ବେଳେ ଅମ୍ବାଦଳାରୁ ସମ୍ବଲପୁର ରାସ୍ତା ଖର୍ଚ୍ଚ ପାଇଁ ଅର୍ଥ ସାଜିଛି ବାଧକ। ଅମ୍ବାଦଳାରୁ ସମ୍ବଲପୁର ଖର୍ଚ୍ଚ ହାରାହାରି ୩୦ ହଜାର ଟଙ୍କାର ଖର୍ଚ୍ଚ ଆସୁଥିବା ବେଳେ ପରିବାର ଲୋକଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଗୁହାରି କରିଛନ୍ତି। ଜିଲ୍ଲାପାଳ ଉକ୍ତ ହୃଦୟବିଦାରକ ବିଷୟକୁ ଆନ୍ତରିକତା ସହ ନେଇ ଡୁବ୍ଲେଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

● ଉଦ୍ୟାନ କୃଷିରୁ ସ୍ୱାବଲମ୍ବୀ

# ରାମନାଗୁଡ଼ାର ସଫଳ ପରିବା ଚାଷୀ ବାମ୍ପନା



ରାମନାଗୁଡ଼ା,୧୫।୯(ସମିସ): ଉଦ୍ୟାନ କୃଷି ସାଜିଲା ସ୍ୱାବଲମ୍ବନର ମାଧ୍ୟମ । ପନିପରିବା ଚାଷ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ କାମାନଗୁଡାର ସଫଳ ଚାଷୀ ବାମ୍ପନା ଗମାଙ୍ଗ। ବାମ୍ପନା ପୂର୍ବରୁ କପା ଚାଷ କରିବା ସହ ଦିନ ମଜୁରିଆ ଭାବେ କାର୍ଯ୍ୟରତ ଥିଲେ। କପା ଚାଷରେ ବିଶେଷ ଲାଭ ନଥିବା ହେତୁ ପନିପରିବା ଅନ୍ୟ ଉଦ୍ୟାନ କୃଷି ଭିତ୍ତିକ ଚାଷ ପାଇଁ ମନ ବଳାଇଥିଲେ। ଉଦ୍ୟାନ କୃଷି ବିଭାଗ ସହାୟତାରେ ସେ ନିଜ ଦୁଇ ଏକର ପରିମିତ ଜମିରେ ବିଭିନ୍ନ ପନିପରିବା ଯଥା ଭେଣ୍ଡି, କାକୁଡି, ଟମାଟୋ ,ବାଇଗଣ, ଜହ୍ନି, ଝୁଡୁଙ୍ଗ, ପୋଟଳ ଆଦି ଚାଷ ସହ କାଜୁ ବଗିଚା ପ୍ରତିଷ୍ଠା କରିଛନ୍ତି। ନିଜ କ୍ଷେତରୁ ଅମଳ ହେଉଥିବା ପନିପରିବାକୁ ସ୍ଥାନୀୟ ରାମନାଗୁଡ଼ା ବଜାରରେ ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ବାମ୍ପନା କ୍ଷେତରେ କମ୍ ସାର୍ ଓ କୀଟନାଶକ ପ୍ରୟୋଗ କରି ଚାଷ କରୁଥିବାରୁ ତାଙ୍କ ଅମଳ ପନିପରିବାର ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ଚାହିଦା ରହିଛି। ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷ ନିମନ୍ତେ ଶଙ୍କର ଜାତୀୟ କିସମର ବିହନ ,ଆର୍ଥିକ ସହାୟତା ସହ ନୂତନ ଜ୍ଞାନ କୌଶଳ ଉପରେ ସୂଚନା ଦିଆଯାଉଥିବା କହିଛନ୍ତି ଚାଷୀ ବାମ୍ପନା। ଖରିଫ ଋତୁରେ ନିକଟସ୍ଥ ନାଳରୁ ମୋଟର ସାହାଯ୍ୟରେ ପାଣି ନେଇ ଚାଷ ହେଉଥିବା ବେଳେ ରବି ଋତୁରେ ନାଳ ଶୁଖି ଯାଇଥାଏ। ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ତେଣୁ ସରକାରଙ୍କ ପକ୍ଷରୁ ଜଳସେଚନ ବ୍ୟବସ୍ଥା କରିଲେ, ଆଖପାଖର ଅନ୍ୟ ପରିବା ଚାଷୀ ମଧ୍ୟ ଉପକୃତ ହେବେ ବୋଲି ଅନୁରୋଧ କରିଛନ୍ତି। ଗତ ଆଦିବାସୀ ମେଳାରେ ସଫଳ ଚାଷୀ ରୂପେ ସେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

# ୪ ବାଇକ୍ ଚୋରଙ୍କୁ ୩ ବର୍ଷ କାରାଦଣ୍ଡ

ରାୟଗଡ଼ା,୧୫।୯ (ସମିସ): ବାଇକ୍ ଚୋରି ମାମଲାର ବିଚାର କରି ଏସ୍‌ଡିଜେଏମ ବର୍ଷା ଦାସ ୪ ଜଣ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କଲେ ଅତିରିକ୍ତ ୬ ମାସ ଦଣ୍ଡାଦେଶ ଶୁଣାଇଛନ୍ତି ଏସ୍‌ଡିଜେଏମ୍। ସୂଚନା ମୁତାବକ ୧୮ ଜାନୁୟାରୀ ୨୦୨୫ରେ ଚାନ୍ଦିଲି ଥାନା ଅନ୍ତର୍ଗତ ନାଗାବଳି ନଦୀ ନିକଟରୁ ଅଡ଼ପଡିଗୁଡା ଗ୍ରାମର ତୋଇକା ରମେଶଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ତୋଇକା ରମେଶ, ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଚାନ୍ଦିଲି ଥାନା କେସ ନଂ ୯୦/୨୫ ଦଫା ୩୦୩(୨) ୭ ୯ ୬ରେ ମାମାଲ ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ଚାନ୍ଦିଲି ଥାନାର ଏସଆଇ ପ୍ରଜ୍ଞାଶ୍ରୀ ନାୟକଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଏସଆଇ ତଦନ୍ତ କରି ଚୋରି ଘଟଣାରେ ସଂପୃକ୍ତ ଥିବା ଅରଜୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ କୁମାର ମାଣ୍ଡାଙ୍ଗି ଏବଂ ହରେଶ ଖମାରୀଙ୍କୁ ଗିରଫ କରିବା ସହ ଚୋରି ଗାଡି ଜବତ କରିଥିଲେ। ଏଥିସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଏହି ମାମଲାରେ ମୋଟ ୧୧ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିବା ବେଳେ ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡାଙ୍ଗା ପରିଚାଳନା କରିଥିଲେ।

# ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ସୁନାବେଡ଼ା ,୧୫।୯(ସମିସ): ସୁନାବେଡାର ହାଲ୍ ଟାଉନ୍‌ସିପ ସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟରେ ଗତ ଦୁଇଦିନ ଧର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ଓ ବରିଷ୍ଠ ପ୍ରଶିକ୍ଷକମାନେ କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏଥିରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସାହର ସହିତ ଅଂଶ ଗ୍ରହଣ କରିଥିଲେ। ପ୍ରଶିକ୍ଷଣରେ ଆଧୁନିକ ଶିକ୍ଷଣ ପଦ୍ଧତି , ୨୦୨୦ ନୂତନ ଶିକ୍ଷାନୀତି ଆଧାରରେ ଯୋଜନା ପ୍ରସ୍ତୁତି, ଶିକ୍ଷାର୍ଥୀମାନଙ୍କ ସମଗ୍ର ଉନ୍ନତି ଓ ପାଠ୍ୟଦାନରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ସହିତ ବିଭିନ୍ନ ବିଷୟରେ ଆଲୋଚନା ଓ ପ୍ରାୟୋଗିକ କାର୍ଯ୍ୟକଳାପ କରାଯାଇଥିଲା। ପ୍ରଶିକ୍ଷଣରେ ଉପସ୍ଥିତ ପ୍ରଶିକ୍ଷକମାନେ ନୂତନ ଶିକ୍ଷଣ କୌଶଳ ଶିକ୍ଷା ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଘରୋଇ ବସ୍ ଦୁର୍ଘଟଣା ଗ୍ରସ୍ତ, ୨୨ ଆହତ

ରାୟଗଡ଼ା,୧୫।୯(ସମିସ): ୩୨୬ ନଂ ଜାତୀୟରାଜପଥ ରାୟଗଡ ଥାନା ଅନ୍ତର୍ଗତ ଗୁମ୍ମା ଘାଟି ନିକଟରେ ଗତ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଖସିଲା ଗାଲଡେନ୍ ରକ୍ ନାମକ ଏକ ଘରୋଇ ବସ। ଏହି ଦୁର୍ଘଟଣାରେ ୨୨ଜଣ ଆହତ ହୋଇଥିଲେ। ଯାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଛାଡି ଦିଆଯାଇଥିବା ଜଣାପଡ଼ିଛି। ବସ୍‌ଟି ଗୁଣୁପୁର ଠାରୁ ଜୟପୁର ଯାଉଥିବା ସମୟରେ ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟିବା ପରେ ଯାତ୍ରୀ ମାନେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ପହଞ୍ଚିନଥିଲା। ପରେ କୁମ୍ଭିକଟା ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଥାଉକି ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଜୟପୁର ଅଭିମୁଖେ ଯାତ୍ରା କରୁଥିଲେ।

# ଗୁଣପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଗୁଣପୁର,୧୫।୯(ସମିସ): ଗୁଣୁପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୫ ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୪୮ଟି ବ୍ୟକ୍ତିଗତ,୧୯ଟି ସାମୁହିକ ଦରଖାସ୍ତ ଓ ୮ଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ରାୟଗଡ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆର ଏନ ପାତ୍ର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଝୁମୁରି ଦଳେଇ, କ୍ଷୁଦ୍ର ଜଳ ସେଚନ ଅନୁଜ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ସୁନୀଲ କୁମାର ରାଉତ, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଗୁଣପୁର ଅତିରିକ୍ତ ତହସିଲଦାର ଗୟା ଡମ୍ବରୁ ଧର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ତ୍ୱାବଧାନରେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ସସ୍ମିତା ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତ ଲିମା ଶିବିର ପରିଚାଳନା କରିଥିଲେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଦାମନଯୋଡି/ସେମିଳିଗୁଡା, ୧୫।୯ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ପାଳିତ ହୋଇଯାଇଛି। ଆକସ୍ମିକ ଅଗ୍ନି ନିରାପତ୍ତା ଓ ଅଗ୍ନି ସୁରକ୍ଷା ସମ୍ପର୍କରେ ନାଲ୍‌କୋ ସିଆଇଏସଏଫ୍ ଦ୍ୱାରା ବିଭିନ୍ନ ପ୍ରକାର ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ପ୍ରର୍ଦ୍ଦାନ କରାଯାଇଥିଲା। ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆଇଏସଏଫ୍ ଇନ୍ସପେକ୍ଟର କିଶନ କୁମାର ଓ ତାଙ୍କ ସାଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନିଆଁକୁ ଆୟତ୍ତ କରିବାର କୌଶଳମାନ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଡଃ. ନିରୋଡ଼ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ବେହେଡ଼ା,୧୫।୯ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୫ର ଆଜି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ, ପୌର ଅଧ୍ୟକ୍ଷ ଅଶୋକ କୁମାର ପାଢ଼ୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରାମ ନାୟକ, ପୁରୁଷୋତ୍ତମ ମାଝୀ, ବେହେଡା ସରପଞ୍ଚ ପ୍ରମିଳା ଗଣ୍ଡ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ବିଶ୍ୱାସ, ଅଭୟ ଚରଣ ନାୟକ, ପ୍ରଫୁଲ୍ଲ ରାଉତ, ଘନଶ୍ୟାମ ମାଝୀ, ଅମିତାଭ ରଥ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ବିଧାନ ବିଶ୍ୱାସ ଯୋଗ ଦେଇଥିଲେ। ଟୁଟୁବାବୁ ପଟନାୟକ, ନରେଶ ପଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଷ୍ଣୁ ପ୍ରସାଦ ସାହୁ ଓ ଅନ୍ୟ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଆଜି ପ୍ରାୟ ୧୨୦ ପ୍ରତିଯୋଗୀ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିଲେ। ଶେଷରେ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଛି। ମୁନା ପାଣିଗ୍ରାହୀ, ବୈକୁଣ୍ଠ ଭତ୍ରା, ପୂର୍ଣ୍ଣ ବାଗ, ବୀର ଭତ୍ରା, କମିଟି ଓ ଗ୍ରାମର ବହୁ ବ୍ୟକ୍ତି ମଧ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

# ଜିଷ୍ଟ ଇଞ୍ଜିନିୟରିଂ କଲେଜରେ ଇଞ୍ଜିନିୟର ଦିବସ



ରାୟଗଡ଼ା,୧୫।୯ (ସମିସ): ରାୟଗଡ଼ା ସହର ଉପକଣ୍ଠ ଖଲିଗୁଡ଼ା ସ୍ଥିତ ଜିଷ୍ଟ ଇଞ୍ଜିନିୟରିଂ ଘରୋଇ କଲେଜରେ ଇଞ୍ଜିନିୟର ଦିବସ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି। କିମ୍ବଦନ୍ତୀ ଇଞ୍ଜିନିୟର ଏବଂ ଭାରତରତ୍ନ ପୁରସ୍କାରପ୍ରାପ୍ତ ସାର୍ ଏମ୍.ବିଶ୍ୱେଶ୍ୱରାୟଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ଡିପ୍ଲୋମା ଏବଂ ବି.ଟେକ୍ ଇଞ୍ଜିନିୟରିଂ ଛାତ୍ରମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରମାନେ ରାଷ୍ଟ୍ର ନିର୍ମାଣ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଇଞ୍ଜିନିୟର ମାନଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବୈଷୟିକ ବିଷୟରେ ଆଲୋଚନା, କୁଇଜ୍ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାହା ଯୁବ ଇଞ୍ଜିନିୟର ମାନଙ୍କ ପ୍ରତିଭା ଏବଂ ସୃଜନଶୀଳତାକୁ ପ୍ରଦର୍ଶନ କରିଥିଲା। ଅଧ୍ୟାପକ ମାନେ ଛାତ୍ରଛାତ୍ରୀ ମାନଙ୍କୁ ସାର୍ ବିଶ୍ୱେଶ୍ୱରାୟଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଏବଂ ସମାଜ ପାଇଁ ନବସୃଜନ ଏବଂ ସେବା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଦିଲୀପ କୁମାର ମିଶ୍ର, ଶ୍ରୀନିବାସ ପଟ୍ଟନାୟକ, କାଳୀ ପ୍ରସାଦ ଆଚାର୍ଯ୍ୟ ଙ୍କ ସହ ଡିପ୍ଲୋମା କଲେଜର ଅଧ୍ୟକ୍ଷ ବାଦଲ କୁମାର ଆଚାର୍ଯ୍ୟ, ଜୟନ୍ତ ପାଟଜୋଶୀଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ରାୟଗଡ଼ା-କେରଡା ରାସ୍ତା ଅବସ୍ଥା ଶୋଚନୀୟ

# ସହରାଞ୍ଚଳ ସହ ୮ ପଞ୍ଚାୟତବାସୀ ହନ୍ତସନ୍ତ



ରାୟଗଡ଼ା,୧୫।୯(ସମିସ): ରାୟଗଡ଼ା ଜିଲ୍ଲାର ରାୟଗଡ଼ା-କେରଡା (ଏମଡିଆର-୪୮ ବି) ଜିଲ୍ଲା ପ୍ରମୁଖ ରାସ୍ତା ଅବସ୍ଥା ଦୀର୍ଘ ଦିନ ଧରି ଶୋଚନୀୟ ହୋଇପଡିଛି। ଦୀର୍ଘ ୩ବର୍ଷ ହେଲା ଏହି ରାସ୍ତାର ମରାମତି ଅବଧି ସମୟ ଶେଷ ହୋଇଯାଇଥିବା ବେଳେ ପୁନଃ ଏହାର ମରାମତି କାର୍ଯ୍ୟ ପାଇଁ ରାୟଗଡା ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କେହି ଟେଣ୍ଡର ପ୍ରକ୍ରିୟାରେ ଆବେଦନ କରି ନ ଥିବା ବେଳେ ରାଜ୍ୟ ଯୋଜନା ଅଧିନରେ ରାୟଗଡା-କେରଡା ଦୀର୍ଘ ୨୫କିମି ପର୍ଯ୍ୟନ୍ତ ପ୍ରଶସ୍ତ ଏବଂ ମଜବୁତ କରିବା ପାଇଁ ଓଡିଶା ସରକାର ୧୪୯କୋଟିର ଅନୁମୋଦନ କରିବା ସହ ଏହାର ଟେଣ୍ଡର ପ୍ରକ୍ରିୟା ଜାରି ରଖିଛନ୍ତି। ତେବେ ଏହି ଟେଣ୍ଡରରେ କେହି ଅଂଶଗ୍ରହଣ କରି ନ ଥିବା ବେଳେ ଦଶହରା ପରେ ମରାମତି କାର୍ଯ୍ୟ ଟେଣ୍ଡର ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ରାୟଗଡା-କେରଡା ଜିଲ୍ଲାର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ରାୟଗଡା ସହରରୁ ଆନ୍ଧ୍ର ପ୍ରଦେଶକୁ ଏହି ମୁଖ୍ୟ ରାସ୍ତା ସଂଯୋଗ କରୁଛି । ଯାହାକି କେରଡା ଠାରେ ରାଜ୍ୟ ସୀମା ଶେଷ ହେଉଛି ଏବଂ ଆନ୍ଧ୍ର ପ୍ରଦେଶ ସୀମା ଆରମ୍ଭ ହୋଇଥାଏ। ରାୟଗଡ଼ା ସଦର ବ୍ଲକର ପୀତାମହଲ, ଜେମାଦେଇପେଣ୍ଟ, ବୈରାଗୀହାଲୁଆ, ଗାଜିଗାଁ, ଶେଷଖାଲ, ବଡଇରକୁବାଡି, ତାଡମା, କେରଡା ଭଳି ୮ଟି ପଞ୍ଚାୟତ ସମେତ ରାୟଗଡା ପୌରାଞ୍ଚଳବାସୀ ଆନ୍ଧ୍ର ଯିବାକୁ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରିଥାନ୍ତି। ପଞ୍ଚାୟତବାସୀମାନେ ଜିଲ୍ଲା ସଦର ମହକୁମା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାୟଗଡ଼ାରୁ ଦକ୍ଷିଣ ଭାରତକୁ ସିଧାସଳଖ ଏହି ରାସ୍ତା ସଂଯୋଗ କରୁଥିବା ବେଳେ ଏହି ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଆନ୍ଧ୍ର ପ୍ରଦେଶରୁ ଓଡିଶାକୁ ପ୍ରବେଶ କରିବା ପାଇଁ କେରଡା ରାୟଗଡା ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଜିଲ୍ଲାରେ ଥିବା ବଡ ବଡ ଶିଳ୍ପାନୁଷ୍ଠାନ ଏବଂ ଅନ୍ୟ ଜିଲ୍ଲା ତଥା ରାଜ୍ୟକୁ ଯିବା ପାଇଁ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ମାଲବାହୀ ଗାଡ଼ି ଯାତାୟାତ କରିଥାନ୍ତି। ଫଳରେ ଏହି ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ରାସ୍ତାର ଅନେକ ସ୍ଥାନରେ ବଡ଼ ବଡ଼ ଗାତ ଯୋଗୁଁ ମୋଟର ସାଇକେଲରେ ଯାତାୟାତ କଷ୍ଟସାଧ୍ୟ ହେଉଛି। ଯାତ୍ରୀବାହୀ ବସ, ଅଟୋରିକ୍ସା, ଆମ୍ବୁଲାନ୍ସ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାରେ ଗାତଗୁଡିକରେ ପାଣି ଜମି ରହୁଥିବାରୁ ଗାତ ଜାଣି ନ ପାରି ଅନେକ ଲୋକେ ସଡକ ଦୁର୍ଘଟଣାର ଶୀକାର ହେଉଛନ୍ତି। ଏପରିକି ବିଭିନ୍ନ କଲର୍ଭଟ ଠାରେ ଲୁହାଛଡ ଆଁ କରି ରହିଛି। ପଞ୍ଚାୟତବାସୀମାନେ ଏହି ରାସ୍ତା ଦେଇ ଜୀବନକୁ ବାଜି ଲଗାଇ ଜିଲ୍ଲା ସଦରମହକୁମା ଆସୁଥିବା ବେଳେ ଅନେକ ସମୟରେ ଏହି ରାସ୍ତାରେ ସଡକ ଦୁର୍ଘଟଣା ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଏବଂ ଅକାଳରେ ଗାଡି ଚାଳକଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣାମାନ ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ସବା କ୍ଷେତ୍ରରେ ଜିଲ୍ଲାବାସୀ ଆନ୍ଧ୍ରର ଅନେକ ଘରୋଇ ମେଡିକଲ ଉପରେ ନିର୍ଭର କରୁଥିବା ବେଳେ ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଶୀଘ୍ର ପହଞ୍ଚିବା ରୋଗୀ ମେଡିକାଲରେ ବିଳମ୍ବରେ ସଙ୍କଟାପନ୍ନ ଅବସ୍ଥାରେ ପହଞ୍ଚିଥାନ୍ତି, ନଚେତ ମୃତ୍ୟୁବରଣ କରୁଛନ୍ତି ବୋଲି ଅଞ୍ଚଳବାସୀ ପ୍ରତିକ୍ରିୟା ରଖିଛନ୍ତି। ପଞ୍ଚାୟତବାସୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପାଇଁ ମଧ୍ୟ ଅନୁରୂପ ସମସ୍ୟା ଭୋଗିଥାନ୍ତି। ଯଥାଶୀଘ୍ର ରାୟଗଡା- କେରଡା ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି।

### ସେରୁବନ୍ଧ ଖଣି ଖନନ ବିରୋଧରେ ଶୋଭାଯାତ୍ରା

# ସାମିଲ ହେଲେ ୬ଟି ପଞ୍ଚାୟତବାସୀ



ପଟ୍ଟାଙ୍ଗି,୧୫।୯ (ସମିସ): ପଟ୍ଟାଙ୍ଗି ଏବଂ ସେମିଳିଗୁଡା ବ୍ଲକର ସେରୁବନ୍ଧ ପର୍ବତର ବକ୍ସାଇଟ ଖନନ ବିରୋଧରେ ସାମିଲ ହେଲେ ଶହ ଶହ ଗ୍ରାମବାସୀ। ନାଲ୍‌କୋ ଓ ରାଜ୍ୟ ସରକାର ମଧ୍ୟରେ ଏମ୍‌ଓୟୁକୁ ବିରୋଧ କରି ଜନତା ଶୋଭାଯାତ୍ରା କରି ପହଞ୍ଚିଥିଲେ ତହସିଲ କାର୍ଯ୍ୟାଳୟରେ। ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଗଲା ଏକ ଦାବିପତ୍ର। ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାର ଦୁଇଟି ବ୍ଲକର ୬ଟି ପଞ୍ଚାୟତ ଦେଇ ଯାଇଛି ସେରୁବନ୍ଧ ବକ୍ସାଇଟ ପାହାଡ। ନାଲ୍‌କୋ ଖଣି ଖନନ କରିବା ଦ୍ୱାରା ପଟ୍ଟାଙ୍ଗି ବ୍ଲକର ନୂଆଗାଁ, କୋଟିଆ, ମାଳିପୁଟ ଏବଂ ପଟ୍ଟାଙ୍ଗି ଗ୍ରାମପଞ୍ଚାୟତର ୪୬ ଖଣ୍ଡ ଗ୍ରାମ, ସେମିଳିଗୁଡା ବ୍ଲକର ଖୁଡି ଏବଂ ସୋରିଷପଦର ଗ୍ରାମପଞ୍ଚାୟତର ୨୨ ଖଣ୍ଡ ଗ୍ରାମବାସୀ ପ୍ରଭାବିତ ହେବାକୁ ଯାଉଛନ୍ତି। ଉକ୍ତ ଖଣି ଖନନ ପାଇଁ ନାଲ୍‌କୋ ଓ ରାଜ୍ୟ ସରକାର ମଧ୍ୟରେ ଏମ୍‌ଓୟୁ ଚୁକ୍ତିନାମା ହୋଇଥିବା ନେଇ ଉତ୍ତେଜିତ ହୋଇଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ତେଣୁ ସେରୁବନ୍ଧ ପର୍ବତ ସୁରକ୍ଷା ସମିତି, ପଟ୍ଟାଙ୍ଗିର ସଭାପତି ରବି ଖରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଆଜି ହଜାର ହଜାର ମହିଳା ଏବଂ ପୁରୁଷ ପଟ୍ଟାଙ୍ଗି ସହର ନିକଟ କାତ୍ରାଗଡା ଗ୍ରାମ ନିକଟରେ ସାମିଲ ହୋଇଥିଲେ। ତାଙ୍କ ସହ ସରପଞ୍ଚ, ଦୁଇଗୋଟି ବ୍ଲକର ଜିଲ୍ଲାପରିଷଦ, ବିଭିନ୍ନ ସୁରକ୍ଷା ସଂଘର ନେତୃମଣ୍ଡଳୀ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ସାଂସଦ ଜୟରାମ ପାଙ୍ଗିଙ୍କୁ ଦେଖିବାକୁ ମିଳିଛି। ଶୋଭାଯାତ୍ରାରେ ବ୍ୟାନର ଏବଂ ପ୍ଲାଗକାର୍ଡ ଧରିବା ସହ ନାଲ୍‌କୋ କମ୍ପାନୀ ଗୋ ବ୍ୟାକ୍ ନାରା ଦିଆଯାଇଥିଲା। ସମସ୍ତେ ପଟ୍ଟାଙ୍ଗି ସହର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଜନ ପ୍ରତିନିଧି ଅଭିଭାଷଣରେ ଖଣି ଖନନ ଫଳରେ ହେବାକୁ ଥିବା ପ୍ରଭାବକୁ ନେଇ କହିବା ସହ ଆଗମୀ ଦିନରେ ପର୍ବତର ଟିକେ ମାଟିକୁ ମଧ୍ୟ ଖୋଳିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଖନନ ନିମନ୍ତେ ଏମ୍ ଓ ୟୁ ଚୁକ୍ତିନାମା ସ୍ୱାକ୍ଷର ବିରୋଧରେ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ସେରୁବନ୍ଧ ସୁରକ୍ଷା ସମିତିର ସଂପାଦକ ଭଗବାନ ଗୋଲରୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ପଟ୍ଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ପଟ୍ଟାଙ୍ଗି ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ସେମିଳିଗୁଡା ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନି, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ , ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଠା , ନୂଆଗାଁ ସରପଞ୍ଚ ସୁବାଷ ଖରା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ମାଳିପୁଟର ପୂର୍ବତନ ସରପଞ୍ଚ ସାଧୁ ଗୁଣ୍ଠା, ମାଳି ପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ,ହାଲ ବିସ୍ଥାପିତ ସଂଘର ସଭାପତି ତ୍ରିଲୋଚନ ମୁଦୁଲି, କୋରାପୁଟିଆ ଜନ ସୁରକ୍ଷା ସଂଘର ସମ୍ପାଦକ ଜିଶୁଦାନ ଦିସାରି, ବଡ଼ମାର୍ଲା ଗ୍ରାମର ଅଭି ଖରା, ଦାସୀ ନାନ୍ଦିବାଲି, ବଦ୍ୟନାଥ ଗେମେଲ,ଘନଶ୍ୟାମ ଗେମେଲ ପ୍ରମୁଖ ଜନତା ସାମିଲ ହେବା ସହ ଏଚ୍‌ଏଏଲ୍ ବିସ୍ଥାପିତ ସଂଘ, ମାଳିପର୍ବତ ସୁରକ୍ଷା ସମିତି ପ୍ରମୁଖ ସଂଘ ଯୋଗଦାନ କରିଥିଲେ।

### ■ ନକଲି ସାମ୍ବାଦିକଙ୍କ ପାଦୁର୍ଭାବ ବୃଦ୍ଧି

# ବିଦ୍ୟାଳୟରେ ଅବାଧ ପ୍ରବେଶ ନେଇ ଅସନ୍ତୋଷ

ତେନ୍ତୁଳିଖୁଣ୍ଟି,୧୫।୯ (ସମିସ)

ତେନ୍ତୁଳିଖୁଣ୍ଟି ଅଞ୍ଚଳରେ ଦିନକୁ ଦିନ ନକଲି ସାମ୍ବାଦିକଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ନବରଙ୍ଗପୁର ଜିଲ୍ଲାରେ କେତେକ ନକଲି ଗଣମାଧ୍ୟମ ପ୍ରତିନିଧି ଗାଡ଼ିରେ ପ୍ରେସ୍ ଲେଖି ବେକରେ ବେନାମୀ ସଂସ୍ଥାର ନକଲି ପରିଚୟ ପତ୍ର ପକାଇ ବିଭିନ୍ନ ବିଦ୍ୟାଳୟରେ ଅବାଧ ପ୍ରବେଶ କରୁଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ସମୟରେ ବିଦ୍ୟାଳୟରେ ପ୍ରବେଶ କରି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଉପସ୍ଥାନ,ମଧ୍ୟାହ୍ନ ଭୋଜନର ମାନ, ଅନିୟମିତତା ତଥା ବିଦ୍ୟାଳୟରେ ପ୍ରବେଶ ଓ ପ୍ରସ୍ଥାନ ସମୟ ସମ୍ପର୍କରେ ପ୍ରଶ୍ନ କରି ସେମାନଙ୍କର ସମୟ ନଷ୍ଟ କରୁଛନ୍ତି। କେତେକ ଅସାମାଜିକ ବ୍ୟକ୍ତି ମାଦକ ଦ୍ରବ୍ୟ ସେବନ କରି ଶ୍ରେଣୀ କକ୍ଷରେ ବିନା ଅନୁମତିରେ ପ୍ରବେଶ କରି ଛାତ୍ର ଛାତ୍ରୀଙ୍କ ଫଟୋ ନିଜ ମୋବାଇଲ୍ ଫୋନ୍‌ରେ ଉଠାଇ ବିଦ୍ୟାଳୟ ପରିବେଶ ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ କେତେକ ଶିକ୍ଷାନୁଷ୍ଠାନ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏ ସମ୍ପର୍କରେ ଅଭିଯୋଗ ପାଇଥିବା ସୂଚନା ଦେଇ ଶିକ୍ଷାନୁଷ୍ଠାନ ଭଳି ପବିତ୍ର ଅନୁଷ୍ଠାନରେ ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ। ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ନିକଟସ୍ଥ ପୁଲିସ ଷ୍ଟେସନରେ ଅଭିଯୋଗ କରିବାକୁ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଳ ପ୍ରକୃତି ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବରଙ୍ଗପୁର ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ସୀତମ୍ ଇଂଜିନିୟରିଂ କଲେଜରେ ସ୍ୱାସ୍ଥ୍ୟ ଆଲୋଚନାଚକ୍ର



ସେମିଳିଗୁଡ଼ା,୧୫।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ ସୀତମ ଇଞ୍ଜିନିୟରିଂ କଲେଜ ପରିସରରେ ସ୍ୱାସ୍ଥ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସୀତମ୍‌ର ଅଧ୍ୟକ୍ଷ କୃଷ୍ଣ ସିଂହ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ। ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଆହାର, ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ମଙ୍ଗଳମୟ ଜୀବନର ଗୁରୁତ୍ୱ ଉପରେ ତାଙ୍କର ଉଦବୋଧନ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଜଣାଶୁଣା ସାହିତ୍ୟିକ ରମାକାନ୍ତ ମିଶ୍ର ମହାନ ବ୍ୟକ୍ତିତ୍ୱଙ୍କ ଜୀବନୀ ଓ ରଚନା ଅଧ୍ୟୟନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ଶ୍ରୀ ଶ୍ରୀକାନ୍ତ ପ୍ରଧାନ ପିତାମାତା ଓ ଗୁରୁଜନଙ୍କ ଉପଦେଶ ମାନିବାର ଗୁରୁତ୍ୱକୁ ବର୍ଣ୍ଣନ କରିଥିଲେ। ତାଙ୍କ ମତରେ, ପରିବାର ଓ ଗୁରୁଜନଙ୍କ ଉପଦେଶ ହେଉଛି ଜୀବନର ସଫଳତାର ମୂଳଦୁଆ। ଏହାକୁ ଅବହେଳା କଲେ ଜୀବନରେ ଭ୍ରମ ଓ ଅନିଶ୍ଚିତତା ଆସିପାରେ। ଏହି ଆଲୋଚନା ଚକ୍ରରେ ରଣଧୀର ସାମଲ, ଡ଼ାକ୍ତର ରାଜେଶ କୁମାର ଡୋରା, ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ୍ ନାରାୟଣ ପରିଡ଼ା, ସେମିଳିଗୁଡ଼ା କଲେଜର ପ୍ରିନ୍ସିପାଲ୍ ଝାନ୍ସୀ ସିଂହ, ଇଞ୍ଜିନିୟର୍ କଳ୍ପତରୁ ଦାଶ, ଇଞ୍ଜିନିୟର୍ ରଣଜିତ ଚାହାଟ୍ରାୟ, ମହେଶ୍ୱର ପାଣିଗ୍ରାହୀ, କ୍ଷୀରୋଦ ପାତ୍ର, ଚନ୍ଦ୍ରଶେଖର ସାହୁ, ଜଳେନ୍ଦ୍ର ତ୍ରିପାଠୀ ଆଦି ଗଣ୍ୟମାନ୍ୟ ବ୍ୟକ୍ତିବୃନ୍ଦ ଯୋଗଦାନ କରିଥିଲେ। କଲେଜର ସମସ୍ତ ଷ୍ଟାଫ୍ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗୀଦାରୀ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଇଞ୍ଜିନିୟର୍ ଅଙ୍କିତା ପ୍ରଧାନ। ଶେଷରେ ଅତିଥି ମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଏହି ଆୟୋଜନ ଛାତ୍ରଛାତ୍ରୀଙ୍କ ମନରେ ସୁସ୍ଥ ଜୀବନଶୈଳୀ, ଆତ୍ମବିକାଶ ଓ ସଂସ୍କୃତି ପ୍ରତି ଏକ ସକରାତ୍ମକ ଦୃଷ୍ଟିକୋଣ ଗଠନରେ ସହାୟକ ହେବ ବୋଲି ଆଶା କରାଯାଉଛି।

# 'ମୋର ଯାହା ମନେପଡ଼େ' ଦ୍ୱିତୀୟ ଭାଗ ଲୋକାର୍ପିତ




କୋରାପୁଟ,୧୫।୯ (ସମିସ): କୋରାପୁଟ ସାହିତ୍ୟ ପରିବାର ଆନୁକୂଲ୍ୟରେ ଏକ ମନୋଜ୍ଞ ସାହିତ୍ୟ ସଭାରେ ଡ. ଶିବ ପ୍ରସାଦ ଗନ୍ତାୟତଙ୍କ ଦ୍ୱାରା ରଚିତ 'ମୋର ଯାହା ମନେପଡେ' ଦ୍ୱିତୀୟ ଭାଗ ପୁସ୍ତକ ଲୋକାର୍ପଣ ହୋଇଯାଇଛି। କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ପ୍ରାକ୍ତନ ଉଦ୍ଭିଦ ବିଜ୍ଞାନ ପ୍ରଧ୍ୟାପକ ତଥା ବିକ୍ରମ ଦେବ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଗନ୍ତାୟତଙ୍କ ଆତ୍ମଜୀବନୀ ମୋର ଯାହା ମନେପଡେର ଦ୍ୱିତୀୟ ଭାଗରେ ତାଙ୍କ ଜୀବନରେ ଘଟିଥିବା କିଛି ସୁନ୍ଦର ଏବଂ ସ୍ମରଣୀୟ ଘଟଣାର ଅବତାରଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ନାରାୟଣ ପଣ୍ଡା ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ କବି ଡ.ପ୍ରୀତିଧାରା ସାମଲ ବହିଟିର ସମୀକ୍ଷା କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଜଗବନ୍ଧୁ ସାମଲ, ଡ. ହୃଦୟ ରଂଜନ ଶତପଥୀ, କବି ରବି ଶତପଥୀ, ପଦ୍ମା ଶାସ୍ତ୍ରୀ ପ୍ରମୁଖ ପୁସ୍ତକ ସମ୍ପର୍କରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲ୍ୟାଣୀ ଗନ୍ତାୟତ, ହେମଲତା ସାମଲ, ସ୍ନେହଲତା ଜେନା, ବବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଗନ୍ତାୟତ ବହିରେ ଥିବା ନିଜ ଅନୁଭୂତି ଉପରେ ଆଲୋକପାତ କରିଥିବାବେଳେ ପ୍ରାଚୀ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଲ୍‌କୋ ନିଯୁକ୍ତିରେ ସ୍ଥାନୀୟ ସଂରକ୍ଷଣ ନେଇ ବନ୍ଦ ଡାକରା

ଦାମନଯୋଡ଼ି,୧୫।୯ (ସମିସ): କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ନାଲ୍‌କୋ ପ୍ରକଳ୍ପରେ ସ୍ଥାନୀୟ ଯୋଗ୍ୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାରେ ସଂରକ୍ଷଣ ଦାବି କରି ବିସ୍ଥାପିତ, ଜମିହରା, ପାରିପାର୍ଶ୍ୱିକ ଅଞ୍ଚଳର ଯୁବକ ଯୁବତୀ ମାନେ ମିଳିତ ଭାବେ ଆଜି ସକାଳୁ ବନ୍ଦ ଡାକରା ଦେଇଥିଲେ। ସକାଳ ୬ ଘଣ୍ଟିକା ଠାରୁ ନାଲ୍‌କୋ ପରିଶୋଧନ ପ୍ରକଳ୍ପର ଉଭୟ ମୁଖ୍ୟ ଫାଟକ ଓ ଜରୁରୀକାଳୀନ ଫାଟକ ସମେତ ଖଣି ଅଞ୍ଚଳ ରାସ୍ତା ଅବରୋଧ କରି କର୍ମଚାରୀ ତଥା ଶ୍ରମିକ ମାନଙ୍କୁ କର୍ମକ୍ଷେତ୍ରକୁ ଯିବାକୁ ଦିଆଯାଇ ନଥିଲା। ଏହି ବନ୍ଦରେ ଦୋକାନ ବଜାର ବନ୍ଦ କରିବାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି, ନାଲକୋ ରେ ନିଯୁକ୍ତି ନେଇ ପୂର୍ବରୁ ସର୍ବଭାରତୀୟ ସ୍ତରରେ ଲିଖିତ ପରୀକ୍ଷା ହୋଇଥିବା ବେଳେ ଏବେ ପର୍ଯ୍ୟାୟକ୍ରମେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଚୟନ ପ୍ରକିୟାରେ ଜମିହରା ବାସହରା ଓ ପାରିପାର୍ଶ୍ୱିକ ଅଞ୍ଚଳର ଯୋଗ୍ୟ ଯୁବକ ଯୁବତୀ ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ , ନହେଲେ ମାର୍କିଂରେ କୋହଳ ଅବଲମ୍ବନ କରିବା ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ବନ୍ଦ ଡାକରାରେ ଜମିହରା, ବାସହରା ଜନମଙ୍ଗଳ ସଂଗଠନ ସମେତ ପାରିପାର୍ଶ୍ୱିକ ଅଞ୍ଚଳର ଶହ ଶହ ଯୁବକ ଯୁବତୀ ସାମିଲ ହୋଇଥିଲେ। ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ରହିଥିବା ବେଳେ କୌଣସି ଅପ୍ରୀତିକର ଘଟଣା ଘଟି ନାହିଁ। ପୂର୍ବତନ ବିଧାୟକ ରଘୁରାମ ପୋଡାଲ, ପ୍ରୀତମ ପାଡ଼ିଙ୍କ ସମେତ ସ୍ଥାନୀୟ ଯୁବକ ଯୁବତୀ, ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ ଲୋକ ସାମିଲ ହୋଇ ଏହାକୁ ସମର୍ଥନ କରିଥିଲେ।

# ଜାତୀୟ ସେବା ଯୋଜନାର ଆଭିମୁଖ୍ୟ କାର୍ଯ୍ୟକ୍ରମ

ସୁନାବେଡ଼ା,୧୫।୯ (ସମିସ):

ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୋଜନା ତରଫରୁ କାର୍ଯ୍ୟକ୍ରମ ଅଧିକାରୀ ଇତିଶ୍ରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଏକ ଆଭିମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ସିଦ୍ଧଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା , ପୂର୍ବତନ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜାତୀୟ ସେବା ଯୋଜନା ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଜାତୀୟ ସେବା ଯୋଜନାର ଉପାଦେୟତା ସମ୍ପର୍କରେ ଉଦାହରଣ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ସଭାପତିତ୍ୱ କରି ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରୀ ଉପାସନା ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗ୍ରୀନ୍ ପ୍ଲାଏ ସାଣ୍ଡିଲା କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ



ସେମିଳିଗୁଡା,୧୫।୯ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଣୀକଣା ଓ ଲୁଙ୍ଗୁରୀ ଠାରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଓଡ଼ିଶାର ୧୨ ଜିଲ୍ଲାରେ ୨୭ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲା ସେମିଳୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ରାଣୀକଣା ଠାରେ ପ୍ଲାଇଉଡ୍ କମ୍ପାନୀ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ ଦିବସରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ବ୍ଲକ୍ ଉପାଧ୍ୟକ୍ଷ ଶିବାୟା ବାଙ୍ଗିରୀ, ବିଡ଼ିଓ ଯସ୍ମିନ ପ୍ରଧାନ, ତହସିଲଦାର ଦେବବ୍ରତ ବରାଡି, ସ୍ଥାନୀୟ ସରପଞ୍ଚ ମହାଲକ୍ଷ୍ମୀ ଜାନୀ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱର ଓୟୁଏଟି ସଭାଗୃହ ଠାରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଦିବସ କାର୍ଯ୍ୟକ୍ରମରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିତ୍ତଲ ଯୋଗ ଦେଇ ସେମିଳିଗୁଡା ରାଣୀକଣା ଠାରେ ୬୦୬ କୋଟି ଟଙ୍କାର ୨ ଗୋଟି ପ୍ଲାଇଉଡ୍ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଯିବ ବୋଲି ପ୍ରକାଶ କରିଛନ୍ତି। ଏଥିରେ ପେପର, ପ୍ଲାଇଉଡ୍ ଏବଂ ବନ୍ୟଜାତୀୟ ସାମଗ୍ରୀର ଉତ୍ପାଦନ ହେବ। ଫ୍ୟାକ୍ଟ୍ରି ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୩୦୦ ଜଣ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ମିଳିବ ଏବଂ ଅଞ୍ଚଳର ବିକାଶ ହେବ ବୋଲି ସେ କହିଛନ୍ତି।

# ପଣସପୁଟରେ ୫୫ଜଣଙ୍କ ଚକ୍ଷୁ ପରୀକ୍ଷା

ଦାମନଯୋଡ଼ି,୧୫।୯ (ସମିସ): କୋରାପୁଟ ବ୍ଲକର ଲଙ୍କାପୁଟ ପଞ୍ଚାୟତ ପଣସପୁଟ ଅଙ୍ଗନବାଡି କେନ୍ଦ୍ରଠାରେ ଜିଲ୍ଲା ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ ସୋମବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ



ଅନୁଷ୍ଠିତ ଶିବିରରେ ନାରିଜିପୁଟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ଗ୍ରାମର ୫୫ଜଣ ଚକ୍ଷୁରୋଗୀ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୨୨ଜଣଙ୍କର ମୋତିଆବିନ୍ଦୁ ଥିବା ସହିତ ୬ଜଣଙ୍କ ଚାଳିଶିଆ ଦୃଷ୍ଟିଦୋଷ ଚିହ୍ନଟ ହୋଇଛି। ମୋତିଆବିନ୍ଦୁ ରୋଗୀଙ୍କ କୋରାପୁଟରେ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ଶିବିରରେ ରୋଗୀଙ୍କୁ ଔଷଧ ବଣ୍ଟନ ମଧ୍ୟ କରାଯାଇଥିଲା। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁପରୀକ୍ଷା କରିଥିଲେ। ବିପିଏମ ନୂତନ ସିଂ ଓ ପିଏଚଇଓ ବିଜୟ ଖିଲଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସୁପରଭାଇଜର ଜଗନ୍ନାଥ ବିଶ୍ୱାସରାୟ, ସ୍ୱାସ୍ଥ୍ୟକର୍ମୀ ପାନୁ ଏଲ୍ ପ୍ରଧାନ ଓ ପ୍ରମିଳା ପାତ୍ର ପରିଚାଳନା କରିଥିଲେ। ଆଶାକର୍ମୀ ମଙ୍ଗୁଳି ହନ୍ତାଳ, ଜେମା ନାୟକ, ଡାଲିମା ଗୁଲେଲ, କୁନି ବିଷୋୟୀ, ମୋତି ଖିଲ ଓ ସୁନୀତା ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ସେବା ଯୋଜନାର ନୂତନ ଅଧିଗ୍ରହଣ ଉତ୍ସବ

ଲକ୍ଷ୍ମୀପୁର,୧୫।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଚଳିତ ବର୍ଷ ପାଇଁ ଏନ୍‌ଏସ୍‌ଏସ୍‌ର ନୂତନ ସ୍ୱେଚ୍ଛାସେବୀ ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ସେ ଏନ୍‌ଏସ୍‌ଏସ୍‌ର ଭୂମିକା ଓ ଏଥିରେ ପ୍ରତ୍ୟେକ ବ୍ୟକ୍ତି ଯୋଡ଼ି ହୋଇ ସମାଜ ଓ ଦେଶର ହିତ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଯୋଜନାର ସଂଯୋଜକ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ତଥା ଯୁକ୍ତ ଦୁଇ ଯୁବ ରେଡକ୍ରସ୍ କାଉନସିଲର ଯଶୋବନ୍ତ ଗରଡା ମଧ୍ୟ ବକ୍ତବ୍ୟ ରଖିଥିଲେ। ଏଠାରେ ଯୁକ୍ତ ତିନି ଯୁବ ରେଡକ୍ରସ କାଉନସିଲର ତଥା ଅଧ୍ୟାପିକା ସନ୍ତୋଷିନୀ ଦାସ, ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଙ୍କିତା ୱାଡେକା, ସଂଗୀତା ନାଗ, ଆସିଷ୍ଟାଣ୍ଟ ଲାଇବ୍ରେରିଆନ ଏନକେଶ୍ୱର୍ ଖରା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରମାକାନ୍ତ ଖରା ପରିଚାଳନା କରି ଥିବା ବେଳେ ଅଧ୍ୟାପିକା ମହିମା ରାଣୀ ରାଜୁ ସହଯୋଗ କରିଥିଲେ।

### ପୌର ପରିଷଦ ବୈଠକ

# କାଉନସିଲରଙ୍କୁ ଅଣଦେଖା ନେଇ ଅସନ୍ତୋଷ



ଜୟପୁର,୧୫।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ କାଉନ୍‌ସିଲର ମାନେ ସେମାନଙ୍କ ଅସନ୍ତୋଷ ପ୍ରକଟ କରିଥିଲେ। ପୌରସଂସ୍ଥା ପ୍ରଶାସନ, ଲୋକପ୍ରତିନିଧି ମାନଙ୍କୁ ଅଣଦେଖା କରୁଥିବା ବେଳେ ସେମାନଙ୍କ ଅଗୋଚରରେ ଉନ୍ନତିମୂଳକ କାର୍ଯ୍ୟ, ଭତ୍ତା ପ୍ରଦାନ, ଆବାସ ଯୋଜନା ପ୍ରଦାନ ପ୍ରଭୃତି ନିଷ୍ପତି ଗ୍ରହଣ କରୁଛନ୍ତି। ଫଳରେ କାଉନ୍‌ସିଲର ମାନେ ସେମାନଙ୍କ ୱାର୍ଡ ବାସିନ୍ଦାଙ୍କ ଅସନ୍ତୋଷର ଶୀକାର ହେଉଥିବାରୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟତଃ ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ କାଉନ୍‌ସିଲର ମାନଙ୍କୁ କୌଣସି ସୂଚନା ପ୍ରଦାନ କରାନଯାଇ ମନଇଚ୍ଛା ନିମ୍ନମାନର କାର୍ଯ୍ୟ କରାଯାଉଛି। ଏଥିରେ ମୁଖ୍ୟ ପୌର ଯନ୍ତ୍ରୀ ମାନେ ନିଜ ମନମୁତାବିକ କାର୍ଯ୍ୟ କରୁଛନ୍ତି ଏବଂ ତଦାରଖ କରୁନଥିବା ଯୋଗୁଁ ଅଧିକାଂଶ କାର୍ଯ୍ୟ ନିମ୍ନମାନର ଏବଂ ବୈଷୟିକ ସମସ୍ୟା ରହୁଛି। ତେଣୁ ବିଗତ ଦିନରେ ଡ୍ରେନ ଗୁଡିକରେ ଜଳନିଷ୍କାସନ ହୋଇ ନପାରି ସହରର ଅଧିକାଂଶ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା ବୋଲି ବୈଠକରେ ଅଭିଯୋଗ ସହ ଯନ୍ତ୍ରୀ ମାନଙ୍କ ଉପରେ ଏକପାଖିଆ ଚଢ଼ଉ କରିଥିଲେ। ବୈଠକରେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ପୌରସଂସ୍ଥା ପକ୍ଷରୁ କାଉନ୍‌ସିଲ ବୈଠକ ନିଷ୍ପତି ଅନୁଯାୟୀ କାର୍ଯ୍ୟ କରିବା ସହ ଉନ୍ନତୀମୂଳକ କାର୍ଯ୍ୟରେ କାଉନସିଲର ମାନଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଦ୍ୟୁତ ବିଭାଗ କାର୍ଯ୍ୟକଳାପକୁ ନେଇ ବିଧାୟକ ଶ୍ରୀ ବାହିନୀପତି, ଅଧ୍ୟକ୍ଷ ଶ୍ରୀ ମହାନ୍ତି ଏବଂ ଅନ୍ୟାନ୍ୟ କାଉନ୍‌ସିଲର ମାନେ ଅସନ୍ତୋଷ ପ୍ରକଟ କରିବା ସହ ସହରରେ କୌଣସି ଗୃହରେ ବିଦ୍ୟୁତ ବିତରକ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ସ୍ମାର୍ଟ ମିଟରକୁ ବାହାର କରିବା ସହ ଆଗାମୀ ଦିନରେ ସହରର କୌଣସି ଗୃହରେ ଉକ୍ତ ସ୍ମାର୍ଟ ମିଟର ସଂଲଗ୍ନ ନ କରିବାକୁ ତାଗିଦ କରିଥିଲେ। ବିଦ୍ୟୁତ୍ ବିଭାଗ ଗ୍ରାହକଙ୍କୁ ଠାରୁ ସେବା ନାମରେ ଟଙ୍କା ନେଉଥିଲେ ସୁଦ୍ଧା ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟ୍, ସହରର ବିଭିନ୍ନ ସାହି ଓ ବସ୍ତିରେ ବିଦ୍ୟୁତ ଖୁଣ୍ଟ ଗୁଡିକ ଭାଙ୍ଗି ଦୟନୀୟ ଅବସ୍ଥାରେ ରହିଥିବା ବେଳେ କିଛି ସ୍ଥାନରେ ରାସ୍ତା ମଧ୍ୟବର୍ତ୍ତୀରେ ରହିଛି। ତେଣୁ ତୁରନ୍ତ ସହରର ଦୟନୀୟରେ ରହିଥିବା ବିଦ୍ୟୁତ ଖୁଣ୍ଟ ପରିବର୍ତ୍ତନ ପାଇଁ ଉପସ୍ଥିତ ବିଦ୍ୟୁତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ମାନଙ୍କୁ ତାଗିଦ କରାଯାଇଥିଲା। ଏହିପରି ସହରର ଜୟନଗର ରାସ୍ତା ଏବଂ ଏମ.ଜି ରୋଡ ରାସ୍ତା ଦୀର୍ଘ ଦିନ ହେଲାଣି କାର୍ଯ୍ୟ ଶୁଭାରମ୍ଭ ହୋଇଥିଲେ ସୁଦ୍ଧା ଅଧପାନ୍ତିଆ ଭାବେ ପଡିରହିଛି। ତେଣୁ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ତାଗିଦ କରାଯାଇଥିଲା। କିନ୍ତୁ ବୈଠକରେ ଉପସ୍ଥିତ ଏହି ଦୁଇଟି ରାସ୍ତା ନିର୍ମାଣକାରୀ ସଂସ୍ଥାର ଯନ୍ତ୍ରୀ ମାନେ ରାସ୍ତା ପ୍ରଶସ୍ତିକରଣ ପାଇଁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରିତ ହୋଇପାରୁ ନଥିବା ଯୋଗୁଁ ରାସ୍ତା ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଥିଲେ। ଏହିପରି ମୁଖ୍ୟତଃ ଜୟନଗର ରାସ୍ତାରେ ବିଦ୍ୟୁତ ବିଭାଗର ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରିତ, ଜଙ୍ଗଲ ବିଭାଗର ଆବଶ୍ୟକ ଗଛ କାଟିବା, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ପାଇପ ଲାଇନ ସ୍ଥାନାନ୍ତରିତ ଏବଂ ପରିବର୍ତ୍ତନର ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଜମି ଜବରଦଖଲ ଉଚ୍ଛେଦ କରାଯାଇନଥିବା ଯୋଗୁଁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ତେଣୁ ସମସ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ସମସ୍ୟାର ସମାଧାନ କରାଗଲେ ରାସ୍ତା ନିର୍ମାଣ ଶୀଘ୍ର ହୋଇପାରିବ। ତେଣୁ ତୁରନ୍ତ ବିଭାଗ ଗୁଡିକ ପକ୍ଷରୁ ପଦକ୍ଷପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ରହିଥିବା ପୌରସଂସ୍ଥାର ଦୋକାନ ଗୃହ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ରହିଛି। ନିୟମ ଅନୁଯାୟୀ ଜଣେ ବ୍ୟକ୍ତି କିମ୍ବା ପରିବାର ସଦସ୍ୟ ମାନଙ୍କ ନାମରେ ଗୋଟିଏ ଷ୍ଟଲ ରହିବା ନେଇ କାଉନସିଲ ବୈଠକରେ ପୂର୍ବରୁ ବାରମ୍ବାର ନିଷ୍ପତି ହୋଇଛି। ତେଣୁ ତୁରନ୍ତ ଏକାଧିକ ଷ୍ଟଲ ରହିଥିବା ବ୍ୟକ୍ତି ଏବଂ ତାଙ୍କ ପରିବାରକୁ ଠାବ କରାଯାଇ ଏକ ସୂଚି ପ୍ରଦାନ କରିବାକୁ ପୌରସଂସ୍ଥାର କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ପୌରସଂସ୍ଥାର ଏକରୁ ଅଧିକ ରହିଥିବା ଷ୍ଟଲ ଗୁଡିକକୁ ପୁନଃର୍ବାର ପୌରସଂସ୍ଥା ପକ୍ଷରୁ ଫେରାଇ ନିଆଯାଇ ଟେଣ୍ଡର ମାଧ୍ୟମରେ ପ୍ରଦାନ କରିବାକୁ ନିଷ୍ପତି ହୋଇଛି। ଗାନ୍ଧୀ ଛକରେ ସୌନ୍ଦର୍ଯ୍ୟକରଣ, ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପରିବା ବିକାଳିଙ୍କ ପାଇଁ ଭେଣ୍ଡିଂ ଜୋନ ଏବଂ ଗତ ମେ ୨୨ ତାରିଖରେ ଅନୁଷ୍ଠିତ ହୋଇଥିବା ପରିଷଦ ବୈଠକ ଅନୁଯାୟୀ ୧୮ ଟି ଗ୍ରହଣ କରାଯାଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କିନ୍ତୁ ସମସ୍ତ ପ୍ରସ୍ତାବକୁ ନେଇ କାଉନସିଲରମାନେ ଅସନ୍ତୋଷ ପ୍ରକୋଟ କରିଥିଲେ। ବୈଠକରେ ଲୋକପ୍ରତିନିଧି ଏବଂ ପୌର ପ୍ରଶାସନ ମଧ୍ୟରେ ତିକ୍ତତା ରହିଥିବା ନେଇ ସ୍ପଷ୍ଟ ହୋଇଛି। ୨୦ ନମ୍ବର ୱାର୍ଡର ମହିଳା କାଉନ୍‌ସିଲର ଶଶୀରେଖା ପରଜା ନିଜ ୱାର୍ଡରେ ରହୁଥିବା ସାମୂହିକ ଶୌଚାଳୟ ନିର୍ମାଣ , ଭଗବତୀ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟ ନିର୍ମାଣ ନେଇ ବାରମ୍ବାର ଲିଖିତ ଭାବେ ଦାବି କରିଥିଲେ ସୁଦ୍ଧା ପୌରସଂସ୍ଥାର ଉନ୍ନୟନ ବିଭାଗ ଏହାକୁ ବେଖାତିରି କରୁଛନ୍ତି। ଅନ୍ୟାନ୍ୟ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସମାଧାନ ହେଉନାହିଁ ବୋଲି ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏଥିନେଇ ବିଧାୟକ ଶ୍ରୀ ବାହିନୀପତି ଏବଂ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଉପସ୍ଥିତ ପୌର ଯନ୍ତ୍ରୀ ଅଜୟ କୁମାର ଜାନୀଙ୍କୁ ତୁରନ୍ତ ଏକ ଖର୍ଚ୍ଚ ଅଟକଳ କରାଯାଇ ଆସନ୍ତା ୩ ଦିନ ମଧ୍ୟରେ ଟେଣ୍ଡର ଆହ୍ୱାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ଉପାଧ୍ୟକ୍ଷା ବି.ସୁନିତା, ସାଂସଦ ପ୍ରତିନିଧି ହାସାନ ମଦାନୀ, କାଉନସିଲର ଯଶପାଲ ସିଂ, ସୀମାଞ୍ଚଳ ବିଶୋୟୀ, ଗୋପୀନାଥ ମହାନ୍ତି, ପାର୍ଥ ସାରଥୀ ମଲ୍ଲିକ, ଅଜିତ ବେହେରା, ମଧୁସ୍ମିତା ଓରାନ, ପି.ପଦ୍ମାବତୀ, ପ୍ରତିତି ଗୌଡ, ଦେବରାଜ ଚୌଧୁରୀ, ଏନ. ଲକ୍ଷ୍ମୀ ନାରାୟଣ, ରବିନ୍ଦ୍ର ସାହୁ, ଉଷାରାଣୀ ଦଣ୍ଡସେନା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କାଉନସିଲ, ବିଭାଗିୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ ଖାତିର କରୁନି ଓଡ଼ିଶା ପୁଲିସ

# ତିନି ଡଜନ୍ ଥାନାରେ ନାହିଁ ସିସିଟିଭି

ଭୁବନେଶ୍ୱର,୧୫।୯(ସମିସ): ଭରତପୁର ଥାନାରେ ଜଣେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଅସଦାଚରଣ ଘଟଣା ସାରା ଦେଶରେ ଓଡ଼ିଶା ପୁଲିସକୁ ନିନ୍ଦିତ କରିଥିଲା। ଏହି ଘଟଣା ପରେ ସବୁ ଥାନାରେ ସିସିଟିଭି ଲଗାଇବା ସହ ଏହାକୁ ଉଚ୍ଚ ଅଧିକାରୀ ମନିଟରିଂ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ବର୍ଷାଧିକ କାଳ ବିତିଥିଲେ ବି ଅନେକ ତିନି ଡ଼ଜନ ଥାନାରେ ସିସିଟିଭି ଲାଗିନାହିଁ ଓ ତିନି ଶହ ଥାନାରେ ଲାଗିଥିବା ସିସିଟିଭି ମନିଟରିଂ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ସମୟରେ ଥାନାରେ ସିସିଟିଭି ଲଗାଇବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିବା ଅନେକ ଗୁରୁତ୍ୱବହନ କରିଛି । ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ପୁଲିସ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଛି ।

ଭରତପୁର ଘଟଣା ପରେ ପୁଲିସ ଆଧୁନିକୀରଣ ଏଡିଜି ଦୟାଲ ଗଙ୍ଗୱାର କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରାଜ୍ୟର ୫୨ଟି ଥାନାରେ ସିସିଟିଭି ଲଗାଯାଇ ନ ଥିବା ଦର୍ଶାଇଥିଲେ। ଅନୁରୂପ ଭାବରେ ୨୦୨୪ ସେପ୍ଟେମ୍ବର ୨୪ ସୁଦ୍ଧା ୪୫୬ ଥାନାରେ ୨ହଜାର ୨୬୬ ସିସିଟିଭି ବିଭିନ୍ନ କାରଣ ପାଇଁ କାର୍ଯ୍ୟକ୍ଷମ ନ ଥିବା ମଧ୍ୟ ସତ୍ୟପାଠରେ ସେ ଉଲ୍ଲେଖ କରିଥିଲେ। ମାତ୍ର ଇତିମଧ୍ୟରେ ବର୍ଷଟିଏ ବିତିଥିଲେ ବି ରାଜ୍ୟର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ଏବେ ବି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଥାନାରେ ସିସିଟିଭି ଲଗାଇବା ଏବଂ ମେଣ୍ଟେନାନ୍ସ କରିବା କାମ

- ମନିଟରିଂ ହେଉନି ଥାନାରେ ଲାଗିଥିବା ସିସିଟିଭିର
- ଉଚ୍ଚ ଅଧିକାରୀ ତଦାରଖ କରୁନଥିବାରୁ ରହୁନି ଭୟ
- ଚିଠି ପରେ ହେଉନି ମରାମତି ହେଉନି ଖରାପ ସିସିଟିଭି

ଓକାକ୍ ନେଇଛି। ହେଲେ ଓକାକ୍ ନିଜେ ଏହି କାମ ନ କରି ତୃତୀୟପକ୍ଷକୁ କାମ କରିବାକୁ ଲିଜ୍ ଦେଇଛି। ମାତ୍ର ସମ୍ପୃକ୍ତ ସଂସ୍ଥା ତା କାମ ଠିକ୍ କରୁଛି କି ନାହିଁ ତାହାର ଯାଞ୍ଚ କରାଯାଉ ନାହିଁ।

ଥାନାରେ ସିସିଟିଭି ନ ଥିବାରୁ ଓ ସ୍ଥଳ ବିଶେଷରେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପୁଲିସର ଭୂମିକା ଉପରେ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଥାନାରେ ଅଟକଙ୍କୁ ନିର୍ଯାତନା, ହାଜତ ମୃତ୍ୟୁ ଘଟଣାରେ ବାସ୍ତବ ତଥ୍ୟ ମିଳି ପାରୁନାହିଁ। ସେହିପରି ଥାନା ପରିସରରୁ ଚୋରି ଓ ଥାନାରୁ ଅପରାଧୀ ଫେରାର ଘଟଣା ସମ୍ପର୍କରେ ମଧ୍ୟ ସତ୍ୟ ସ୍ପଷ୍ଟ ହେଉ ନାହିଁ। ରାଜ୍ୟ ତ ଦୂରର କଥା ରାଜଧାନୀ ଭୁବନେଶ୍ୱର ଏବଂ କଟକର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ଅର୍ଦ୍ଧାଧିକ ଅଚଳ ଥିବା କୁହାଯାଉଛି। ଥାନା ଅଧିକାରୀ ଏନେଇ ବାରମ୍ବାର ଓକାକ୍‌କୁ ଚିଠି ଲେଖିଲେ ମଧ୍ୟ ତାହା ଠିକ୍ କରାଯାଉନଥିବା ଅଭିଯୋଗ କରାଯାଉଛି।

ଅପରପକ୍ଷରେ ସାମୁଦ୍ରିକ ଥାନାଗୁଡ଼ିକରେ ସିସିଟିଭି ଅଚଳ ଥିବା ମଧ୍ୟ ଅଭିଯୋଗ ହେଉଛି। ମେରାଇନ୍ ଥାନାଗୁଡ଼ିକ ସମୁଦ୍ର ନିକଟରେ ହୋଇଥିବାରୁ ଲୁଣା ପବନରେ ଏହା ନଷ୍ଟ ହୋଇ ଯାଉଥିବା କୁହାଯାଉଛି ଓ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ବିଭିନ୍ନ ଥାନାରେ ଲୋକଙ୍କ କଥା ବୁଝୁଥିବା ଜଣେ ବ୍ୟକ୍ତିଙ୍କୁ ବଡ଼ି କ୍ୟାମେରା ଦିଆଯାଇଛି। ହେଲେ ଏହି କ୍ୟାମେରାର ତଥ୍ୟକୁ ନେଇ ମଧ୍ୟ ଅନେକ ସମୟରେ ବିବାଦ ସୃଷ୍ଟି ହୋଇଛି ।

### ୧୬୮୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଭଲ କାମ କର: ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୧୫।୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୭ଟି ବିଭାଗର ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ନିଯୁକ୍ତି। ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଏକାଦଶ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆପଣମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା। ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୦ ଜଣ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ■ ପୁରୀ ପୁଲିସର ସ୍ୱତନ୍ତ୍ର ଅଭିଯାନ

# ୭୦ ଖଣ୍ଡା, ଭୁଜାଲି ଜବତ



ପୁରୀ,୧୫।୯(ସମିସ): ପାର୍ବଣ ପୂର୍ବରୁ ଆକ୍ସନ୍ ମୋଡ୍‌କୁ ଆସିଛି ପୁରୀ ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ସବ୍-ଡିଭିଜନ୍‌ର ସମସ୍ତ ଥାନାଧିକାରୀ ପରିଚିତ ଅସାମାଜିକ ବ୍ୟକ୍ତି, ବିଭିନ୍ନ କ୍ଲବ୍, ଧାରୁଆ ଅସ୍ତ୍ର ତିଆରି ଓ ବିକ୍ରୟ କେନ୍ଦ୍ର ଆଦିରେ ଚଡ଼ଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏହି ବିଶେଷ ଅଭିଯାନରେ ପୁରୀ ପୁଲିସ୍ ମୋଟ ୭୦ଟି ଧାରୁଆ ଅସ୍ତ୍ର ଜବତ କରିଛି। ସେଥିରେ ୧୦ଟି ବଡ଼ ଖଣ୍ଡା, ୪ଟି ତେଲେଙ୍ଗା କଟୁରୀ, ୧୦ଟି ଭୁଜାଲି ଏବଂ ଅବଶିଷ୍ଟ ସବୁ କାତି ରହିଛି। ଏହି ଅଭିଯାନ ସମୟରେ ଦୁଇଜଣ ଅସାମାଜିକଙ୍କୁ ତଲୱାର ସହିତ ଧରାଯାଇଛି। ଏ ନେଇ କୁମ୍ଭାରପଡ଼ା ଏବଂ ସମୁଦ୍ରକୂଳ ଥାନାରେ ୨ଟି ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଆଜି ଟାଉନ୍ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, ବଳିଆପଣ୍ଡା ଥାନା ଅଧିକାରୀ ସଙ୍ଗୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବଲାଙ୍ଗିରରେ ଲଜ୍ଜା

# ମହିଳାଙ୍କୁ ବିଜେପି ନେତାଙ୍କ ଦୁଷ୍କର୍ମ !

କଣ୍ଟାବାଞ୍ଜି,୧୫।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିଜେପିର ଜଣେ ଯୁବନେତା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି। ଏନେଇ ମହିଳାଜଣଙ୍କ ଅଭିଯୋଗ କରିବାରୁ ପୁଲିସ ବିଜେପି ନେତା ଚିଣ୍ଟୁ ଅଗ୍ରୱାଲଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଥାନାରେ ମାମଲା ରୁଜୁ**

ପୁଲିସ୍ ସୂଚନାନୁସାରେ, ମହିଳାଜଣଙ୍କ ତାଙ୍କ ପ୍ରେମିକ ସହ ସହରରେ ଏକ ଭଡ଼ା ଘରେ ରହୁଛନ୍ତି। ମହିଳାଙ୍କ ପ୍ରେମିକ ସହ ଚିଣ୍ଟୁଙ୍କର ଭଲ ବନ୍ଧୁତା ଥିଲା। ଏଥିଯୋଗୁଁ ଚିଣ୍ଟୁ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଗତ ୧୩ ତାରିଖ ରାତି ପ୍ରାୟ ୭ଟାରେ ଚିଣ୍ଟୁ ତାଙ୍କ ଘରକୁ ଯାଇଥିଲେ। ତେବେ ସେଠାରେ ମହିଳାଜଣଙ୍କ ଏକୁଟିଆ ଥିବା ସୁଯୋଗରେ ଚିଣ୍ଟୁ ତାଙ୍କୁ ଦୁଷ୍କର୍ମ କରିଥିଲା। ଏହାସହ ଘଟଣା ସମ୍ପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମହିଳାଜଣଙ୍କ ଏ ସଂପର୍କରେ ତାଙ୍କ ପ୍ରେମିକଙ୍କୁ ଜଣାଇବା ପରେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସେପଟେ, ମାମଲା ରୁଜୁ ପରେ ଅଭିଯୁକ୍ତ ଚିଣ୍ଟୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଚିଣ୍ଟୁ ବିଜେପିର ଅନେକ ରାଜନେତାଙ୍କ ନିକଟତମ ଲୋକ। ଅନ୍ୟପକ୍ଷରେ, ଚିଣ୍ଟୁଙ୍କୁ ତୁରନ୍ତ ଗିରଫ କରାନଗଲେ, କଣ୍ଟାବାଞ୍ଜି ଥାନା ଘେରଉ କରାଯିବ ବୋଲି ବିଜେଡି ନେତା ଗିରିରାଜ ସିଂ ମାଝୀ ଚେତାବନୀ ଦେଇଛନ୍ତି।

### ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

# ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର, ୧୫।୯ (ସମିସ): ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର.ଏସ୍ ଗୋପାଳନ ଏକ ବୈଠକ କରିଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବୈଠକରେ ସିଇଓ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ, ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର୍ ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା।

### ■ ସିବିଏସ୍‌ଇର ନୂତନ ମାର୍ଗଦର୍ଶିକା

# ଦୁଇ ବର୍ଷିଆ ହେବ ଦଶମ ଓ ଦ୍ୱାଦଶ ପାଠ୍ୟକ୍ରମ

ଭୁବନେଶ୍ୱର, ୧୫।୯(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏଣିକି ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ଦୁଇ ବର୍ଷିଆ ପାଠ୍ୟକ୍ରମ ଭାବେ ବିଚାର କରାଯିବ। ଅର୍ଥାତ୍ ଦଶମ ପରୀକ୍ଷା ପାଇଁ ନବମ ଏବଂ ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ଶ୍ରେଣୀ ନିୟମିତ ଭାବେ ପଢ଼ିବାକୁ ହେବ। ଅନ୍ୟଥା ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ଯୋଗ୍ୟ ବିବେଚିତ ହେବେନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟରେ ୭୫ ପ୍ରତିଶତ ଉପସ୍ଥାନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ଥିବା ବା ନିୟମିତ ଭାବେ ବିଦ୍ୟାଳୟକୁ ଆସିବେ ନାହିଁ, ସେମାନଙ୍କର ଇଣ୍ଟରନାଲ୍ ଆସେସମେଣ୍ଟ କରାଯିବ ନାହିଁ। ଇଣ୍ଟରନାଲ୍ ଆସେସମେଣ୍ଟ ହୋଇ ନ ପାରିଲେ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ସେମାନେ ନିୟମିତ ଛାତ୍ରଛାତ୍ରୀ ହୋଇଥିଲେ ମଧ୍ୟ 'ଏସେନସିଆଲ୍ ରିପିଟ୍ କାଟେଗୋରୀ' ଅନ୍ତର୍ଭୁକ୍ତ ହେବେ।

ଅନୁରୂପ ଭାବେ ଛାତ୍ରଛାତ୍ରୀମାନେ ଅତିରିକ୍ତ ବିଷୟ ନେଇ ପାଠ ପଢ଼ିବେ। ଦଶମ ଶ୍ରେଣୀରେ ଦୁଇଟି ଏବଂ ଦ୍ୱାଦଶରେ ଗୋଟିଏ ଅତିରିକ୍ତ ବିଷୟ ରହିବ। ବାଧ୍ୟତାମୂଳକ ପାଠ୍ୟକ୍ରମ ସହିତ ଅତିରିକ୍ତ ବିଷୟ ପଢ଼ାଯିବ। ଏହି ବିଷୟଗୁଡ଼ିକ ମଧ୍ୟ ଦୁଇ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହେବ। ସିବିଏସ୍‌ଇ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଶିକ୍ଷକ ଓ ଲାବ୍ ଉପଲବ୍ଧ ନ ଥିଲେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟ ପ୍ରଦାନ କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଏହାକୁ କଡ଼ାକଡ଼ି ବାବେ ପାଳନ କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲଗୁଡ଼ିକୁ କୁହାଯାଇଛି।

# ଗାଡ଼ି ଚଳାଇବା ବେଳେ ରିଲ୍ସ କଲେ ଆର୍‌ସି, ଡିଏଲ ବାତିଲ

କଟକ, ୧୫।୯ (ସମିସ): ଗାଡ଼ି ଚଳାଇବା ବେଳେ ଚାଳକ ମୋବାଇଲ୍‌ରେ ରିଲ୍ସ କିମ୍ବା ଭିଡିଓ କଲେ, ଗାଡ଼ିର ରେଜିଷ୍ଟ୍ରେସନ୍ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ଅନେକ ସମୟରେ ଗାଡ଼ି ଚଳାଇବା ବେଳେ ଚାଳକମାନେ ଅତି ବିପଦପୂର୍ଣ୍ଣ ଭାବେ ରିଲ୍ସ, ଭିଡିଓ ଆଦି ମୋବାଇଲରେ ଉତ୍ତୋଳନ କରୁଥିବା ପରିଲକ୍ଷିତ ହେଉଛି। ଏଭଳି ଗାଡ଼ି ଚାଳନା ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିବହନ ବିଭାଗ ଚେତାଇ ଦେଇଛି। ଏଥିସହ ରିଲ୍ସ ବା ଭିଡିଓ କରିବା ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ନେଇ କେତେକ ସ୍ଥାନରେ ଗାଡ଼ି ଜବତ ହୋଇଛି। ଜରିମାନା ସହ ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜୀକରଣ ସାର୍ଟିଫିକେଟ୍‌କୁ ନିଲମ୍ବନ କରାଯିବ ବୋଲି କୁହାଯାଇଛି।

- ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ
- ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ି ଜବତ

ରିଲ୍ସ ତଥା ସୋସିଆଲ ମିଡିଆ ଭିୟୁ ପାଇଁ ଯୁବପିଢ଼ି ବିପଦପୂର୍ଣ୍ଣ ଗାଡ଼ି ଚଳାଉଥିବାର ଭିଡିଓ ନିୟମିତ ଭାବରେ ସାମ୍ନାକୁ ଆସୁଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ବି ଘଟୁଛି। କେବଳ ଉକ୍ତ ଗାଡ଼ି ଚାଳକ ନୁହେଁ, ଏହା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ବିପଦର କାରଣ ପାଲଟୁଛି। ନିୟମ ଉଲ୍ଲଙ୍ଘନର ଏଭଳି ଦୃଶ୍ୟ ଉପରେ ନିୟନ୍ତ୍ରଣ ପାଇଁ ରାସ୍ତାରେ ଏନଫୋର୍ସମେଣ୍ଟ ସହ ସୋସିଆଲ ମିଡିଆ ଉପରେ ମଧ୍ୟ ଏଭଳି ଘଟଣା ଉପରେ ଦୃଷ୍ଟି ରଖିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ରାସ୍ତାରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଏ ସଂପର୍କରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ତ୍ୱରିତ ପଦକ୍ଷେପ ସ୍ୱରୂପ, କୋରାପୁଟ ଜିଲ୍ଲା ଜୟପୁର ଉପକଣ୍ଠ ବାରିଣିପୁଟଠାରେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଦୋକାନ ଉପରେ ମାଡ଼ିଯିବା ଏବଂ ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗାଡ଼ିକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ପୁଲିସ ଅଟକ ରଖିଛି।

ସେହିଭଳି, ଖୋର୍ଦ୍ଧା ଜିଲ୍ଲା ହଳଦିଆର ଏକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଳନ୍ତା ଚାରିଚକିଆ ଗାଡ଼ିରେ ଡ୍ରାଇଭର ଷ୍ଟିଅରିଂ ଛାଡ଼ି ରିଲ୍ସ କରୁଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ ପୁଲିସ, ଜଗତସିଂହପୁର ଓ ଭୁବନେଶ୍ୱର-୧ ଆରଟିଓଙ୍କ ସହଯୋଗରେ ଗାଡ଼ିକୁ ଜବତ କରିଛନ୍ତି। ଭୁବନେଶ୍ୱରରେ ଏକ ବାଇକରେ ଯୁବକ-ଯୁବତୀଙ୍କ ବିପଦପୂର୍ଣ୍ଣ ଗାଡ଼ି ଚାଳନାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ମଧ୍ୟରେ ଭୁବନେଶ୍ୱର-୨ ଆରଟିଓ ଗାଡ଼ି ଅଟକ ରଖିଥିବା ବେଳେ ଜରିମାନା, ଲାଇସେନ୍ସ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପୁରୀରେ ମଧ୍ୟ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଘଟଣାରେ ଗାଡ଼ିକୁ ଅଟକ ରଖି ଜରିମାନା କରାଯାଇଛି।

### ■ ୧୭ ତାରିଖରେ ବିଦ୍ୟାଳୟ ସମୟ ପରିବର୍ତ୍ତନ

# ଅପରାହ୍ଣରେ ମିଳିବ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୧୫।୯(ସମିସ): ଆସନ୍ତା ୧୭ ତାରିଖରେ ଛାତ୍ରଛାତ୍ରୀମାନେ ରାଜ୍ୟସାରା ଚାରା ରୋପଣ କରିବେ। ଏଥିପାଇଁ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରାଯାଇଛି। ସକାଳ ୧୦ ପରିବର୍ତ୍ତେ ୭ଟା ରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିବେ। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଅପରାହ୍ଣ ସାଢ଼େ ୧ଟାରେ ବିଦ୍ୟାଳୟ ଛୁଟି ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନେଇ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।

ଛାତ୍ରଛାତ୍ରୀମାନେ ସକାଳ ୭ରୁ ବିଦ୍ୟାଳୟକୁ ଯାଇ ସାଢ଼େ ୧ରେ ଆସିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ଡିଇଓମାନେ ମଧ୍ୟ ପ୍ରସ୍ତୁତି କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଚାରା ରୋପଣ କରିସାରବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବୁ ସରିବା ପରେ ମଧ୍ୟାହ୍ନ ଭୋଜନ ଦେଇ ପିଲାଙ୍କୁ ଛୁଟି କରିବାକୁ ବିଦ୍ୟାଳୟଗୁଡ଼ିକୁ କୁହାଯାଇଛି। ହେଲେ ସକାଳୁ ବିଦ୍ୟାଳୟକୁ ଯାଇଥିବା ଛାତ୍ରଛାତ୍ରୀମାନେ ଅପରାହ୍ଣ ଯାଏଁ କିପରି ଭୋକ ଉପାସରେ ରହିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। କେବଳ ଗଛ ଲଗାଇବା ପାଇଁ ପିଲାମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପାସରେ ରଖିବାକୁ ନାପସନ୍ଦ କରିଛନ୍ତି। ସକାଳୁଆ ସ୍କୁଲ ସମୟରେ ପିଲାମାନଙ୍କୁ ୧୦ଟା ସୁଦ୍ଧା ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିଲା, ମାତ୍ର ସକାଳୁ ଆସୁଥିବା ସାନସାନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବା ନିମନ୍ତେ ଅପରାହ୍ନ ସାଢ଼େ ଗୋଟାଏ ଯାଏ ଅଟକାଇ ରଖିବାକୁ ଅଭିଭାବକମାନେ ସମାଲୋଚନା କରିଛନ୍ତି । ଯେଉଁ ଅଧିକାରୀ ଏହି ଚିଠି ସ୍କୁଲକୁ ପଠାଇଛନ୍ତି ସେ ତାଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢ଼ାନ୍ତି କି ଓ ଅପରାହ୍ନ ପର୍ଯ୍ୟନ୍ତ ପିଲାଙ୍କୁ ଖାଲି ପେଟରେ ରଖନ୍ତି କି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ।

### ସାର ପାଇଁ ପ୍ରବଳ ଉତ୍ତେଜନା

# ରାତି ୪ରୁ ଅପେକ୍ଷା କରି ବି ପାଇଲେନି

ଛେଣ୍ଡିପଦା, ୧୫।୯(ସମିସ): ସାରା ରାଜ୍ୟରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ବେଶ୍ ଆବଶ୍ୟକତା ରହିଛି। ହେଲେ ରାଜ୍ୟରେ ବର୍ତ୍ତମାନ ସାରର ଉତ୍କଟ ଅଭାବ ସମସ୍ୟା ଦେଖିବାକୁ ମିଳିଛି। ଏପରିକି, କଳାବଜାରରେ ୟୁରିଆ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀମାନେ ୨୭୦ ଟଙ୍କାର ୟୁରିଆ ପ୍ୟାକେଟ୍‌କୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସରକାର ପାକ୍ସଗୁଡ଼ିକୁ ଯୋଗାଇ ଦେଉଥିବା ୟୁରିଆ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପାକ୍ସକୁ ସାର ଆସିଲେ ଶହଶହ ଚାଷୀଙ୍କ ଭିଡ଼ ଜମୁଛି। ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

**ବର୍ଷାରେ ୨ଘଣ୍ଟା ଭିଜିଲେ ଚାଷୀ**

ଅନୁଗୋଳ ଜିଲ୍ଲା ବାଗଡ଼ିଆ ସେବା ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାର ହେବା କ୍ଷଣି ସୋମବାର ଭୋର୍ ୪ଟାରୁ ଏଠାରେ ଚାଷୀଙ୍କ ଭିଡ଼ ଜମିଥିଲା। ଚାଷୀମାନେ ଧାଡ଼ିରେ ଆଧାରକାର୍ଡ ରଖି ସାର ପାଇଁ ଅପେକ୍ଷା କରିଥିଲେ। ତେବେ ବାଗଡ଼ିଆ ସମବାୟ ସମିତିକୁ ୭ଶହ ବସ୍ତା ସାର ଆସିଥିବା ବେଳେ ପ୍ରାୟ



୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ଉପସ୍ଥିତିରେ ସାର ବିକ୍ରି ହୋଇଥିଲା। କିନ୍ତୁ ବିକ୍ରି ବେଳେ ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଚାଷୀ ପ୍ରାୟ ୧୦ ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ସାର ନ ପାଇ ନିରାଶରେ ଫେରିଛନ୍ତି। ଏପରିକି, ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ବର୍ଷାରେ ଭିଜିଭିଜି ଅପେକ୍ଷା କରିଥିଲେ। ଉତ୍ତେଜନା ପରେ ବାଗଡ଼ିଆ ଥାନା ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ସାର ବିକ୍ରି ବନ୍ଦ କରି ଦିଆଯାଇଥିଲା।

### ■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଏମିତି...

# ଚେୟାରରେ ରୋଗୀଙ୍କୁ ସାଲାଇନ୍

ମାଲକାନଗିରି, ୧୫।୯(ସମିସ): ଚେୟାର୍‌ରେ ବସି ସାଲାଇନ୍ ନେଉଛନ୍ତି ରୋଗୀ; ଅଭିଭାବକ ଧରିଛନ୍ତି ସାଲାଇନ୍ ବୋତଲ। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଏଭଳି ଏକ ବିକଳ ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରୋଗୀଙ୍କ ପାଇଁ ହସ୍ପିଟାଲରେ ଯଥେଷ୍ଟ ପରିମାଣର ଶଯ୍ୟା ନଥିବାରୁ ଏପରି ସ୍ଥିତି ଉପୁଜିଥିବା କୁହାଯାଉଛି। ଉକ୍ତ ଭିଡିଓରେ ଜଣେ ରୋଗୀ ଚେୟାର ଉପରେ ବସିଥିବା ବେଳେ ତାଙ୍କ ହାତରେ ସାଲାଇନ୍ ଲାଗିଛି। ଖାଲି ସେତିକି ନୁହେଁ, ସାଲାଇନକୁ ରଖିବା ପାଇଁ ଉପଯୁକ୍ତ



ଷ୍ଟାଣ୍ଡ ନଥିବାରୁ ରୋଗୀଙ୍କ ସମ୍ପର୍କୀୟ ତାହାକୁ ହାତରେ ଧରି ଛିଡ଼ା ହୋଇଛନ୍ତି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି

**ବୋତଲ ଧରିଲେ ଅଭିଭାବକ**

ଯେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିକିତ୍ସାଳୟ ଉପରେ ଚାପ ବଢ଼ୁଛି। ପ୍ରତିଦିନ କ୍ଷମତାଠାରୁ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ନଥିବାରୁ ଏଭଳି ଅଭାବନୀୟ ସ୍ଥିତି ଘଟିଥାଇପାରେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିପାରନ୍ତି। ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୦୮ - ଜେନେରାଲ ମୋଟର୍ସର ସ୍ଥାପନା।
- ୧୯୫୬- ଅଷ୍ଟ୍ରେଲିଆରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୫- ପାପୁଆ ନ୍ୟୁଗିନି ଅଷ୍ଟ୍ରେଲିଆରୁ ସ୍ୱାଧୀନ ହେଲା।
- ୧୯୭୮ - ଜେନେରାଲ୍ ଜିଆ ଉଲ୍ ହକ୍ ପାକିସ୍ତାନର ରାଷ୍ଟ୍ରପତି ହେଲେ।

## ବିଶ୍ୱ ଓଜୋନ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖକୁ "ବିଶ୍ୱ ଓଜୋନ ଦିବସ" ଭାବରେ ପାଳନ କରାଯାଇଥାଏ। ଲୋକଙ୍କ ମଧ୍ୟରେ ଓଜୋନସ୍ତରକୁ ନେଇ ସଚେତନତା ସୃଷ୍ଟି କରିବା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଓଜୋନ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର) ମଧ୍ୟରେ ରହିଛି। ପୃଥିବୀ ପୃଷ୍ଠରେ ଏହାର ପରିମାଣ ଖୁବ୍ କମ୍। ବାୟୁମଣ୍ଡଳର ୯୦ ପ୍ରତିଶତ ଓଜୋନ ଷ୍ଟ୍ରାଟୋସ୍ଫିୟରରେ ହିଁ ରହିଛି। ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ପ୍ରଭାବରୁ ଆମକୁ ରକ୍ଷା କରେ। ଏହା ବାୟୁମଣ୍ଡଳର ନିମ୍ନସ୍ତରରେ ରହି ବାୟୁମଣ୍ଡଳକୁ ବିଷାକ୍ତ କଣିକା ଦୂର କରିବାରେ ସାହାଯ୍ୟ କରେ। ଯଦି ଓଜୋନସ୍ତର ନ ଥାନ୍ତା ତେବେ ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ନ୍ତା। ମଣିଷଙ୍କଠାରୁ ଆରମ୍ଭ କରି, ଜୀବଜନ୍ତୁ, ଗଛଲତା ସମସ୍ତଙ୍କ ପାଇଁ ଖୁବ୍ ହାନିକାରକ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି। ସୂର୍ଯ୍ୟଙ୍କ ଏହି ରଶ୍ମିରୁ ଆମ ବାୟୁମଣ୍ଡଳକୁ ସୁରକ୍ଷା ଦେବା ପାଇଁ ଏହି ଓଜୋନସ୍ତରର ସଂରକ୍ଷଣ କରିବା ନିହାତି ଜରୁରି। ନଚେତ ପୃଥିବୀ ଯେ ଦିନେ ଜୀବଶୂନ୍ୟ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣୀ-ଖ' (ୟୁଭି-ବି)। ଏହି ବିକିରଣ ଆମ ଶରୀରରେ ବିଶେଷକରି ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ଛାନି ପରି ରୋଗ ସୃଷ୍ଟି କରିପାରେ। ଏହି ବିକିରଣ କୃଷି ଉତ୍ପାଦନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟକିରଣରେ ଏହି ଅତିବାଇଗଣୀ ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ। ଅତିବାଇଗଣୀ କିରଣ ଦ୍ୱାରା ରଙ୍ଗ, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେରେ ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା। ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମା ସାକ୍ଷରିତ ହୋଇଥିଲା। ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନସ୍ତରକୁ କ୍ଷୀଣ ବା ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମ୍ପୂର୍ଣ୍ଣ ଉପାୟରେ ବନ୍ଦ କରିବା, ଯଦ୍ୱାରା ଓଜୋନସ୍ତରକୁ ସଂରକ୍ଷଣ କରାଯାଇପାରିବ। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତରାଷ୍ଟ୍ରୀୟ ଓଜୋନସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା। ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନସ୍ତରରେ ଦେଖାଦେଉଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା। ତଥାପି ଏହି ଓଜୋନସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରାଯାଏ। ଓଜୋନସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର। ଓଜୋନସ୍ତରକୁ ସୁରକ୍ଷିତ କରି ରଖିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

## ଗୋଟିଏ ରେଳ ଷ୍ଟେସନର ଦେଶ



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ୟୁରୋପରେ ଏମିତି ଏକ ଦେଶ ଅଛି ଯେଉଁଠି ମାତ୍ର ଗୋଟିଏ ରେଳ ଷ୍ଟେସନ ରହିଛି। ଏହି ଦେଶର ନାଁ ହେଉଛି ମୋନାକୋ। ଏହା ଧନୀମାନଙ୍କ ରାଜଧାନୀ ଭାବେ ଜଣାଶୁଣା। ଫ୍ରାନ୍ସ ନିକଟରେ ଅବସ୍ଥିତ ମୋନାକୋ ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପାଖାପାଖି ୪୦ ହଜାର ଲୋକ ବାସ କରନ୍ତି। ତେବେ ମୋନାକୋରେ ଥିବା ଏକମାତ୍ର ରେଳ ଷ୍ଟେସନର ନାଁ ହେଉଛି ମୋନାକୋ-ମୋଣ୍ଟେ କାର୍ଲୋ। ଏହି ଷ୍ଟେସନ୍‌ଟି ମାର୍ସିଲେ, ନିସ୍, ପ୍ୟାରିସ୍ ଆଦି ଫ୍ରାନ୍ସର ବଡ଼ ବଡ଼ ସହରକୁ ସଂଯୋଗ କରିଥାଏ। ଏହି ଷ୍ଟେସନ ଦେଇ ପ୍ରତିଦିନ ପ୍ରାୟ ୨୦ରୁ ୩୦ ଟ୍ରେନ୍ ଯାତାୟାତ କରିଥାନ୍ତି। ଏହି ଷ୍ଟେସନଟି ଭୂମିଠାରୁ ୪୩ ଫୁଟ ତଳେ ନିର୍ମାଣ କରାଯାଇଛି। ସୁଡ଼ଙ୍ଗ ଭିତରେ ନିର୍ମିତ ଏହି ଷ୍ଟେସନର ଲମ୍ବ ପ୍ରାୟ ୧,୫୨୯ ଫୁଟ ଏବଂ ପ୍ରସ୍ଥ ୭୨ ଫୁଟ। ତେଣୁ ଏଠାରେ ଜନସଂଖ୍ୟା କମ୍ ଥିବାରୁ ସମଗ୍ର ଦେଶକୁ କେବଳ ଗୋଟିଏ ଷ୍ଟେସନ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଅନ୍ୟପଟେ ମୋନାକୋର ପ୍ରତି ତିନିଜଣଙ୍କରୁ ଜଣେ ବ୍ୟକ୍ତିଙ୍କର ସମ୍ପତ୍ତି ଭାରତୀୟ ମୁଦ୍ରାରେ ଆଠକୋଟି ଟଙ୍କାରୁ ଅଧିକ ଥାଏ। ମୋନାକୋର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ। ଆଉ ଏକ ଖାସ୍ କଥା ହେଉଛି, ଏହି ଦେଶରେ ଲୋକଙ୍କୁ ଆୟକର କର ଦେବାକୁ ପଡ଼େ ନାହିଁ।

## ୨୦ରେ 'କାନ୍ତାରା ଚାପ୍ଟର ୧'ର ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଋଷଭ ସେଟ୍ଟୀ 'କାନ୍ତାରା ଚାପ୍ଟର ୧'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପୋଷ୍ଟର୍ ରିଲିଜ୍ ହେବା ପରଠାରୁ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। 'କାନ୍ତାରା'ର ଅପାର ସଫଳତା ପରେ ଏବେ ଏହାର ନିର୍ମାତା ଫିଲ୍ମର ଦ୍ୱିତୀୟ ଭାଗ 'କାନ୍ତାରା ଚାପ୍ଟର ୧' ଆଣୁଛନ୍ତି। ଏହା ଅକ୍ଟୋବର ୨ରେ ମୁକ୍ତିଲାଭ କରିବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହାର ଟ୍ରେଲର୍ ଏଇ ୨୦ ତାରିଖରେ ଆସିପାରେ ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ତେବେ ଏହି ଫିଲ୍ମ ରିଲିଜ୍ ପୂର୍ବରୁ ଏକ ବଡ଼ ରେକର୍ଡ ସେଟ୍ କରିଛି। ଏହାର ଓଟିଟି ରାଇଟ୍‌ସକୁ ପାଖାପାଖି ୧୨୫ କୋଟିରେ ବିକ୍ରି କରାଯାଇଛି। ପ୍ରଥମ ଥର ପାଇଁ କୌଣସି କନ୍ନଡ଼ ଫିଲ୍ମର ଓଟିଟି ରାଇଟ୍‌ସ ଏତେ ଦାମ୍‌ରେ ବିକ୍ରି ହୋଇଛି। ଫିଲ୍ମରେ ଋଷଭ ଲିଡ୍ ରୋଲରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ରୁକ୍ମିଣୀ ବସନ୍ତ ଦେଖାଯିବେ।




## ମାଛ ଖାଦ୍ୟ ପାଇଁ ମେସିନ୍



ଅଧୁନା ମତ୍ସ୍ୟଚାଷ କରି ଅଧିକାଂଶ ଜୀବିକା ନିର୍ବାହ କରୁଛନ୍ତି। ମାଛଚାଷରେ ମାଛଙ୍କୁ ସଠିକ୍ ପୋଷଣ ଦେଲେ ମାଛ ଶରୀର ଓ ଓଜନ ବୃଦ୍ଧି ହୋଇଥାଏ। ମାଛ ସୁସ୍ଥ ରୁହନ୍ତି। ତେଣୁ ପ୍ରାୟତଃ ମାଛ ଖାଦ୍ୟ ପାଇଁ ସମାନ ଅନୁପାତ କୁଣ୍ଡା ଓ ପିଡ଼ିଆ ମିଶାଇ ଖାଦ୍ୟରୂପେ ବ୍ୟବହାର କରନ୍ତି। ଆଉ କିଛି ବଜାରରେ ଉପଲବ୍ଧ ଦାନା ଦେଇଥାନ୍ତି। ମାଛ ଦାନା ପାଇଁ ଖର୍ଚ୍ଚ କିନ୍ତୁ ଅଧିକ ବଢ଼ିଥାଏ। ହେଲେ ଏବେ ଏହି ସମସ୍ୟାକୁ ଫିଡ ମେକିଂ ମେସିନ୍ ତଥା ମାଛ ଦାନା ପ୍ରସ୍ତୁତି ଉପକରଣ ଦୂର କରିପାରିବ। ବଜାରରେ ବିଭିନ୍ନ ପ୍ରକାରର ମାଛ ଖାଦ୍ୟ ପ୍ରସ୍ତୁତ ମେସିନ୍ ଉପଲବ୍ଧ ରହିଛି। ଛୋଟ ପୋଖରୀର ମାଛ ପାଇଁ କମ୍ ଦାନା ବନାଇବାକୁ ଛୋଟ ମେସିନ୍, ବୃହତକାର ଉତ୍ପାଦନ ଏବଂ ବ୍ୟବସାୟ ପାଇଁ ବଡ଼ ମେସିନ୍, ଶସ୍ତା ଏବଂ ଅଧିକ ପରିଶ୍ରମ ଚାହୁଁଥିଲେ ହସ୍ତଚାଳିତ ମେସିନ୍, ସ୍ୱୟଂଚାଳିତ ମେସିନ୍‌ର ସୁବିଧା ମଧ୍ୟ ରହିଛି। ମେସିନ୍‌ର ମୂଲ୍ୟ ୪୫,୦୦୦ଟଙ୍କାରୁ ୨,୫୦,୦୦୦ ଟଙ୍କା ମଧ୍ୟରେ ଥାଏ। ଘରେ ମାଛ ଖାଦ୍ୟ ବା ଦାନା ବନାଇବାକୁ ମକ୍କା, ଚଣା, ସୋୟାବିନ୍, ସୋରିଷ ପିଡ଼ିଆ, କୁଣ୍ଡା ଆଦି କଞ୍ଚାମାଲ ଆବଶ୍ୟକ ହୋଇଥାଏ। ମକ୍କା ସହିତ ଚଣା କିମ୍ବା ସୋୟାବିନ୍ ସହିତ ସୋରିଷ ପିଡ଼ିଆ, କୁଣ୍ଡା ମିଶାଇ ବିଭିନ୍ନ ଆକାରର ମାଛ ଖାଦ୍ୟ ବନାଇପାରିବେ। ଏହା ବିଭିନ୍ନ ସ୍ୱାଦ ସହିତ ଶୁଖିଲା ରୁହେ। ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତିନି। ଏହି ଖାଦ୍ୟ ୨୪ଘଣ୍ଟାରୁ ଅଧିକ ସମୟ ଧରି ପାଣିରେ ଭାସିପାରିବ। ତେବେ କମ୍ ଖର୍ଚ୍ଚରେ ମାଛ ଖାଦ୍ୟ ବନାଇବା ଦ୍ୱାରା ମାଛ ସୁସ୍ଥ ରୁହନ୍ତି। ଓଜନ ବୃଦ୍ଧି ହୁଏ। ତେବେ ଜଣେ ଚାହିଁଲେ ଅତିରିକ୍ତ ଦାନାକୁ ବିକ୍ରି କରି ଆୟ ବୃଦ୍ଧି କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଧାନ ପିଲ ଅବସ୍ଥାରେ ରହିଛି। ଧାନ ବୁଦା ପ୍ରତି ୨ଟି ପତ୍ରମୋଡ଼ା ପୋକ ଦେଖା ଦେଲେ ଏକର ପ୍ରତି କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍‌ସି ୬୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, କଲରା, ଜହ୍ନି, କାକୁଡ଼ି ଆଦି ପନିପରିବା ଫସଲରେ ଲାଗୁଥିବା ସାହେବୀ ରୋଗର ପରିଚାଳନା କରିବା ପାଇଁ ବିହନଗୁଡିକୁ ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁଏସ ୭ ଗ୍ରାମ୍/କେଜି ବିହନ କିମ୍ବା ଥିୟୋମିଥୋକ୍ସାମ ୭୦% ଡବ୍ଲୁଏସ ୭ ଗ୍ରାମ୍ କେଜି ବିହନ ସହିତ ବିଶୋଧନ କରନ୍ତୁ।
- ସେପ୍ଟେମ୍ବର ମାସ ଟମାଟୋ ଲଗାଇବାର ଉପଯୁକ୍ତ ସମୟ। ଟମାଟୋ କିସମ ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ରଶ୍ମି ଓ ନବୀନ ଇତ୍ୟାଦି ଲଗାନ୍ତୁ।
- ବର୍ଷା ପାଗ ଯୋଗୁଁ ଅମୃତଭଣ୍ଡାରେ ମୂଳପଚା ରୋଗର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ।

## ଡ୍ରେନେଜ୍ ପାଇପ୍‌ରେ ୨୫ ପ୍ରକାର ଚାଷ

ପେଶାରେ ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର। ମହାମାରୀ କରୋନା ସମୟରେ ଛାତରେ ବୁଲୁବୁଲୁ ସେ ନିଆରା ଶୈଳୀରେ ଚାଷ କରିବାକୁ ଚିନ୍ତା କରିଥିଲେ। ଆଉ ଏବେ ଛାତ ଉପରେ ଡ୍ରେନେଜ୍ ପାଇପ୍‌ରେ ପ୍ରାୟ ୨୫ରୁ ୩୦ ପ୍ରକାର ପନିପରିବା ଚାଷ କରି ଚର୍ଚ୍ଚାରେ ଅଛନ୍ତି ଦିଲ୍ଲୀର ମିଥିଲେଶ କୁମାର ସିଂହ। ସେ ପ୍ଲାଷ୍ଟିକ୍ କି ସିମେଣ୍ଟ କୁଣ୍ଡ ବଦଳରେ ଡ୍ରେନେଜ୍ ପାଇପ୍‌କୁ ଛୋଟ ଛୋଟ ଷ୍ଟାଣ୍ଡ କରନ୍ତି। ସେଥିରେ ଜୈବିକ ଖତ ଓ ଉର୍ବର ମାଟି ଦେଇ ଭେଣ୍ଡି, ଲାଉ, ବାଇଗଣ, ଲଙ୍କା, କଲରା, ଧଣିଆ, ଶାଗ ତଥା ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫଳ ଚାଷ କରୁଛନ୍ତି। ୩ ଫୁଟ ବିଶିଷ୍ଟ ପ୍ରତିଟି ପାଇପ୍ କୁଣ୍ଡରେ ପାଞ୍ଚ ପ୍ରକାର ପନିପରିବା ଲଗାଯାଇପାରିବ। ଏହି ଷ୍ଟାଣ୍ଡକୁ ସ୍ୱଳ୍ପ ସ୍ଥାନରେ ବି ରଖାଯାଇପାରିବ। ମିଥିଲେଶ ଛାତ ଉପରେ ଅଧିକ ଖମ୍ବ ରଖି ସେଥିରେ ଲେମ୍ବୁ, ନିମ୍ବ, ସଜନା ଆଦି ଲଗାଇଛନ୍ତି। ଚାଷ ସହିତ ପତ୍ନୀ ବିନ୍ଧ୍ୟବାସିନୀ ସିଂହଙ୍କ ସହିତ ନିଜସ୍ୱ ବ୍ୟବସାୟ ଲଞ୍ଚ କରିଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ–ଏନ୍‌ସିଆରରେ ୧୫୦ରୁ ଅଧିକ ଘରେ ଏହି ଡ୍ରେନେଜ୍ ପାଇପ୍ ଷ୍ଟାଣ୍ଡ ପହଞ୍ଚାଇଛନ୍ତି। ମିଥିଲେଶ କୁହନ୍ତି, ଅର୍ଥ ଉପାର୍ଜନ ମୂଳ ଲକ୍ଷ୍ୟ ନୁହେଁ; ଜଣେ କମ୍ ଖର୍ଚ୍ଚରେ ଶୁଦ୍ଧ ପନିପରିବା କିପରି ପାଇବ ତାହା ତାଙ୍କର ଲକ୍ଷ୍ୟ। ଛାତ ଉପରେ ବଗିଚା କରିବା ଦ୍ୱାରା ମୋବାଇଲ୍‌ରେ ଅଧିକ ସମୟ ବିତାଇବାକୁ ପଡ଼େନାହିଁ। ଜୀବନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ।



## ଚିନାବାଦାମରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି



**ଡ.କଳ୍ପନା ରାୟଗୁରୁ**

ଆମ ରାଜ୍ୟରେ ବହୁଳ ପରିମାଣରେ ଚିନାବାଦାମ ଚାଷ କରାଯାଏ। ଚିନାବାଦାମ ମଞ୍ଜିରୁ ସାଧାରଣତଃ ତେଲ ନିଷ୍କାସନ କରାଯାଇ ତା'ର ଖଦଡା ଅଂଶ ପଶୁଖାଦ୍ୟ କିମ୍ବା ଖତପିଡିଆ ଭାବେ ବ୍ୟବହୃତ ହୋଇଥାଏ। ଚିନାବାଦାମ ମଞ୍ଜିରେ ବହୁଳ ପରିମାଣର ପୁଷ୍ଟିସାର ଏବଂ ଶ୍ୱେତସାର ଥାଏ। ତେବେ ଓଡିଶା ଜଳବାୟୁରେ ଅଧିକ ସମୟ ଚିନବାଦାମ ସଂରକ୍ଷଣ ହୋଇପାରୁନଥିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଥାଏ। ହେଲେ ଚାଷୀମାନେ ଚିନାବାଦାମରୁ ଅତି ସହଜ ଉପାୟରେ କିଛି ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ଯଥା- ଚିନାବାଦାମ କ୍ଷୀର, ଛେନା, ପନୀର, ଲହୁଣ ଆଦି କରି ଆୟ ବୃଦ୍ଧି କରି ପାରିବେ। କେବଳ ସେତିକି ନୁହେଁ, ଗାଈ କ୍ଷୀର ସହ୍ୟ କରିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଚିନାବାଦାମରୁ ପ୍ରସ୍ତୁତ କ୍ଷୀର ଓ ଛେନା ଆଦି ଏକ ସୁଲଭ ବିକଳ୍ପ ହୋଇପାରିବ।

**ଚିନାବାଦାମ କ୍ଷୀର**

ଏକ କେଜି ଚିନାବାଦାମ ମଞ୍ଜିରୁ ପାଖାପାଖି ୪.୫ ଲିଟର କ୍ଷୀର ପ୍ରସ୍ତୁତ ହୋଇପାରିବ। ପ୍ରଥମେ ମଞ୍ଜିକୁ ସଫାପାଣିରେ ସାରାରାତି (ପ୍ରାୟ ୮ ଘଣ୍ଟା) ଭିଜାଇବାକୁ ହେବ। ଏହାଦ୍ୱାରା ମଞ୍ଜିଗୁଡିକ ଫୁଲି ନରମ ହୁଏ ଏବଂ ବାଟିବାପାଇଁ ସହଜ ହୁଏ। ୧ କେଜି ଭିଜା ମଞ୍ଜିକୁ ଚାରିଲିଟର ପାଣି ମିଶାଇ ଚିକ୍କଣ କରି ବାଟି ସେହି ମିଶ୍ରଣକୁ ଦୁଇପରସ୍ତ ମଶାରୀକନା ବା ଷ୍ଟିଲ ଜାଲିରେ ଭଲ ଭାବରେ ଛାଣିବା ଆବଶ୍ୟକ। ଏହାଦ୍ୱାରା କ୍ଷୀରଅଂଶ ଖଦଡା ଅଂଶରୁ ଅଲଗା ହୋଇଥାଏ। ଫଳରେ କ୍ଷୀରରେ ଅଧିକ ପୁଷ୍ଟିସାର ରହିଥାଏ। ଖଦଡା ଅଂଶକୁ ଶୁଖାଇ ମୂଲ୍ୟଯୁକ୍ତ ଖାଦ୍ୟଉତ୍ପାଦ ବା ପଶୁଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ। ଚିନାବାଦାମ କ୍ଷୀରକୁ ଅଧିକ ସ୍ୱାଦିଷ୍ଟ ଓ ସୁଗନ୍ଧିତ କରିବାକୁ ଏଥିରେ ଗୁଜୁରାତି, ଲବଙ୍ଗ ଓ ଭାନିଲା ଆଦି ମିଶାଇ ପାରିବେ। ଗାଈକ୍ଷୀର ସହ୍ୟ କରିପାରୁନଥିବା ମନୁଷ୍ୟଶରୀର ପାଇଁ ଏହି ଚିନାବାଦାମ କ୍ଷୀର ଅତ୍ୟନ୍ତ ଉପଯୋଗୀ।

**ଚିନାବାଦାମ ଛେନା**

ଉପରୋକ୍ତ ପଦ୍ଧତିରେ ଚିନାବାଦାମ କ୍ଷୀର ପ୍ରସ୍ତୁତ କରି, ତାହାକୁ ଫୁଟାଇ ସେଥିରେ ଶତକଡ଼ା ତିନି ଭାଗ ଭିନେଗାର ମିଶାଯାଏ। ଏହାକୁ ଭଲଭାବେ ଘାଣ୍ଟି ଅଧଘଣ୍ଟା ପର୍ଯ୍ୟନ୍ତ ସ୍ଥିର ରଖିଲେ କ୍ଷୀରଟି ଛେନା ଓ ଛେନାପାଣିରେ ଭାଗ ହୋଇଯାଏ। ଏହାକୁ ଷ୍ଟିଲ୍ ଜାଲି ବା ମଶାରୀ କପଡାରେ ଛାଣି ଘରୋଇ ପଦ୍ଧତିରେ ଛେନା ପ୍ରସ୍ତୁତ କରାଯାଏ।

ସେହିପରି ଛେନା ବ୍ଲକ(ପନିର) ପ୍ରସ୍ତୁତ କରିବା ପାଇଁ ଛେନାପ୍ରେସ (Cheese Press) ବ୍ୟବହାର କରାଯାଇପାରିବ। ଏହି ପଦ୍ଧତିରେ ପ୍ରସ୍ତୁତ ଛେନା ଏକ ବ୍ଲକ ଆକାରରେ ବାହାରିଥାଏ। ଏହାକୁ ନିଜ ପସନ୍ଦ ଅନୁଯାୟୀ ଛେନାଖଣ୍ଡ କାଟି ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ଏକ କେଜି ଚିନାବାଦାମ ମଞ୍ଜିରୁ ହାରାହାରି ୮୦୦ଗ୍ରାମ ପନିର ପ୍ରସ୍ତୁତ ହୋଇପାରିବ।

**ଚିନାବାଦାମ ଲହୁଣୀ**

ଚିନାବାଦାମ ଲହୁଣୀ (Butter) ପ୍ରସ୍ତୁତି ନିମନ୍ତେ ପ୍ରାୟ ୩୦୦ ଗ୍ରାମ ଛଡାମଞ୍ଜିରେ ୧/୪ ଚାମଚ ଲୁଣ, ୨ ଚାମଚ ମହୁ ଓ ୨ ଚାମଚ ତେଲର ବ୍ୟବହାର ହୁଏ। ପ୍ରଥମେ ଚୋପାଛଡ଼ା ଚିନାବାଦାମ ମଞ୍ଜିକୁ ବାଦାମୀରଙ୍ଗ ହେବା ପର୍ଯ୍ୟନ୍ତ ଭଜାଯାଏ। ମଞ୍ଜିଗୁଡିକ ଥଣ୍ଡା ହେବାପରେ ତାକୁ ଗ୍ରାଇଣ୍ଡରରେ ଗୁଣ୍ଡକରି ସେଥିରେ ଲୁଣ, ମହୁ ମିଶାଇ ଆଉଥରେ ବାଟିଦେଲେ ତାହା ଚିକ୍କଣ ଓ ଚମକଥିବା ଲହୁଣୀ ପରି ଲାଗିବ।

ସ୍ୱଳ୍ପ ଖର୍ଚ୍ଚରେ, ଘରେ ଏବଂ ବ୍ୟବସାୟିକ ଭିତ୍ତିରେ ଚିନାବାଦାମ ମଞ୍ଜିରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରାଯାଇପାରିବ। ଏହି ପଦ୍ଧତି ଅନୁସରଣ କରି ଗାଁ'ର ବେକାର ଯୁବକ ଯୁବତୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରୋଜଗାରର ପନ୍ଥା ପାଇ ପାରିବେ।

ଅବସରପ୍ରାପ୍ତ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର

ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ବହିଷ୍କୃତ ନହେଲେ ...

# ଏସିଆ କପ୍‌ରୁ ଓହରିଯିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯ (ଏଜେନ୍ସି)



ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହାଇଭୋଲଟେଜ୍ ଗ୍ରୁପ୍-ଏ' ଲିଗ୍ ମ୍ୟାଚ୍‌କୁ ନେଇ ହାଇ ଡ୍ରାମା ଆରମ୍ଭ ହୋଇଯାଇଛି। ଏହି ମ୍ୟାଚ୍‌ରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ୭ ୱିକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା। ମ୍ୟାଚ୍ ଆରମ୍ଭ ବେଳେ କିମ୍ବା ମ୍ୟାଚ୍ ଶେଷହେବା ପରେ ଉଭୟ ପକ୍ଷର ଖେଳାଳିମାନେ କେହି କାହା ସହ ହାତ ମିଳାଇ ନ ଥିଲେ। ଟସ୍ ପଡ଼ିବା ସମୟରେ ମ୍ୟାଚ୍ ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘାଙ୍କୁ ପ୍ରତିପକ୍ଷ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ମିଳାଇବାକୁ କୁଆଡେ ମନା କରି ଥିଲେ। ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଏହି ମ୍ୟାଚ୍ ରେଫରିଙ୍କୁ ତୁରନ୍ତ ବିଦା କରିବାକୁ ଆଇସିସି ନିକଟରେ ଅଭିଯୋଗ କରିଛି। ପାଇକ୍ରଫ୍ଟଙ୍କୁ ବହିଷ୍କୃତ କରା ନ ଗଲେ ଏସିଆ କପ୍‌କୁ ପାକିସ୍ତାନ ଓହରିଯିବାକୁ ଧମକ ଦେଇଛି। ସେହିପରି ମ୍ୟାଚ୍ ପରେ ଭାରତୀୟ ଖେଳାଳି ହାତ ମିଳାଇ ନ ଥିବାରୁ ପାକିସ୍ତାନ କ୍ରିକେଟ ଦଳର ମ୍ୟାନେଜର ଏସୀୟ କ୍ରିକେଟ କାଉନ୍ସିଲ ନିକଟରେ ଅଭିଯୋଗ କରିଛନ୍ତି। ଆଣ୍ଡି ପାଇକ୍ରଫ୍ଟ ଆଇସିସି ଆଚରଣ ସଂହିତା ଓ ସ୍ପିରିଟ୍ ଅଫ୍ ଦି ଗେମ୍‌ର ଉଲ୍ଲଙ୍ଘନ କରିଥିବା ଏବଂ ଭାରତୀୟ ଖେଳାଳିମାନେ ଖେଳୱାଡ ମନୋଭାବ ଦେଖାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ପାକିସ୍ତାନ ତାହାର ଅଧିନାୟକ ସଲମାନ୍ ଅଲିଙ୍କୁ ସାମ୍ବାଦିକ ସମ୍ମିଳନୀକୁ ପ୍ରତିକ୍ରିୟା ଦେବାକୁ ଛାଡି ନ ଥିଲେ। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ବିଜୟକୁ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ଓ ସେମାନଙ୍କ ପରିବାର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଅଭିଯୋଗ ଆଣିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ଏସୀୟ କ୍ରିକେଟ କାଉନ୍‌ସିଲର ସଭାପତି ଜଣେ ବ୍ୟକ୍ତି। ସେ ହେଉଛନ୍ତି ପାକିସ୍ତାନର ମୋହସିନ ନକ୍‌ଭି। ସେହିପରି ଆଇସିସି ଅଧ୍ୟକ୍ଷ ଭାବେ ଭାରତର ଜୟ ଶାହା ରହିଛନ୍ତି। ଏଭଳି ସ୍ଥିତିରେ ଏହି ଅଭିଯୋଗ ସମ୍ପର୍କରେ କିପରି ବିଚାର କରାଯିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ସେହିପରି ଉଭୟ ଦଳ ସେପ୍ଟେମ୍ବର ୨୧ରେ ପରସ୍ପର ସହ ପୁଣିଥରେ ଭେଟାଭେଟି ହେବାର ସମ୍ଭାବନା ରହିଛି। ଯଦି ଏହି ଭେଟାଭେଟି ସମ୍ଭବ ହୁଏ, ତେବେ ନିଶ୍ଚିତଭାବେ ଉତ୍ତେଜନାମୂଳକ ହେବ ବୋଲି ନିଶ୍ଚିତଭାବେ ଆଶଙ୍କା କରାଯାଉଛି।

## ମ୍ୟାଚ୍ ରେଫରିଙ୍କୁ ବହିଷ୍କାର ଲାଗି ଆଇସିସି ନିକଟରେ ପିସିବିର ଫେରାଦ



ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବୟକଟ କରିବାକୁ ଆହ୍ୱାନ ଓ ଫାଙ୍କା ଷ୍ଟାଡିୟମ୍‌ରେ ନିରୁତ୍ସାଜନକ ମ୍ୟାଚ୍ ପରେ ଏହାକୁ ନେଇ ଡ୍ରାମା ଚାଲିଛି। ଏହି ମ୍ୟାଚ୍‌ର ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାରଙ୍କ ହାତ ମିଳାଇବାକୁ ପାକିସ୍ତାନ ଅଧିନାୟକ ସଲମାନଙ୍କୁ ବାରଣ କରିଥିଲେ। ଏହା ଜଣାପଡ଼ିବା ପରେ ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ତୁରନ୍ତ ଏସିଆ କପ୍‌ରୁ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗରେ ଆଇସିସି ଆଚରଣ ସଂହିତା ଓ ମ୍ୟାଚ୍ ପରିଚାଳନା ଲାଗି ଏମସିସି ପକ୍ଷରୁ ପ୍ରଣୟନ କରାଯାଇଥିବା ସ୍ପିରିଟ୍ ଅଫ୍ କ୍ରିକେଟ ନିୟମକୁ ପାଇକ୍ରଫ୍ଟ ଉଲ୍ଲଙ୍ଘନ କରିଥିବା ଦର୍ଶାଯାଇଛି। ଏହି ଅଭିଯୋଗ କରିଛନ୍ତି ପାକିସ୍ତାନ ତଥା ଏସୀୟ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ମୋହସିନ ନକ୍‌ଭି। ସେ ଏହି ଅଭିଯୋଗ ଆଇସିସିର ଅଧ୍ୟକ୍ଷ ଥିବା ଭାରତୀୟ ଜୟ ଶାହଙ୍କ ନିକଟରେ କରିଛନ୍ତି।

ଏସିଆ କପ୍ ଆୟୋଜନରେ ଆଇସିସିର କୌଣସି ଭୂମିକା ନାହିଁ। ମ୍ୟାଚ୍ ବା ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଆଇସିସି ପକ୍ଷରୁ ମ୍ୟାଚ୍ ରେଫରି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିଯୁକ୍ତି କରାଯାଇଥାଏ। ମ୍ୟାଚ୍ ରେଫରିଙ୍କୁ ବହିଷ୍କାର କରିବା କିମ୍ବା ପରିବର୍ତ୍ତନ କରିବା ଅଧିକାର କେବଳ ଆଇସିସିର ରହିଛି। ଏହା ଆୟୋଜନ କରୁଥିବା ଦେଶର ଇଛା ବିରୋଧରେ କରିପାରିବ ନାହିଁ। ୟୁଏଇରେ ଏବେ ଚାଲିଥିବା ଏସିଆ କପ୍‌ର ଆୟୋଜନ ଭାରତ କରୁଛି। ଏଣୁ ଭାରତୀୟ କ୍ରିକେଟ ବୋର୍ଡ ବା ବିସିସିଆଇର ବିନା ପରାମର୍ଶରେ ପାଇକ୍ରଫ୍ଟଙ୍କୁ ବିଦା କରିବା କିମ୍ବା ପରିବର୍ତ୍ତନ କରିବା ଆଇସିସି ପକ୍ଷେ ସମ୍ଭବ ହେବ ନାହିଁ।

## ଅଣଖେଳୱାଡ ମନୋଭାବକୁ ବିରୋଧ

ପାକିସ୍ତାନକୁ ୭ ୱିକେଟରେ ହରାଇ ପ୍ରଭାବୀ ବିଜୟ ହାସଲ କରିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର କେବଳ ତାଙ୍କ ବ୍ୟାଟିଂ ପାର୍ଟନରଙ୍କ ସହ ହାତମିଳାଇ ସିଧା ପାଭିଲିୟନ ଚାଲିଯାଇଥିଲେ। ମ୍ୟାଚ୍ ପରେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ ପାରମ୍ପରିକ ହାତ ନ ମିଳାଇବାକୁ ସେ ଏଡ଼ାଇଯାଇଥିଲେ। ଏହି ଘଟଣା ପାକିସ୍ତାନ ଖେଳାଳି ଓ କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା। ଏହାକୁ ବିରୋଧ କରି ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା ସାମ୍ବାଦିକ ସମ୍ମିଳନୀକୁ ଆସି ନ ଥିଲେ। କୋଚ୍ ମାଇକ୍ ହେସନ ଏହି ଘଟଣାକୁ ନିରାଶାଜନକ ବୋଲି କହିଥିଲେ। ଆମ ଖେଳାଳିମାନେ ହାତ ମିଳାଇବାକୁ ପ୍ରସ୍ତୁତ ଥିଲେ, କିନ୍ତୁ ଭାରତୀୟ ଖେଳାଳି ଏହାକୁ ଏଡ଼ାଇଯାଇଥିଲେ ବୋଲି ହେସନ କହିଥିଲେ। ସେହିପରି ପାକିସ୍ତାନ କ୍ରିକେଟ ଟିମ୍ ମ୍ୟାନେଜର ଏହାକୁ ବିରୋଧ କରି ଟୁର୍ଣ୍ଣାମେଣ୍ଟ କମିଟି ଆଗରେ ଭାରତୀୟ ଖେଳାଳିଙ୍କ ଅଣଖେଳୱାଡ ମନୋଭାବ ବିରୋଧରେ ଅଭିଯୋଗ ଆଣିଛନ୍ତି।

## ପହଲଗାମ ମୃତ ଓ ସେମାନଙ୍କ ପରିବାରଙ୍କୁ ସୂର୍ଯ୍ୟଙ୍କ ସମର୍ଥନ

ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତର ଏହି ବିଜୟକୁ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ, ସେମାନଙ୍କ ପରିବାର ଓ ଅପରେସନ ସିନ୍ଦୁରରେ ସାହସ ଉଚିତ ପଦକ୍ଷେପ ନେଇଥିବା ଭାରତୀୟ ସେନାକୁ ଉତ୍ସର୍ଗ କରିଛନ୍ତି। ଆମେ ସମସ୍ତେ ଏକ ବୋଲି ସେ କହିଛନ୍ତି। ଆମେ ଯାହା କରିଛୁ ତାହା ଭାରତ ସରକାର ଓ ବିସିସିଆଇର ମିଳିତ ନିଷ୍ପତ୍ତି। ଏଣୁ ଏହାକୁ ଆମେ ହେୟ ମନେ କରୁନାହୁଁ। ମୁଁ ଭାବୁଛି ଖେଳୁଆଡ ମନୋଭାବ ପ୍ରଦର୍ଶନ ବାହାରେ ମଧ୍ୟ ଜୀବନରେ ଅନେକ କିଛି ରହିଛି। ଯାହାକୁ ଆମେ ଏଡ଼ାଇଯାଇ ପାରିବୁ ନାହିଁ। ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବା କେବଳ ମୋର ନିଷ୍ପତ୍ତି ନ ଥିଲା। ମୁଁ ଭାବୁଛି ଏହା ପ୍ରତିଦ୍ୱନ୍ଦ୍ୱୀଙ୍କୁ ଉପଯୁକ୍ତ ଜବାବ। ସରକାର ଓ ବିସିସିଆଇ ଏକତ୍ର ହୋଇ ନିଷ୍ପତ୍ତି ନେଉଛନ୍ତି। ଆମେ କେବଳ ଏଠାରେ ଖେଳିବାକୁ ଆସିଛୁ ବୋଲି ସୂର୍ଯ୍ୟକୁମାର କହିଥିଲେ।

## ଦଣ୍ଡିତ ହେବ କି ଭାରତ ?

ଏସିଆ କପ୍‌ରେ ମ୍ୟାଚ୍ ପରେ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ନ ମିଳାଇ ପାଭିଲିୟନ ଫେରିଥିବା ଭାରତୀୟ ଖେଳାଳି କିମ୍ବା ଦଳ ଭୁଲ କରିଛନ୍ତି କି? ଏପରି କରିବା ଠିକ୍ ହୋଇଛି କି? ଏଭଳି ଅନେକ ପ୍ରଶ୍ନର ଉତ୍ତର କେବଳ ଦେଇ ପାରିବ ଆଇସିସି ଦ୍ୱାରା ପ୍ରଣୀତ ଆଚରଣ ସଂହିତା। ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏହାର ଅର୍ଥ ଭାରତୀୟ ଖେଳାଳିମାନେ କିଛି ତ୍ରୁଟି କରିଛନ୍ତି ଓ ଅଣଖେଳୁଆଡ ମନୋଭାବ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାରେ ଏଯାଏ କିଛି ଦଣ୍ଡବିଧାନ କରାଯାଇନାହିଁ। କିନ୍ତୁ ଏଭଳି ଅପରାଧ କରୁଥିବା ଦଳ ବିରୋଧରେ କଠୋର ନୁହେଁ ହାଲ୍‌କା ଦଣ୍ଡ ବିଧାନ କରିବାର ପରମ୍ପରା ରହିଛି। ଅଧିକ ଦଣ୍ଡ ଭାବେ ଦଳକୁ ଚେତାବନୀ କିମ୍ବା କିଛି ଅର୍ଥଦଣ୍ଡ ଦିଆଯିବ।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ବାଂଲାଦେଶ-ଆଫଗାନିସ୍ତାନ**

ଭେନ୍ୟୁ : ଆବୁଧାବି

ଖେଳ ଆରମ୍ଭ : ରାତି ୮ଟା

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ଅଂଶୁମାନ ଅର୍ଦ୍ଧଶତକରୁ ବଞ୍ଚିତ

ଦୁବାଇ,୧୫।୯ (ଏଜେନ୍ସି): ନିଜାଖତ ଖାନ୍‌ଙ୍କ ଅର୍ଦ୍ଧଶତକ ଓ ଅଂଶୁମାନ ରଥଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଶ୍ରୀଲଙ୍କା ସହ ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ହଂକଂ ଚୀନ୍ ୪ ୱିକେଟରେ ୧୪୯ ରନ୍ ସଂଗ୍ରହ କରିଛି। ଜବାବରେ ୧୩ ଓଭର ଖେଳ ଶେଷସୁଦ୍ଧା ଶ୍ରୀଲଙ୍କା ୨ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପାଥୁମ ନିଶାଙ୍କା ୫୯ ଓ କୁଶାଲ ପରେରା ୬ ରନ୍‌ରେ ବ୍ୟାଟିଂ କରୁଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ପକ୍ଷରୁ ନିଜାଖତ ମାତ୍ର ୩୮ ବଲ୍ ଖେଳି ୪ ଚୌକା ଓ ୨ଛକା ସହ ସର୍ବାଧିକ ୫୨ ରନ୍ କରି ଅପରାଜିତ ରହିଥିଲେ। ଓପନର ତଥା ଓଡ଼ିଆ ଖେଳାଳି ଅଂଶୁମାନ ରଥ ୪୮ ରନ୍ କରି ମାତ୍ର ୨ ରନ୍ ଲାଗି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ଜିଶାନ ଅଲି ଓ ଅଂଶୁମାନ ପ୍ରଥମ ୱିକେଟରୁ ୪୧ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଶ୍ରୀଲଙ୍କାର ଶାଣିତ ବୋଲରମାନେ ଏଠାରେ ବିଶେଷ ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଦଳର ଫାଷ୍ଟ ବୋଲି ଦୁଷ୍ମନ୍ତ ଚାମୀରା ୪ଟି ମଧ୍ୟରୁ ଅଧା ବା ୨ଟି ୱିକେଟ ପାଇଥିଲେ। ୱାନିନ୍ଦୁ ହାସରଙ୍ଗା ଓ ଦାସୁନ ଶାନକାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶକୁ ପରାସ୍ତ କରିଥିଲାବେଳେ ହଂକଂ ୨ଟି ଯାକ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇସାରିଛି।

## ବାଦ୍ ପଡ଼ିଲେ ନବୀନ-ଉଲ-ହକ୍



ଦୁବାଇ,୧୫।୯ (ଏଜେନ୍ସି): କାନ୍ଧରେ ଆଘାତ ଲାଗିଥିବାରୁ ଆଫଗାନିସ୍ତାନର ଫାଷ୍ଟ ବୋଲର ନବୀନ-ଉଲ-ହକ୍ ଚଳିତ ଏସିଆ କପ୍‌ରେ ବାଦ୍ ପଡ଼ିଛି। ଆଫଗାନିସ୍ତାନକୁ ଏହା ଶକ୍ତ ଧକ୍କା ଦେଇଥିଲାବେଳେ ରିଜର୍ଭ ଖେଳାଳି ଫାଷ୍ଟ ବୋଲର ଅବଦୁଲ୍ଲା ଅହମ୍ମଦ୍‌ଜାଇଙ୍କୁ ଦଳରେ ସାମିଲ କରାଯାଇଛି। ଆଫଗାନିସ୍ତାନ ତାହାର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ଆସନ୍ତାକାଲି ବାଂଲାଦେଶ ସହ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ସୁପର-୪'ରେ ସ୍ଥାନ ପାଇବା ଆଶା ରହିବ।

## ୟୁଏଇର ପ୍ରଥମ ବିଜୟ

ଆବୁଧାବି,୧୫।୯ (ଏଜେନ୍ସି): ଫାଷ୍ଟ ବୋଲର ଜନୈଦ ସିଦ୍ଦିକ (୪/୨୩)ଙ୍କ ଘାତକ ବୋଲିଂ, ଅଧିନାୟକ ମହମ୍ମଦ୍ ୱାସିମ୍ (୬୯) ଓ ଆଲିସାନ ସରାଫୁ (୫୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ଏ' ମୁକାବିଲାରେ ୟୁଏଇ ୪୨ ରନ୍‌ରେ ଓମାନକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୨ ରନ୍ କରିଥିଲା। ଓମାନର ଜିତେନ ରାମଚଣ୍ଡି ୨ଟି ୱିକେଟ ପାଇଥିଲେ। ଜବାବରେ ଓମାନ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ୧୮.୪ ଓଭରରେ ୧୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓମାନ ପକ୍ଷରୁ ଆର୍ଯ୍ୟନ ବିସ୍ତ ସର୍ବାଧିକ ୨୪, ବିନାୟକ ଶୁକ୍ଳା ଓ ଅଧିନାୟକ ଜତିନ୍ଦର ସିଂହ ୨୦ ରନ୍ ଲେଖାଏଁ, ରାମଚଣ୍ଡି ୧୩, ସକିଲ ଅହମ୍ମଦ୍ ଅପରାଜିତ ୧୭ ରନ୍ କରି ଡବଲ ଫିଗର ଛୁଇଁଥିଲେ। ବିଜୟୀ ୟୁଏଇ ପକ୍ଷରୁ ଜୁନୈଦଙ୍କ ବ୍ୟତୀତ ହାଇଦର ଅଲି ଓ ମହମ୍ମଦ୍ ଜୱାଦୁଲ୍ଲା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଇର୍ଫାନ ଆମ୍ବାସଡର

## ଚାମ୍ପିଅନ ଦଳକୁ ୫୦ ଲକ୍ଷ ପୁରସ୍କାର



କଟକ,୧୫।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚାମ୍ପିଅନ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ୨୫ ଲକ୍ଷ ଟଙ୍କା ମିଳିବ। ୬ଟି ଦଳକୁ ନେଇ ଆସନ୍ତା ୧୭ ତାରିଖରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଆଜି ଓଡ଼ିଶା କ୍ରିକେଟ ଆସୋସିଏସନର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦିଆଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ସମ୍ମିଳନୀରେ ଯୋଗ ଦେଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବାବଦରେ କହିଥିଲେ। ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂହ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିବେ। ସେହିପରି ବ୍ରେଟ୍ ଲି'ଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ଲିଗର ବ୍ରାଣ୍ଡଆମ୍ବାସଡର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଳ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇବେ। ଲିଗ୍‌ରେ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ହଜାର ଟଙ୍କା, ପ୍ଲେୟର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ। ବିନା ମୂଲ୍ୟରେ ଟିକଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ସାମ୍ବାଦିକ ସମ୍ମିଳନୀରେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଉପସ୍ଥିତ ଥିଲେ।

## ଇଂଲଣ୍ଡରେ ଭାରତ-ପାକିସ୍ତାନ ୨୦୨୬ ପ୍ରୋ-ଲିଗ୍ ହକି ମୁକାବିଲା

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକିର ସପ୍ତମ ସିଜନ ୨୦୨୬ରେ ଆରମ୍ଭ ହେବ। ନ୍ୟୁଜିଲାଣ୍ଡ ଏହି ହାଇ ପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାରୁ ପାକିସ୍ତାନକୁ ଖେଳିବାକୁ ସୁଯୋଗ ମିଳିଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି। ଏଣୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ଇଂଲଣ୍ଡରେ ଜୁନ୍ ୨୩-୨୮ ମଧ୍ୟରେ ଖେଳାଯିବ ବୋଲି ଖେଳସୂଚୀରୁ ଜଣାଯାଇଛି। କିନ୍ତୁ ଭାରତର ମହିଳା ଦଳ ଏଥର ଖେଳିବାରୁ ବଞ୍ଚିତ ହୋଇଛି। ଏଥର ପ୍ରୋ ଲିଗ୍ ଡିସେମ୍ବର ୯ରୁ ଆରମ୍ଭ ହେବ ଓ ୧୦ଟି ଦେଶରେ ୧୪୪ଟି ମ୍ୟାଚ୍ ଖେଳାଯିବ। ନେଦରଲାଣ୍ଡସ ଉଭୟ ପୁରୁଷ ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

## କ୍ୟାଣ୍ଡିଡେଟସ ଚେସ୍ ଲାଗି ବୈଶାଳୀଙ୍କ ଯୋଗ୍ୟତା



ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଭାରତୀୟ ମହିଳା ଚେସ୍ ତାରକା ଆର୍ ବୈଶାଳୀ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟାଇଟଲ ବଜାୟ ରଖିଛନ୍ତି। ଏହା ଫଳରେ ସେ ୨୦୨୬ରେ ଖେଳାଯିବାକୁ ଥିବା ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରାଣ୍ଡ ସ୍ୱିସ୍ ଟୁର୍ଣ୍ଣାମେଣ୍ଟରେ ୨୪ ବର୍ଷୀୟା ବୈଶାଳୀ ଶେଷ ରାଉଣ୍ଡରେ ତାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ଫଳରେ ୧୧ ରାଉଣ୍ଡରୁ ୮ ପଏଣ୍ଟ ପାଇଥିଲେ। ଏହି ପଏଣ୍ଟ ତାଙ୍କୁ ଟାଇଟଲ ଜିତିବାରେ ସହାୟକ ହୋଇଥିଲା। ବୈଶାଳୀଙ୍କ ପୂର୍ବରୁ ଭାରତରୁ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ କ୍ୟାଣ୍ଡିଡେଟସ ଚେସ୍ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଉଭୟ ଖେଳାଳି ଫିଡେ ମହିଳା ୱାର୍ଲ୍ଡ କପ୍ ଫାଇନାଲରେ ପ୍ରବେଶ କରିବା ସହ କ୍ୟାଣ୍ଡିଡେଟସ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ୧୧ ବର୍ଷ ପରେ ଦୁଲୀପ ଟ୍ରଫି ଜିତିଲା କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୫।୯ (ଏଜେନ୍ସି)





ରଜତ ପାଟିଦାରଙ୍କ କେନ୍ଦ୍ରାଞ୍ଚଳ ଚଳିତବର୍ଷର ପ୍ରଥମ ବିସିସିଆଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫି ଚାମ୍ପିଅନ୍ ହୋଇଛି। ସୋମବାର ୫ମ ତଥା ଅନ୍ତିମ ଦିନରେ ସମାପ୍ତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳକୁ ୬ ୱିକେଟ୍‌ରେ କେନ୍ଦ୍ରାଞ୍ଚଳ ପରାସ୍ତ କରିଛି। ଫାଇନାଲ ମ୍ୟାଚ୍ ଜିତିବା ପାଇଁ କେନ୍ଦ୍ରାଞ୍ଚଳକୁ ଦ୍ୱିତୀୟ ଇନିଂସରେ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଶେଷ ଦିନର ପ୍ରଥମ ଅଧିବେଶନରେ ୪ ୱିକେଟ୍ ହରାଇ କେନ୍ଦ୍ରାଞ୍ଚଳ ଫାଇନାଲ ମ୍ୟାଚ୍‌କୁ ଜିତି ନେଇଥିଲା। ୨୦୧୪-୧୫ ଋତୁରେ ଶେଷଥର ଦୁଲୀପ ଟ୍ରଫି ଜିତିଥିବା କେନ୍ଦ୍ରାଞ୍ଚଳ ୧୧ ବର୍ଷ ପରେ ଏହି ଟ୍ରଫି ଜିତିପାରିଛି। ମୋଟଉପରେ ୭ମ ଥର କେନ୍ଦ୍ରାଞ୍ଚଳ ଦୁଲୀପ ଟ୍ରଫି ଚମ୍ପିଆନ୍ ହୋଇପାରିଛି। ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୩୬୨ ରନ୍ ପଛରେ ରହିବା ପରେ ୨ୟ ଇନିଂସରେ ୪୨୬ ରନ୍ କରି ପାରିଥିଲା। ଫଳରେ ୨ୟ ଇନିଂସରେ କେନ୍ଦ୍ରାଞ୍ଚଳକୁ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଶେଷଦିନର ପିଚ୍‌ରେ ବ୍ୟାଟିଂ କରିବା ସହଜ ନଥିଲା। ଦକ୍ଷିଣାଞ୍ଚଳର ବାମହାତି ପେସ୍ ବୋଲର ଗୁରଜାପନୀତ ସିଂହ ଓ ବାମହାତି ସ୍ପିନର ଅଙ୍କିତ ଶର୍ମା ଚମତ୍କାର ବୋଲିଂ କରିବାରୁ କେନ୍ଦ୍ରାଞ୍ଚଳ ୫ମ ତଥା ଶେଷଦିନରେ ୨୪ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଓପନର ଡାନିସ୍ ମାଲେୱାର ୫, ଶୁଭମ୍ ଶର୍ମା ୮ ଓ ସାରାଂଶ ଜୈନ ୪ ରନ୍‌କରି ବିଦାୟ ନେଇଥିଲେ। ଅଧିନାୟକ ରଜତ ପାଟିଦାର ୧୩ ରନ୍‌କରି ଆଉଟ୍ ହୋଇଥିଲେ। ଅନ୍ୟ ଓପନର ଅକ୍ଷୟ ୱାଡ଼କର ୧୯ ଓ ଯଶ ରାଠୋଡ଼ ୧୩ ରନ୍‌କରି ଅପରାଜିତ ଥିଲେ। ଗୁରଜାପନୀତ ସିଂହ ଓ ଅଙ୍କିତ ଶର୍ମା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରଥମ ଇନିଂସରେ ୧୯୪ ରନ୍ କରିଥିବା ଯଶ ରାଠୋଡ଼ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୧୬ଟି ୱିକେଟ୍ ନେଇଥିବା ସାରାଂଶ ଜୈନ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS